ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୨୭
୨୪ ଡିସେମ୍ବର, ୨୦୨୫ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 227
24th December, 2025 Wednesday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଈଶା ବାସ୍ୟମିଦଂ ସର୍ବଂ ଯତ୍କିଞ୍ଚ ଜଗତ୍ୟାଂ ଜଗତ୍ ।**
**ତେନ ତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃ କସ୍ୟ ସ୍ୱିଦ୍ ଧନମ୍**

ଅଖିଳ ବ୍ରହ୍ମାଣ୍ଡରେ ଯାହା କିଛି ବି ଜଡ଼ ଚେତନା ରୂପ ଜଗତ୍ ଅଛି ଏହା ସମସ୍ତ ଈଶ୍ୱରଙ୍କ ଦ୍ୱାରା ବ୍ୟାପ୍ତ ଅଟେ । ସେହି ଈଶ୍ୱରଙ୍କ ସହିତ ରହି ତ୍ୟାଗ ପୂର୍ବକ ତାହାକୁ ଭୋଗକର । ଏହା ସହିତ ଆସକ୍ତ ହୁଅନାହିଁ । କାରଣ ଧନ-ଭୋଗ ପଦାର୍ଥ । କାହାରି ମଧ୍ୟ ନୁହେଁ ।

# ୧୧.୯ ଡିଗ୍ରି ତଳେ ଭୁବନେଶ୍ୱର

**ଭୁବନେଶ୍ୱର, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀ ଭୁବନେଶ୍ୱରର ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି । ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୧୧.୯ ଡିଗ୍ରି ସେଲସିୟସକୁ ଖସି ଆସିଛି । ଗତ ତିନିଦିନ

### ୨୫ରୁ ପୁଣି ବଢ଼ିବ ଶୀତ

ମଧ୍ୟରେ ରାଜଧାନୀ ତାପମାତ୍ରା ୩.୨ ଡିଗ୍ରି ସେଲସିୟସ ହ୍ରାସ ପାଇଛି । ଫଳରେ ଚଳଚଞ୍ଚଳ ଭୁବନେଶ୍ୱରର ଜୀବନଯାତ୍ରା ଠପ୍ ହୋଇଯାଇଛି । ହାତଗୋଡ କୋଳ ମାରିଯାଉଛି ।

ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ଭୁବନେଶ୍ୱରର ତାପମାତ୍ରା କ୍ରମାଗତ କମିବାରେ ଲାଗିଛି । ଡିସେମ୍ବର ୨୧ ତାରିଖରେ ରାଜଧାନୀର ସର୍ବନିମ୍ନ ତାପମାତ୍ରା ୧୫.୧ ଡିଗ୍ରି ସେଲସିୟସ ଥିଲା । ଡିସେମ୍ବର ୨୨ ତାରିଖରେ ଏହା କମି ୧୩.୬ ଡିଗ୍ରି ସେଲସିୟସ ହୋଇଥିଲା । ସେହିପରି ଡିସେମ୍ବର ୨୩ ତାରିଖରେ ତାପମାତ୍ରା ୧୧.୯ ଡିଗ୍ରି ରେକର୍ଡ କରାଯାଇଛି । ଆଇଏମଡି ପୂର୍ବାନୁମାନ ଅନୁଯାୟୀ



ଖ୍ରୀଷ୍ଟମାସଠାରୁ ଶୃଙ୍ଖଳା, ଥଣ୍ଡା ଉତ୍ତର-ପଶ୍ଚିମ ପବନ ବହିବା ସହିତ ରାଜଧାନୀର ତାପମାତ୍ରା ପୁଣି କମିବ । ଏହା ସହିତ ଆର୍ଦ୍ରତାଯୁକ୍ତ ବାୟୁ ସଞ୍ଚାଳନ ଯୋଗୁ ଘନ କୁହୁଡ଼ି ବଢ଼ିବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଘନ କୁହୁଡି ଦୃଶ୍ୟମାନତାକୁ ହ୍ରାସ କରି ଦୈନନ୍ଦିନ କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ ବୋଲି ଆଇଏମଡି ସତର୍କ ସୂଚନା ଜାରି କରିଛି ।

ଆଇଏମଡି ଅନୁଯାୟୀ, କୋରାପୁଟରେ ତାପମାତ୍ରା ଥଣ୍ଡା ୬.୩ ଡିଗ୍ରି ସେଲସିୟସକୁ ହ୍ରାସ ପାଇଛି । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯଥେଷ୍ଟ କମ୍ ତାପମାତ୍ରା ଅନୁଭୂତ ହୋଇଛି, ଦାରିଙ୍ଗବାଡିରେ ୭ ଡିଗ୍ରି, ନବରଙ୍ଗପୁରରେ ୮ ଡିଗ୍ରି, ଫୁଲବାଣୀରେ ୮.୫ ଡିଗ୍ରି, ଝାରସୁଗୁଡାରେ ୯.୪ ଡିଗ୍ରି, ବୌଦ୍ଧରେ ୯.୫ ଡିଗ୍ରି, ଅନୁଗୁଳରେ ୯.୬ ଡିଗ୍ରି, ଭୁବନେଶ୍ୱରରେ ୧୧.୯ ଡିଗ୍ରି ଏବଂ କଟକରେ ୧୨.୪ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ଡିସେମ୍ବର ୨୫ରୁ ୨୭ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, କେଉଁଝର, ସମ୍ବଲପୁର ଏବଂ ସୋନପୁର ଭଳି ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି ଆଇଏମଡି ସତର୍କ କରିଛି ।

# ଦୃଶ୍ୟମାନ ହେଉନି ଦିଲ୍ଲୀ

**ନୂଆଦିଲ୍ଲୀ, ୨୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଉତ୍କଟ ବାୟୁ ପ୍ରଦୂଷଣ ଓ ଘନ କୁହୁଡି ପାଇଁ ରୁନ୍ଧି ହୋଇଗଲାଣି ରାଜଧାନୀ ଦିଲ୍ଲୀ । ଚାରିଆଡ଼େ ଧୂଆଁଧୂଆଁ । ସବୁଠି ଘନ କୁହୁଡି । ଦୃଶ୍ୟମାନ ଦୂରତା ମଧ୍ୟ ଯଥେଷ୍ଟ ହ୍ରାସ । ପ୍ରଦୂଷଣ ହ୍ରାସ ପାଇଁ ନିଆଯାଉଛି ବ୍ୟାପକ ପଦକ୍ଷେପ, ଗାଡି ଚଳାଚଳ ଓ ନିର୍ମାଣ କାମ ଉପରେ କଟକଣା ବି ଲାଗିଛି । ତଥାପି ସୁଧୁରୁନି ସ୍ଥିତି ।

ଆଜି ସକାଳ ୭ଟା ସୁଦ୍ଧା ଦିଲ୍ଲୀରେ ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ -ଏକ୍ୟୁଆଇ ୪୧୪ ଥିଲା । କେତେକ ସ୍ଥାନରେ ଏହା ଯଥେଷ୍ଟ ଅଧିକ ରହିଥିଲା । ଆନନ୍ଦ ବିହାରରେ ୪୬୬, ମୁନ୍ଦକାରେ ୪୫୧, ଅଶୋକ ବିହାରରେ ୪୪୪ ଏବଂ ଆଇଟିଓ ଅଞ୍ଚଳରେ ଏକ୍ୟୁଆଇ ଥିଲା ୪୩୬ । ଇଣ୍ଡିଆ ଗେଟ୍, କର୍ତ୍ତବ୍ୟ ପଥ ଓ ରାଷ୍ଟ୍ରପତି ଭବନ ଅଞ୍ଚଳରେ ଘନ କୁହୁଡି ସାଙ୍ଗକୁ ୪ ଶହ ଉପରେ ଏକ୍ୟୁଆଇ ରେକର୍ଡ କରାଯାଇଛି ।



ଦିଲ୍ଲୀ ଏନସିଆର ଅଞ୍ଚଳରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି । ନୋଏଡାରେ ଏକ୍ୟୁଆଇ ୪୨୬ ଓ ଗାଜିଆବାଦରେ ଏକ୍ୟୁଆଇ ଆଜି ସକାଳେ ଏକ୍ୟୁଆଇ ଥିଲା ୪୧୫ । ପ୍ରଦୂଷଣ ହ୍ରାସ ପାଇଁ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ- ଗ୍ରାପ୍- ୪ ଲାଗୁ କରାଯିବା ସହିତ ବିଭିନ୍ନ ସ୍ଥାନରେ ପାଣି ସିଞ୍ଚନ କରାଯାଉଛି । କୁହୁଡି ଓ ଖରାପ ପାଗ ଯୋଗୁ ବିମାନ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଗତକାଲି ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୪ଟି ବିମାନ ବାତିଲ ହୋଇଥିବା ବେଳେ ୫ ଶହରୁ ଅଧିକ ବିମାନ ଚଳାଚଳ ବିଳମ୍ବ ହୋଇଥିଲା ।

# ୨୫ରୁ ହାଇକୋର୍ଟର ଶୀତ ଅବକାଶ

**କଟକ, ୨୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ହାଇକୋର୍ଟରେ ଡିସେମ୍ବର ୨୫ ଗୁରୁବାରଠାରୁ ଶୀତ ଅବକାଶ ଆରମ୍ଭ ହେବ । ଆଜି ୨୦୨୬, ଜାନୁଆରି ୨କୁ ହାଇକୋର୍ଟ ପକ୍ଷରୁ ଛୁଟି ଦିବସ ଭାବେ ଘୋଷଣା କରାଯାଇଛି । ଫଳରେ ଶୀତ ଅବକାଶ ପରେ ୨୦୨୬, ଜାନୁଆରି ୫ରେ ହାଇକୋର୍ଟ ଖୋଲିବ । ଶୀତ ଅବକାଶ ସମୟରେ ଡିସେମ୍ବର ୩୦ରେ ଅବକାଶକାଳୀନ କୋର୍ଟ ବସିବେ । ଡିସେମ୍ବର ୩୦ରେ ଜଷ୍ଟିସ ସାବିତ୍ରୀ ରଥ, ଜଷ୍ଟିସ ଏମ୍.ଏସ. ରମଣ ଦୁଇ ଜଣିଆ ଓ ପରେ ଜଣିକିଆ ଖଣ୍ଡପୀଠରେ ବସି ଜରୁରୀ ମାମଲା ଶୁଣାଣି କରିବେ । ସେହିଭଳି ଭାବେ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଜଣିକିଆ ଖଣ୍ଡପୀଠରେ ବସି ଜରୁରୀ ମାମଲା ଗୁଡିକର ଶୁଣାଣି କରିବେ । ଶୀତ ଅବକାଶ ସମୟରେ ଡିସେମ୍ବର ୨୬, ୨୭, ୨୯, ୩୦ ଓ ୩୧ରେ ହାଇକୋର୍ଟ କାର୍ଯ୍ୟାଳୟ ଦିନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଖୋଲା ରହିବ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୨୬, ଜାନୁଆରି ୨ ତାରିଖ ଶୁକ୍ରବାରକୁ ଛୁଟି ଘୋଷଣା ପାଇଁ ହାଇକୋର୍ଟ ବାର୍ ଆସୋସିଏସନ ତରଫରୁ ଅନୁରୋଧ କରାଯାଇଥିଲା । ଏହାପରେ ଜାନୁଆରି ୨ ତାରିଖକୁ ଛୁଟି ଦିବସ ଭାବେ ଆଜି ହାଇକୋର୍ଟ ପକ୍ଷରୁ ଘୋଷଣା କରାଯାଇଛି । ବଦଳରେ ମାର୍ଚ୍ଚ ୭ ତାରିଖ ଶନିବାରକୁ ହାଇକୋର୍ଟ ପାଇଁ କାର୍ଯ୍ୟଦିବସ ଭାବେ ଘୋଷଣା କରାଯାଇଛି । ଏ ନେଇ ହାଇକୋର୍ଟ ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇକୋର୍ଟ ବାର୍ ଆସୋସିଏସନ ସଭାପତି ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଏ ନେଇ ସୂଚନା ଦେଇଛନ୍ତି ।

## ନିର୍ଦ୍ଦିଷ୍ଟ ସମୟ ଭିତରେ ଜିରୋନାଇଟ୍ ଉତ୍ସବ ସାର

**ଭୁବନେଶ୍ୱର, ୨୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଖ୍ରୀଷ୍ଟମାସ ଏବଂ ନୂଆବର୍ଷ ପାଇଁ ଦ୍ୱୈତନଗର ଭୁବନେଶ୍ୱର ଏବଂ କଟକରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଏହି ଦୁଇଟି ଦିନ ପାଇଁ କମିଶନରେଟ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଉଭୟ ସହରରେ ଅଧିକ ୧୫ ପ୍ଲାଟୁନ ଫୋର୍ସ ନିୟୋଜିତ କରାଯିବ ବୋଲି କମିଶନର ଏସ. ଦେବଦତ୍ତ ସିଂହ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ପୁଲିସ ସାଦା ପୋଷାକରେ ମୁତୟନ ରହି ସମସ୍ତଙ୍କ ଉପରେ ନଜର ରଖିବେ ବୋଲି କମିଶନର କହିଛନ୍ତି ।

ନୂଆବର୍ଷ ଆସୁଥିବାରୁ ଜିରୋନାଇଟ୍ ଉତ୍ସବ ପାଳନ ପାଇଁ ସହରର ବିଭିନ୍ନ କ୍ଲବ, ବାର୍ ଏବଂ ହୋଟେଲରେ ବ୍ୟାପକ ଆୟୋଜନ କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ସହରର ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛି ପୁଲିସ ।

# ଦିଲ୍ଲୀ ନିର୍ବାଚନ ପରେ ବିଜେପି ଖାତାରେ ୬୯୦୦ କୋଟି

**ନୂଆଦିଲ୍ଲୀ, ୨୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ଫେବ୍ରୁଆରୀରେ ହୋଇଥିଲା ଦିଲ୍ଲୀ ନିର୍ବାଚନ । ଏଥିରେ ବିଜୟୀ ହୋଇ ପ୍ରାୟ ୨୭ ବର୍ଷ ପରେ ଦିଲ୍ଲୀରେ ଶାସନକୁ ଫେରିଛି ବିଜେପି । ତେବେ ନିର୍ବାଚନ ସରିବା ପରେ କେଉଁ ଦଳକୁ କେତେ ଚାନ୍ଦା ମିଳିଛି ? ସେନେଇ ଏକ ତଥ୍ୟ ପ୍ରକାଶ ପାଇଛି । ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ଦିଆଯାଇଥିବା ତଥ୍ୟ ଆଧାରରେ ଏହି ରିପୋର୍ଟ ପ୍ରକାଶ କରିଛନ୍ତି ନିର୍ବାଚନ କମିଶନ ।

ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ କେନ୍ଦ୍ର ଏବଂ ଦିଲ୍ଲୀ ବିଜେପି ପାଖରେ ୬,୯୦୦ କୋଟି ଟଙ୍କାର ବ୍ୟାଙ୍କ ବାଲାନ୍ସ ରହିଛି ।

### କଂଗ୍ରେସ ପାଖରେ ମାତ୍ର ୫୩ କୋଟି



ସେହିଭଳି ମୁଖ୍ୟାଳୟ, ଦିଲ୍ଲୀ କଂଗ୍ରେସ ଏବଂ ଜିଲ୍ଲା ୟୁନିଟକୁ ମିଶାଇ କଂଗ୍ରେସ ପାଖରେ ମାତ୍ର ୫୩ କୋଟି ଟଙ୍କା ରହିଛି । ସେପଟେ ଆଉ ଏକ ଆଶ୍ଚର୍ଯ୍ୟ କଲାଭଳି ତଥ୍ୟ ହେଉଛି ବିଏସପିର ଜମା ପରିମାଣ ୫୮୦ କୋଟି ଟଙ୍କାରୁ ଅଧିକ ରହିଛି ।

ଏହାପରେ ଅକ୍ଟୋବର ୨୪ ତାରିଖରେ ନିର୍ବାଚନ କମିଶନରେ ଦାଖଲ କରାଯାଇଥିବା ତଥ୍ୟ ଅନୁସାରେ କଂଗ୍ରେସ, ୨୦୨୪-୨୫ରେ ୫୧୭ କୋଟି ଟଙ୍କା ଚାନ୍ଦା ପାଇଥିଲା । ଯାହା ୨୦ ହଜାର ଟଙ୍କାରୁ ଅଧିକ ବ୍ୟକ୍ତିଗତ ଚାନ୍ଦାରୁ ମିଳିଛି । ସୂଚନାଥାଉକି, ଦଳଗୁଡ଼ିକ ପାଇଁ ପାଣ୍ଠି ସଂଗ୍ରହର ବିଭିନ୍ନ ଉତ୍ସ ହେଉଛି ବ୍ୟକ୍ତିମାନଙ୍କ ଦ୍ୱାରା ଚାନ୍ଦା, କର୍ପୋରେଟ୍ ଏବଂ ଟ୍ରଷ୍ଟ ।

ଦିଲ୍ଲୀ ବିଧାନସଭା ନିର୍ବାଚନ ପରେ ଯେଉଁ ଦଳଗୁଡ଼ିକ ସେମାନଙ୍କର ବ୍ୟାଙ୍କ ବାଲାନ୍ସ ଘୋଷଣା କରିଛନ୍ତି ସେଥିରେ ଆମ ଆଦମୀ ପାର୍ଟିର ୯.୯ (ଶେଷ ପୃଷ୍ଠା ଦେଖନ୍ତୁ)

# ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ୍

**କେନ୍ଦ୍ରାପଡ଼ା, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦିନ ଦ୍ୱିପ୍ରହରରେ ବିଟ୍ ରାସ୍ତାରେ ଜଣେ ସରକାରୀ କର୍ମଚାରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଦୁର୍ବୃତ୍ତମାନେ ଲୁଟ୍ କରିବା ଘଟଣା ବେଶ୍ ଆଲୋଡ଼ନ ସୃଷ୍ଟି କରିଛି । ଅଭିଯୋଗରୁ ପ୍ରକାଶଯେ, କେନ୍ଦ୍ରାପଡ଼ା ବ୍ଲକ୍‌ର ପଳସିଂହା ଗ୍ରାମ ପଂଚାୟତର ପିଇଓ ଭାବେ କାମ କରୁଥିବା ନିକିରାଇ ଥାନା ଅନ୍ତର୍ଗତ ନିକିରାଇ ଗ୍ରାମର ଅଶ୍ୱର୍ଯ୍ୟା ନାଥଶର୍ମା ଅଫିସରୁ ଘରକୁ ଆସୁଥିବାବେଳେ ଅପରାହ୍ନ ପ୍ରାୟ ୧ଟା ୫୫ରେ ଚାରିଗାଁ-ଇନ୍ଦୁପୁର ରାସ୍ତାରେ ଦୁଇ ଜଣ ଦୁର୍ବୃତ୍ତ ତାଙ୍କୁ ପଛରୁ ଏକ ପଲସର ଗାଡ଼ିରେ ଆସି ବାଟ ଓଗାଳି ଅଟକାଇ ଥିଲେ । ଅଶ୍ୱର୍ଯ୍ୟା ଅଟକିବା ମାତ୍ରେ ଦୁହେଁ ତାଙ୍କ ମୁଣ୍ଡରେ ଏକ ବନ୍ଧୁକ ଲଗାଇ ତାଙ୍କ ପାଖରେ ଥିବା ଏକ ବ୍ୟାଗ୍ ଓ ହାତରୁ ଏକ ସୁନା ମୁଦି ଛଡ଼ାଇ ନେଇ ଚମ୍ପଟ ମାରିଥିଲେ । ଯେଉଁ ବ୍ୟାଗ୍ ଟିରେ ତାଙ୍କର ଆଣ୍ଡ୍ରଏଡ଼ ଫୋନ୍ (ନମ୍ବର- ୭୯୭୮୧୫୭୭୧୮) ସହିତ ଅଡଫିସ୍‌ର ଚାବି ଓ କାଗଜପତ୍ର ରହିଥିଲା । ଏହି ଘଟଣା ଜିଲ୍ଲାରେ ଆଇନ ଶୃଙ୍ଖଳା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## କୋଇଲା ଧୂଆଁରେ ଚାଲିଗଲା ୫ ଜୀବନ

**ନୂଆଦିଲ୍ଲୀ, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କୋଇଲା ଚୂଲିରୁ ନିର୍ଗତ ଧୂଆଁ ନେଲା ୫ ଜୀବନ । ହରିୟାଣାର କୁରୁକ୍ଷେତ୍ର ଜିଲ୍ଲାରୁ ଏକ ସମ୍ବେଦନଶୀଳ ଘଟଣା ଏବେ (ଶେଷ ପୃଷ୍ଠା ଦେଖନ୍ତୁ)

# ବେଆଇନ୍ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଚଢ଼ାଉ

**କଟକ, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ମଂଗଳାବାଗ ସ୍ଥିତ କାଠଗୋଲା ଅଂଚଳରେ ଥିବା ବିଏସଆର ଡାଇଗ୍ନୋଷ୍ଟିକ ସେଣ୍ଟର ଉପରେ ମଂଗଳବାର ରାଜ୍ୟ ଓ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି । ୨୦୨୯ରୁ ବିନା କୌଣସି ପଞ୍ଜୀକରଣରେ ଏହି ଡାଇଗ୍ନୋଷ୍ଟିକ ସେଣ୍ଟର ଚାଲିଥିଲା । ବିନା ଅନୁମତିରେ ଚାଲିଥିଲା ଅଲଟ୍ରାସାଉଣ୍ଡ । ଏ ନେଇ ସୂଚନା ପାଇବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ପେଶାଲ ସ୍କ୍ୱାର୍ଡ଼ ଓ ଜିଲ୍ଲା ପ୍ରଶାସନର ଏକ ଟିମ ଚଢ଼ାଉ କରି ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସିଲ କରିଛି । ତେବେ ଯାଂଚ ବେଳେ ଅଗ୍ନି ପରାପତ୍ତା ବ୍ୟବସ୍ଥା ନଥିବା ମଧ୍ୟ ସ୍ୱାସ୍ଥ୍ୟ ବିଭାଗ ଜାଣିବାକୁ ପାଇଥିଲା । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ, କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ ଏବଂ ଜିଲ୍ଲା ପ୍ରଶାସନର ଜଣେ ଅଧିକାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ସେଣ୍ଟରରୁ କମ୍ପ୍ୟୁଟର ହାର୍ଡ଼ଡିସ୍କ ଓ ରେଜିଷ୍ଟାର ସବୁକୁ ଜବତ କରାଯାଇଛି । ଏହାକୁ ସିଲ କରାଯିବ ବୋଲି କଟକ ଜିଲ୍ଲାର ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ ଚିନ୍ତାମଣି ମିଶ୍ର କହିଛନ୍ତି । ମଂଗଳବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଟିମ ମଧ୍ୟ ଏହି ଚଢ଼ାଉରେ ସାମିଲ ହୋଇଥିଲା । ଏହି ବିଏସଆର ଡାଇଗ୍ନୋଷ୍ଟିକ ସେଣ୍ଟରରେ କୌଣସି ବୈଧ ଦସ୍ତାବିଜ ନଥିବାବେଳେ ଫେକ ଭାବେ ଚାଲିଥିବା ସ୍ୱାସ୍ଥ୍ୟ ବିଭାଗ ଟିମ ଜାଣିବାକୁ ଥିଲା । ତେଣୁ ଏହାକୁ ସିଲ କରାଯାଇଛି । ଏହାସହ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ । ଆଗକୁ ମଧ୍ୟ ଏହାର ଯାଂଚ ଜାରି ରହିବ ବୋଲି ପିସିପିଏନଡିଟିର ରାଜ୍ୟ ନୋଡ଼ାଲ ଅଫିସର ଅଭିଜିତ କୁଅଁର କହିଛନ୍ତି ।

# ଡିଇଓଙ୍କ ବେଖାତିର ଯୋଗୁ ବନ୍ଦ ହୋଇଗଲା ବୈଠକ

**କେନ୍ଦ୍ରାପଡ଼ା, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦକୁ ବେଖାତିର କରିବା ସହିତ ଆଜି ବୈଠକକୁ ଭାଣ୍ଡିଆ କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ । ସେ ବୈଠକକୁ ନଆସିବା ଫଳରେ ବୈଠକ ବନ୍ଦ ହୋଇଯିବା ଘଟଣା ପରେ ଏହା ଏଠାରେ ବେଶ୍ ମୁଖରୋଚକ ଚର୍ଚ୍ଚାର ବିଷୟ ହୋଇଛି । ଷଷ୍ଠ ଜିଲ୍ଲା ପରିଷଦର ପଂଚମ ସାଧାରଣ ବୈଠକ ଆଜି ସଭାନେତ୍ରୀ ଲିଳିତା ଦାସଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହେବା ପରେ ପୂର୍ବ ବୈଠକର ବିବରଣୀ ଦୃଢୀକରଣ କରାଯାଇଥିଲା । କାର୍ଯ୍ୟସୂଚୀ ଆରମ୍ଭରେ ଜିଲ୍ଲାର ଶିକ୍ଷା ବିଭାଗ ଉପରେ ଆଲୋଚନା ହେବାର ଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ବୈଠକରେ ଯୋଗଦାନ କରିନଥିବା ନେଇ ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ରଥ ପ୍ରଶ୍ନ ଉଠାଇଥିଲେ । ଏହାକୁ ସମର୍ଥନ ଜଣାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଶିକ୍ଷା ବିଭାଗ ଉପରେ କ'ଣ ଓ କାହିଁକି ଆଲୋଚନା ହେବ କହି ସମସ୍ତ ସଭ୍ୟସଭ୍ୟା ହୋ ହାଲ୍ଲା କରିଥିଲେ । ଜିଲାପାଳ ରଘୁରାମ ଆର. ଆୟାର ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ବୈଠକକୁ ଆସିବା ପାଇଁ ଫୋନ୍ କରି ଡାକିଥିଲେ ମଧ୍ୟ ସେ ଆସିବାକୁ ମନା କରି ଦେଇଥିଲେ । ଫଳରେ ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ । ଏହାପରେ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଜିଲା ଶିକ୍ଷାଧିକାରୀଙ୍କୁ ଫୋନ କରିଥିଲେ । ହେଲେ ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କ ଫୋନକୁ ଆଦୌ ଉଠାଇନଥିଲେ । କିଛି ସମୟ ଜିଲା ପରିଷଦ ସଭ୍ୟସଭ୍ୟାମାନେ ଅପେକ୍ଷା କରି ନିରାଶ ହୋଇଥିଲେ । ଫଳରେ ଜିଲା ଶିକ୍ଷାଧିକାରୀଙ୍କ ବିରୋଧରେ ଜିଲା ପରିଷଦ ସଭ୍ୟ ଶ୍ରୀରଥ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ ଓ ଏହାକୁ ସଭ୍ୟସଭ୍ୟାମାନେ ସମର୍ଥନ କରିଥିଲେ । ଏହାପରେ ସମସ୍ତେ ବୈଠକ ବର୍ଜନ କରିଚାଲିଯାଇଥିଲେ । ବୈଠକରେ ଉପସ୍ଥିତ ଥିବା ଆଳି ବିଧାୟକ ପ୍ରତାପ ଦେବ, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ଜିଲାପାଳ ରଘୁରାମ ଆର.ଆୟାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଓ ଜିଲାର ଅନ୍ୟାନ୍ୟ ଅଧିକାରୀମାନେ କିଛି ସମୟ ରହି ଉଠି ଚାଲିଯାଇଥିଲେ । ଜିଲା ପରିଷଦ ସଭାନେତ୍ରୀ ଲିଳିତା ଦାସ କହିଛନ୍ତି ଯେ, ମଙ୍ଗଳବାର ଜିଲା ପରିଷଦ ବୈଠକର କାର୍ଯ୍ୟସୂଚୀରେ ପ୍ରଥମେ ଶିକ୍ଷା ବିଭାଗ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା । ହେଲେ ସେ ଉଦ୍ଦେଶ୍ୟମୂଳକ (ଶେଷ ପୃଷ୍ଠା ଦେଖନ୍ତୁ)

# ବିଧାୟକଙ୍କ ଦରମା ବୃଦ୍ଧି ମାମଲା ଆବେଦନକୁ ଗ୍ରହଣ କଲେନି ହାଇକୋର୍ଟ

**ଭୁବନେଶ୍ୱର, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାୟକଙ୍କ ଦରମା ବୃଦ୍ଧି ମାମଲା । ହାଇକୋର୍ଟରେ ଗ୍ରହଣ ହେଲାନି ଆବେଦନ । ଏଜି ପୀତାମ୍ବର ଆଚାର୍ଯ୍ୟଙ୍କ ଦୃଢ ଯୁକ୍ତି ପରେ ଗ୍ରହଣ କଲେନି ହାଇକୋର୍ଟ । ପ୍ରିମାଚ୍ୟୁର କହି ମାମଲାକୁ ଗ୍ରହଣ କଲେନି ହାଇକୋର୍ଟ । ବିଧିବଦ୍ଧ ବିଜ୍ଞପ୍ତି ହୋଇନଥିବା ଦର୍ଶାଇ ମାମଲା ଗ୍ରହଣୀୟ ହେବନି ବୋଲି କହିଲେ କୋର୍ଟ । ବିଧିବଦ୍ଧ ବିଜ୍ଞପ୍ତି ପରେ ଯାଇ ମାମଲା କରିପାରିବେ ବୋଲି ଆବେଦନକାରୀଙ୍କୁ ଅନୁମତି ଦେଲେ ଉଚ୍ଚ ନ୍ୟାୟାଳୟ ।

ଓଡିଶାର ବିଧାୟକମାନଙ୍କ ଦରମା ଦେଶର ଅନ୍ୟ ସମସ୍ତ ରାଜ୍ୟର ବିଧାୟକମାନଙ୍କ ଅପେକ୍ଷା ଅଧିକ । ଓଡିଶା ଭଳି ଏକ ଗରିବ ରାଜ୍ୟରେ ବିଧାୟକମାନଙ୍କ ଦରମା ଏତେ ପରିମାଣରେ ବୃଦ୍ଧି ହେଲେ ଏହାର ପ୍ରତିକୂଳ ପ୍ରଭାବ ରାଜ୍ୟ ଅର୍ଥ ବ୍ୟବସ୍ଥା ଉପରେ ପଡିବାର ଆଶଙ୍କା ରହିଛି । କିନ୍ତୁ ଏସବୁକୁ ଗୁରୁତ୍ୱ ନଦେଇ ରାଜ୍ୟ ସରକାର ବିଧାୟକମାନଙ୍କ ଦରମା ୩ଲକ୍ଷ ୪୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏଭଳି ଦରମା ବୃଦ୍ଧି ସମ୍ପୂର୍ଣ୍ଣ ବେଆଇନ ତଥା ଅସାମ୍ବିଧାନିକ । ଏଭଳି ନିଷ୍ପତ୍ତିକୁ ରଦ୍ଦ କରାଯାଇ ବିଧାୟକମାନଙ୍କ ଦରମା ବୃଦ୍ଧି ପାଇଁ ସ୍ୱାଧୀନ ବେତନ କମିସନ ଗଠନ ପାଇଁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ସମାଜସେବୀ ନାରାୟଣ ଚନ୍ଦ୍ର ଜେନା ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ ।

# ପଞ୍ଚାୟତସ୍ତରରେ ଭିନ୍ନକ୍ଷମ ସାର୍ଟିଫିକେଟ୍ ଦିଆଯାଉ

**ଭୁବନେଶ୍ୱର, ୨୩।୧୨**
**ତଥ୍ୟ**

ସକାରାତ୍ମକ ମନୋଭାବ ଅଭାବରୁ ସରକାରୀ ଚାକିରିରେ ନିଯୁକ୍ତି ଓ ଭିନ୍ନକ୍ଷମ ଭତ୍ତା ପାଇବା କ୍ଷେତ୍ରରେ ଶାରୀରିକ ଅସମର୍ଥ ବ୍ୟକ୍ତିମାନଙ୍କ ଭିତରୁ ଅନେକ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଏଥିଲାଗି ଆଇନ୍ ଅଦାଲତରେ ମାମଲାର ଚାପ ବୃଦ୍ଧି ପାଉଥିବାବେଳେ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନା ଭତ୍ତାରୁ ବଞ୍ଚିତ ହୋଇ ଅନେକ ଭିନ୍ନକ୍ଷମ ପ୍ରତିକୂଳ ପରିସ୍ଥିତିରେ ଭାଗକୁ ଆଦରି ରହିବାକୁ ବାଧ୍ୟ ହେଉଛନ୍ତି ।

ପ୍ରଚଳିତ ଆଇନ୍ ବ୍ୟବସ୍ଥା ଅନୁଯାୟୀ ସରକାରୀ ଚାକିରି ଓ ଭତ୍ତା ଆଦି ପାଇଁ ଶାରୀରିକ ଭିନ୍ନକ୍ଷମ ପ୍ରମାଣପତ୍ର ବାଧ୍ୟତାମୂଳକ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ୍ କଲେଜ୍‌ଗୁଡ଼ିକ ଏହି ପ୍ରମାଣପତ୍ର ଦେବା ପାଇଁ କ୍ଷମତାପ୍ରାପ୍ତ । ଏଥିଲାଗି ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଗଠିତ କମିଟି ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ସେମାନେ କେତେ ପ୍ରତିଶତ ଭିନ୍ନକ୍ଷମ ସେ ସଂକ୍ରାନ୍ତରେ ବିଧିବଦ୍ଧ ପ୍ରମାଣପତ୍ର ଦେଇଥାନ୍ତି । ଏହି ପ୍ରମାଣପତ୍ର ଆଧାରରେ ସେମାନେ ସରକାରୀ ଚାକିରିରେ ଥିବା ସଂରକ୍ଷଣ ସୁବିଧା ଆଧାରରେ ବିଜ୍ଞପ୍ତି ମୁତାବକ ଆବେଦନ କରିଥାନ୍ତି । କେବଳ ସେତିକି ନୁହେଁ, ସାମାଜିକ ନିରାପତ୍ତା ଯୋଜନାରେ ଭିନ୍ନକ୍ଷମ ଭତ୍ତା ଗଣ୍ଡେ ପାଇଁ ମଧ୍ୟ ଅନେକ ବ୍ୟକ୍ତି ଆବେଦନ କରିବାର ମୁଖ୍ୟ ଆଧାର ହେଉଛି



ଏହି ସାର୍ଟିଫିକେଟ୍ ।

ଅଭିଯୋଗ ହେଉଛି ଯେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାଠାରୁ ଦୂରଦୂରାନ୍ତରେ ରହୁଥିବା ଅନେକ ଚଳତଶକ୍ତି ବିହୀନ ଅନେକ ଶାରୀରିକ ଭିନ୍ନକ୍ଷମ ହଜାର ହଜାର ଟଙ୍କା ଗାଡ଼ିଭଡ଼ା କରି ଡାକ୍ତରଙ୍କ ପାଖକୁ ଭିନ୍ନକ୍ଷମ ପ୍ରମାଣପତ୍ର ଲାଗି ପରୀକ୍ଷା ଦେବାକୁ ଆସିବା ସମ୍ଭବପର ହେଉନାହିଁ । ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସଚେତନତାର ଅଭାବ ଓ ଆର୍ଥିକ ଦୁରାବସ୍ଥା ଯୋଗୁ ବହୁ ଶାରୀରିକ ଭିନ୍ନକ୍ଷମ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସିବା ସମ୍ଭବପର ହେଉନାହିଁ । ଏମାନଙ୍କ ଲାଗି ଯଦି ପଞ୍ଚାୟତ ସ୍ତରରେ ଆବେଦନ ଗ୍ରହଣ କରିବା ସହିତ ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶିବିରମାନ କରାଇପାରନ୍ତେ ତେବେ ଦୂରଦୂରାନ୍ତରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୌଡ଼ିବାର ଦହଗଞ୍ଜରୁ ମୁକ୍ତି ପାଇ ଏମାନେ ପଞ୍ଚାୟତ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରସ୍ତରରେ ସହଜରେ ଭିନ୍ନକ୍ଷମ ସାର୍ଟିଫିକେଟ୍ ପାଇବା ସହିତ ସେହିଠାରେ ମଧ୍ୟ ଭତ୍ତା ପାଇଁ ଆବେଦନ କରିପାରନ୍ତେ । ଏଭଳି କରାଯାଉନଥିବାରୁ ଅନେକ ଯୋଗ୍ୟ ଶାରୀରିକ ଭିନ୍ନକ୍ଷମ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାବେଳେ ବହୁ ନକଲି ଭିନ୍ନକ୍ଷମ କିନ୍ତୁ ଭତ୍ତା ହାତେଇ ନେଉଛନ୍ତି ।

ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଦାନୁଆପାଣି ଗାଁର ଲାଡୁ ମୁଣ୍ଡାରୀଙ୍କୁ ଏ କ୍ଷେତ୍ରରେ ଉଦାହରଣ ଭାବେ ନିଆଯାଇପାରେ । ଏକ ଦୁର୍ଘଟଣାରେ ଲାଡୁଙ୍କର ମେରୁଦଣ୍ଡରେ ଆଘାତ ଲାଗି ଗୋଡ଼ ଓ ହାତ ଅଚଳ ହୋଇଯାଇଥିଲା ଏବଂ ସେ କହିବା ଶକ୍ତି ମଧ୍ୟ ହରାଇଥିଲେ । ତେବେ କଟକସ୍ଥିତ ଆଞ୍ଚଳିକ ମେରୁଦଣ୍ଡ ଚିକିତ୍ସା କେନ୍ଦ୍ରର ଡାକ୍ତରମାନଙ୍କ ଅକ୍ଳାନ୍ତ ଉଦ୍ୟମକ୍ରମେ ତାଙ୍କର ବାକ୍ ଶକ୍ତି ଫେରିବା ସହିତ ହାତ ଦୁଇଟି ସାମାନ୍ୟ ଚାଲୁଥିଲା । କିନ୍ତୁ ତାଙ୍କର ଗୋଡ଼ ଆଉ ସୁସ୍ଥ ହେଲା ନାହିଁ । ଫଳରେ ସାରା ଜୀବନ ପାଇଁ ଶାରୀରିକ ଭିନ୍ନକ୍ଷମ ପାଲଟିଥିବା ଲାଡୁ ମୁଣ୍ଡାରୀ ଡାକ୍ତରଖାନାରୁ ୨୦୨୪ ସେପ୍ଟେମ୍ବର ୧୦ ତାରିଖରେ (ଶେଷ ପୃଷ୍ଠା ଦେଖନ୍ତୁ)

## ଜମି ଦଲାଲଙ୍କ ସମ୍ପତ୍ତି ଜବତ କଲା ଇଓଡବ୍ଲ୍ୟୁ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ନିଜକୁ ବ୍ୟାଙ୍କର ଅଧିକାରୀ କହି ବିଭିନ୍ନ ଲୋକଙ୍କୁ ୨୦ କୋଟି ଟଙ୍କା ଠକିବା ଅଭିଯୋଗରେ ରାମନାରାୟଣ ବଳ ଗିରଫ। ଅଭିଯୁକ୍ତଙ୍କୁ ଓପିଆଇଡି ଆଇନ ଅନୁଯାୟୀ କଟକ କୋର୍ଟରେ ହାଜର କରାଯାଇଥିବା ବେଳେ ବର୍ତ୍ତମାନ ସେ ବିଚାର ବିଭାଗୀୟ ହେପାଜତରେ ଅଛନ୍ତି। ଏଥିସହ ଅଭିଯୁକ୍ତଙ୍କ ସମ୍ପତ୍ତି ସିଜ କରିଛି ଇଓଡବ୍ଲୁ।

ଗିରଫ ଅଭିଯୁକ୍ତ ରାମନାରାୟଣ ବଳ ୨୦୨୩ରୁ ୨୦୨୪ ପର୍ଯ୍ୟନ୍ତ ଏସବିଆଇ ସିଏପି ସିକ୍ୟୁରିଟିରେ ବିକ୍ରୟ ପରିଚାଳକ ଭାବରେ କାର୍ଯ୍ୟ କରୁଥିଲେ। ତା'ପରେ, ସେ ବ୍ୟାଙ୍କ ଦ୍ୱାରା ନିଲାମ ହେବାକୁଥିବା ଜମିକୁ କମ ଦାମରେ କରାଇ ଦେବାକୁ ପ୍ରତିଶ୍ରୁତି ଦେଇ ବିଭିନ୍ନ ଲୋକଙ୍କ ଠାରୁ ଠକିଥିଲା ଏହି ଠକ। ଏମିତିରେ ଅଭିଯୋଗ ପରେ ତଦନ୍ତକ୍ରମେ ଇଓଡବ୍ଲୁ ତାକୁ ଗିରଫ କରାଯିବା ସହ ରାମ ନାରାୟଣର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ସହ ଅନେକ ଜମି ଜବତ କରିଥିଲା। ଏପର୍ଯ୍ୟନ୍ତ ହୋଇଥିବା ତଦନ୍ତ ସମୟରେ ଜଣାପଡିଛି ଯେ, ଏପର୍ଯ୍ୟନ୍ତ, କମ୍ପାନୀ ସମେତ ନଅ ଜଣଙ୍କ ଠାରୁ ୨୦ କୋଟିରୁ ଅଧିକ ଠକେଇ ପ୍ରମାଣିତ ହୋଇଛି। ଅଭିଯୁକ୍ତ ସମ୍ଭାବ୍ୟ କ୍ରେତାଙ୍କ ସହିତ ଜାଲ ଚୁକ୍ତିନାମା କରିଛି ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ନିରୀକ୍ଷଣ ଅଧିକାରୀ ଭାବରେ ନିଜକୁ ପରିଚୟ ଦେଇ ଜବତ ସମ୍ପତ୍ତି ବିକ୍ରୟ ପାଇଁ ଅନୁମୋଦନ ପାଇଁ ଜାଲ କୋଟେସନ ମଧ୍ୟ ଜାରି କରିଛି।

ସେ ଏସବିଆଇର ନକଲି ମୋହର ଏବଂ ଡିଜିଏମଙ୍କ ନକଲି ଦସ୍ତଖତ ଲଗାଇଛି। ଗିରଫ ଅଭିଯୁକ୍ତକୁ ପୋଲିସ ରିମାଣ୍ଡରେ ଆଣି ପଚରାଉଚରା ସମୟରେ ଜଣାପଡିଥିଲା ଯେ ଅଭିଯୁକ୍ତ ଅପରାଧ ଆୟରୁ ତାଙ୍କ ନାମରେ ଏବଂ ତାଙ୍କ ସମ୍ପର୍କୀୟଙ୍କ ନାମରେ ବିପୁଳ ସ୍ଥାବର ସମ୍ପତ୍ତି କରିଛି। ଏନେଇ ଅଭିଯୁକ୍ତଙ୍କ ଆବାସିକ କୋଠା, ବ୍ୟବସାୟିକ ପରିସର ଏବଂ ଭଦ୍ରକ ଏବଂ ଭୁବନେଶ୍ୱରର ଅନ୍ୟାନ୍ୟ ସ୍ଥାନରେ ଏକକାଳୀନ ଚଢାଉ କରାଯାଇଥିଲା ଯାହା ଫଳରେ ୧୦ଟି ଯାନବାହାନ ମୋବାଇଲ ଫୋନ, ସାଉଣ୍ଡ ସିଷ୍ଟମ, ଫଟୋଗ୍ରାଫି ଉପକରଣ ଜବତ କରାଯାଇଛି ।

## ସ୍ୱାମୀ ଗୋବିନ୍ଦ ଦେବ ଗିରିଜୀଙ୍କ ଓଡ଼ିଶା ଆଗମନ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱସ୍ତରୀୟ ଆଧ୍ୟାତ୍ମିକ ଗୁରୁ ତଥା ହିନ୍ଦୁଧର୍ମର ପଥ ପ୍ରଦର୍ଶକ, ପ୍ରଚାରକ ଭାବେ ରାଷ୍ଟ୍ରସନ୍ଥ ଗୋବିନ୍ଦ ଦେବ ଗିରି ଜୀ ମହାରାଜ ସର୍ବ ବିଦିତ। ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠାରେ ତାଙ୍କ ଭୂମିକା ଅଦ୍ୱିତୀୟ। ସାରା ବିଶ୍ୱରେ ଭଗବତ ଭକ୍ତି, ଭଗବତ ଗୀତା, ଭାରତମାତା, ବିଜ୍ଞାନ ଦୃଷ୍ଟି ଓ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ପ୍ରଚାର ନିମନ୍ତେ ସେ ଗତ ପଞ୍ଚଦଶ ବର୍ଷ ଧରି ଚେଷ୍ଟିତ। ଭାରତରେ ପ୍ରାୟ ୫୦ଟି ବେଦ ବିଦ୍ୟାଳୟର ପ୍ରତିଷ୍ଠାତା ଓସ୍ୱାମୀଜୀ ଆସନ୍ତା ଡିସେମ୍ବର ୨୬ ତାରିଖ ଠାରୁ ପୁରୀ ବଳିଆପଣ୍ଡା ସ୍ଥିତ ହୋଟେଲ ସେଭେନ ହିଲସ ପ୍ରାଙ୍ଗଣରେ ଶ୍ରୀମଦ ଭାଗବତ ମହା ପୁରାଣ କଥା ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଅଛି। ୨୭ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରତେହ ସକାଳ ୯ଟା ଠାରୁ ଅପରାହ୍ନ ୧:୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁରହିବ। ୨୭ ତାରିଖରେ ଗୀତା ପରିବାର ଓଡିଶାର ସ୍ୱେଚ୍ଛାସେବୀମାନଙ୍କୁ ଆଶୀର୍ବଚନ ଦେବା ସହ 'ଗୁରୁଦୀକ୍ଷା'ର କାର୍ଯ୍ୟକ୍ରମ ରହିଅଛି। 'କଥା' ତଥା 'ଦୀକ୍ଷା' କାର୍ଯ୍ୟକ୍ରମରେ ଭାଗ ନେବାକୁ ଚାହୁଁଥିବା ସ୍ୱେଚ୍ଛାସେବୀମାନେ 'ଗୀତା ପରିବାର' ଓଡିଶା ଶାଖା ସଚିବ ରଘୁନାଥ ପାଢୀଙ୍କ ମୋବାଇଲ ନ - ୯୩୩୭୦୩୨୦୫୭ରେ ଯୋଗାଯୋଗ କରିବା ପାଇଁ ଅଧକ୍ଷ ପ୍ରମୋଦ କୁମାର ମହାନ୍ତି ଜଣାଇଛନ୍ତି। ପ୍ରକାଶ ଥାଉକି ସ୍ୱାମୀ ଗୋବିନ୍ଦ ଦେବ ଗିରି ଜୀ ମହାରାଜ ଗୀତା ପରିବାରର ଆଧ୍ୟାତ୍ମିକ ମୁଖ୍ୟ, ପ୍ରତିଷ୍ଠାତା ଅଧକ୍ଷ ତଥା ଅଯୋଧ୍ୟାର ଶ୍ରୀରାମଜନ୍ମଭୂମୀ ତୀର୍ଥକ୍ଷେତ୍ର ଟ୍ରଷ୍ଟର ଟ୍ରଷ୍ଟି କୋଷାଧକ୍ଷ ଏବଂ କୃଷ୍ଣ ଜନ୍ମଭୂମୀ ଟ୍ରଷ୍ଟ ମଥୁରାର ଉପାଧକ୍ଷ ଅଛନ୍ତି। ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠାରେ ତାଙ୍କର ଗୁରୁତ୍ୱ ପୂର୍ଣ ଭୂମିକା ରହିଛି।

## ନିଆଳିରେ ଶୀତଳ ଭଣ୍ଡାର କେବେ ?

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



ନିଆଳୀ ରେ ଶୀତଳ ଭଣ୍ଡାର ନିର୍ମାଣ କରି ଚାଷୀର ଦୁଖ ବୁଝିବାକୁ କେହି ନାହିଁ। ପୂର୍ବତନ ମନ୍ତ୍ରୀ ଓ ବିଧାୟକମାନଙ୍କ ସମୟରେ ଶୀତଳ ଭଣ୍ଡାରଟିଏ ହୋଇପାରିଲାନାହିଁ। ବର୍ତ୍ତମାନର ବିଧାୟକ ନିର୍ବଚନ ସମୟରେ ଶୀତଳ ଭଣ୍ଡାର ନାହିଁ। ମତାକୁ ଆସିଲେ ଆମେ କରିବୁ ବୋଲି ଗଣମାଧ୍ୟମରେ ପ୍ରତି ଶ୍ରୁତି ଦେଇଥିଲେ ହେଲେ ପୂର୍ତ୍ତି ସୂତି କେବଳ ଘୋଷାଣାରେ ସିମିତ ରହିଲା ଯାହାକୁ ନେଇ ଚାଷୀମାନେ କହୁଛନ୍ତି। ପୂର୍ବତନମନ୍ତ୍ରୀ ବିଧାୟକଙ୍କ ସମୟରେ ଯାହା ବର୍ତ୍ତମାନ ବିଧାୟକ ସେଇ ରାସ୍ତାରେ ବିଧାୟକ ବଦଳାୟ ଲାଭ କ'ଣ। ନିଆଳୀ ନିର୍ବାଚନ ମଣ୍ଡଳି ଅଧିନରେ ୪୫ଟି ଗ୍ରାମପଞ୍ଚାୟତରେ ୩୦୦ରୁ ଉର୍ଦ୍ଧ ଗ୍ରାମରେ ୬୦ ଭାଗ ଚାଷୀ କୃଷି ଉପରେ ନିର୍ଭର କରି ଚଳନ୍ତି। ନିଆଳୀ ବ୍ଲକ୍‌ରେ ୩୦୦୦ ହଜାର, କଣ୍ଟାପଡ଼ା ବ୍ଲକ୍‌ରେ ୧୯୦୦ ଶହ, ବାରଙ୍ଗ ବ୍ଲକ୍‌ରେ ୮ଟି ଗ୍ରାମପଞ୍ଚାୟତର ୭୦୦ ଶହ ଚାଷୀ ପନି ପରିବା ଚାଷ କରିଥାନ୍ତି। ବ୍ଲକ୍ କୃଷି ଅଧିକରୀ ଓ ଉଦ୍ୟାନ କ୍ରମଚାରୀଙ୍କ ସୂଚନା ଅନୁଯାୟ ଆଳୁ, ଟମାଟ, ବନ୍ଧାକୋବି, ଫୁଲ କୋବି ଅମଳ ସମୟରେ ପର୍ଯ୍ୟପ୍ତ ପରିମାଣର ଉତ୍ପାଦନ ହୋଇଥାଏ। ଯାହା ଫଳରେ ସାଧାରଣତଃ ପରିବା ଦର ଦାମ୍ କମିଯାଇଥାଏ ଚାଷୀ ଯେତିକି ଟଙ୍କା ଖର୍ଚ୍ଚ କରିଥାଏ ତାହା ମିଳିବା କଷ୍ଟ ହୋଇପଡିଥାଏ। ଶୀତଳ ଭଣ୍ଡାର ନ ଥିବାରୁ ପରିବାକୁ ବଜାରରେ କମ୍ ଦରରେ ବିକ୍ରି କରିବାକୁ ପଡିଥାଏ। ଫଳରେ ଚାଷୀମାନେ କ୍ଷତିଗ୍ରସ୍ତ ହେଇ ଆଉ ପନିପରିବା ଚାଷ କରୁନାହାନ୍ତି। ଯାହାର ଜଳନ୍ତ ଉଦାରଣ ଚଳିତ ବଷ ନିଆଳି, କଣ୍ଟା ପଡା ଓ ବାରଙ୍ଗ ବ୍ଲକରେ ଚାଷୀମାନ ଆଳୁ ମଞ୍ଜି ନବାପାଇ ଆଗ୍ରହ ପ୍ରକାଶ କଲେ ନାହିଁ। ଯେଉଁଥି ପାଇଁ ଉଦ୍ୟାନ ବିଭାଗ ଆଳୁ ମଞ୍ଜି ଆଣି ଚିନ୍ତାରେ ପଡିଥିଲେ। ନିଆଳିରେ ଶୀତଳ ଭଣ୍ଡାର ନଥିବାରୁ କ୍ଷତି ସହୁଛନ୍ତି ଚାଷୀମାନେ ସୂଚନା ଥାଉ କି ରାଏ ପୁରଠାରେ ଏକ ପୁରୁଣା ଶୀତଳ ଭଣ୍ଡାର ଅଛି ହେଲେ ତିରିଶି ବଷରୁ ଉର୍ଦ୍ଧ ହେବ ଏହା ଅଚଳ ହେଇପଡି ରହିଛି। ଯାହା ଫଳରେ ଏହାର ଘର ଯନ୍ତ୍ରାଷ ନଷ୍ଟ ହେଇଗଲାଣୀ। ଏହାର ଚାରିପାଖ ଜଙ୍ଗଲ ସୃଷ୍ଟି ହେଲାଣୀ ଉକ୍ତ ପୁରୁଣା ଶୀତଳ ଭଣ୍ଡାର ପୂର୍ଣ୍ଣର ଉଦ୍ଧାର କରିବା ସହ ନୂତନ ଶୀତଳ ଭଣ୍ଡାର କରିବା ନିମନ୍ତେ ଚାଷୀମାନେ ବିଧାୟକଙ୍କୁ ଗୁହାରି କରିଛନ୍ତି।

## ରାସ୍ତାରେ ମକା ରଖି ଚାଷୀଙ୍କ ପ୍ରତିବାଦ

**ଉମରକୋଟ: ଏକ୍ସପ୍ରେସ ନ୍ୟୁଜ୍**

ନବରଙ୍ଗପୁରରେ ମକା ଚାଷୀ ଆନ୍ଦୋଳନରେ ବସିଛନ୍ତି। ଚାଷୀଙ୍କ ଏହି ଆନ୍ଦୋଳନ ସ୍ଥଳରେ ଭିନ୍ନ ଏକ ପ୍ରତିବାଦର ଦୃଶ୍ୟ ଦେଖିବାକୁ ମିଳିଛି। ଶୀତ କାକରରେ ରାତିରେ ଉଜାଗର ରହିବା ସହିତ ଢେମସା ନୃତ୍ୟରେ ନାଚି ନାଚି ଏବଂ ନିଆଁ ପୁଇଁବା ସହ ଦେଶିଆ ନାଟକ ଦ୍ୱାରା ମନୋରଞ୍ଜନ କରି ଚାଷୀ ଜଣାଇଲେ ପ୍ରତିବାଦ।

ନିଜ ଉତ୍ପାଦିତ ମକା ଫସଲର ଉଚିତ ପ୍ରାପ୍ୟ ପାଇବା ପାଇଁ ରାଜରାସ୍ତାରେ ବସିଛନ୍ତି ଚାଷୀ। ମକା ମଣ୍ଡି ଖୋଲିବା ସହ ଶୀଘ୍ର ମଣ୍ଡିରୁ ଧାନ ଉଠାଇବା ପାଇଁ ନବରଙ୍ଗପୁରର ତିନି ବ୍ଲକରେ ଚକଅଖ ଜାମ୍ କରି ଚାଷୀ ଜଣାଉଛନ୍ତି ପ୍ରତିବାଦ। ତେବେ ଶୀତ ରାତିରେ ଅଭିନବ ଉପାୟରେ ଚାଷୀ ପ୍ରତିବାଦ ଜଣାଇଛନ୍ତି। ପ୍ରବଳ ଶୀତକୁ ଖାତିର ନକରି ରାତିରେ ଉଜାଗର ରହି ରାସ୍ତା ଅବରୋଧ କରିବା ସହିତ ସ୍ଥାନୀୟ ଅଞ୍ଚଳର ପ୍ରସିଦ୍ଧ ନୃତ୍ୟ ଢେମସାର ତାଳେ ତାଳେ ନାଚିବା ସହ ସ୍ଥାନୀୟ ଦେଶିଆ ନାଟକର ବ୍ୟବସ୍ଥାକାରୀ ଆନ୍ଦୋଳନକାରୀମାନେ ରାତି ସାରା ମନୋରଞ୍ଜନ କରି ପ୍ରତିବାଦ ଜଣାଇ ନିଜ ହକ୍ ସାବ୍ୟସ୍ତ କରିଛନ୍ତି। ଏହି ସମୟରେ କଂଗ୍ରେସ ନେତା ମୁନ୍ନା ତ୍ରିପାଠୀ ଆନ୍‌ଦୋଳନକାରୀ ଚାଷୀଙ୍କ ସହ ମିଶି ଢେମସା ନାଚ୍ କରିଥିଲେ। ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଆନ୍ଦୋଳନକାରୀ ଚାଷୀଙ୍କ ଶୀତ ରାତିରେ ଦେଶିଆ ନାଟକ ଦ୍ୱାରା ମନୋରଞ୍ଜନ କରିଥିଲେ।

## ତାମିଲନାଡୁରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

### ମୃତଦେହ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି

**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ନୂଆଗାଁର ଦାଦନ ଶ୍ରମିକ ଅରକ୍ଷିତ ନାୟକଙ୍କ (୧୯) ତାମିଲନାଡୁର ତ୍ରିପୁର କାଙ୍ଗିଆମ ଠାରେ ମୃତ୍ୟୁ ହୋଇଛି। ତେବେ ଏହାଶୁଣି ପରିବାର ଲୋକେ ଭାଙ୍ଗିପଡିଥିବା ବେଳେ ତାଙ୍କ ମୃତଦେହ ଭିଟାମାଟିକୁ ଆଣିବା ପାଇଁ ଗ୍ରାମବାସୀ ଏବଂ ସରପଞ୍ଚ ପ୍ରତିନିଧି ମଙ୍ଗଳା ଗମାଙ୍ଗ ଗଞ୍ଜାମ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିକଟରେ ଗୁହାରି କରିଥିଲେ।

ଖବରଅନୁସାରେ, ଅରକ୍ଷିତ ସେଠାକାର ଏକ ଅଏଲ କମ୍ପାନୀର ପାଚେରୀ ନିର୍ମାଣ କାମରେ ନିୟୋଜିତ ଥିଲେ। ସୋମବାର ସକାଳ ପ୍ରାୟ ୭ଟାରେ ଲୁହା ପାଇପରେ ନିର୍ମିତ ଭାଡ଼ି ଭାଙ୍ଗିଯିବା କାରଣରୁ ଅରକ୍ଷିତ ସେଠାରେ ଚାପି ହୋଇ ବିଦ୍ୟୁତ ଆଘାତରେ ଚେତାଶୂନ୍ୟ ହୋଇଯାଇଥିଲେ। ତାଙ୍କୁ ସାଥି ଶ୍ରମିକମାନେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ। ସେଠାରେ ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫୋନ ଯୋଗେ ପରିବାର ଲୋକେ ଏହି ଖବର ପାଇବା ପରେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଥିଲେ। ଏନେଇ ଜିଲ୍ଲାପାଳ ଶ୍ରମ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସେଠାକାର ପୋଲିସ ପ୍ରଶାସନ ସହ ଯୋଗାଯୋଗ କରାଯାଇ ତାଙ୍କ ମୃତଦେହ ଗାଁକୁ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ମୃତକଙ୍କ ପରିବାରର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରାଯାଇ ଅନୁକମ୍ପା ମୂଳକ ସରକାରୀ ସହାୟତା ଦିଆଯିବ ବୋଲି ସେ କହିଛନ୍ତି। ଏନେଇ ସରପଞ୍ଚ ପ୍ରତିନିଧି ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଏବଂ ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ଜଣାଇଥିବା କହିଛନ୍ତି। ଅରକ୍ଷିତ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ବାପା ଅଲେଖ ନାୟକ କିଛିବର୍ଷ ହେଲା ମୃତ୍ୟୁବରଣ କରିଥିଲେ। ଘରେ ବିଧବା ମା' ଏବଂ ୪ ଭଉଣୀ ଅଛନ୍ତି। ସେ ଗତ ପ୍ରାୟ ୩ ମାସ ପୂର୍ବେ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ ବୋଲି ଗ୍ରାମର ସଞ୍ଜୀବ ସର୍ଦ୍ଦାର,ରୋହିତ ସର୍ଦ୍ଦାର, ତ୍ରିନାଥ ଦଳାଇ, ଧରମା ନାୟକ, ଭଗବତୀ ପାତ୍ର, ଜିତୁ ନାୟକ, ଅକୁର ପାତ୍ର, କେଞ୍ଚୁ ଦଳେଇ ପ୍ରମୁଖ ଜଣାଇଛନ୍ତି।

## ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ଜଣେ ଆହତ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ବ୍ରହ୍ମପୁର ନିମଖଣ୍ଡି ଥାନା ବୋରିଗାଁରେ ବଡ଼ ଅଘଟଣ। ଗ୍ୟାସ ସିଲିଣ୍ଡର ବିସ୍ଫୋରଣରେ ଉଡ଼ିଗଲା ଘର। ବିଳମ୍ବିତ ରାତିରେ ଏହି ଘଟିଛି। ସୌଭାଗ୍ୟବଶତଃ ଜଣେ ଆହତ ହୋଇଛନ୍ତି। ପ୍ରଫୁଲ୍ଲ ରାଉଳ ଆହତ ହୋଇଥିବା ସୂଚନା ମିଳିଛି। ଅଗ୍ନିଶମ ବିଭାଗ ପହଞ୍ଚି ସ୍ଥିତିକୁ କରିଲେ ଆୟତ୍ତ କରିଛନ୍ତି।

କେଉଁ ପରିସ୍ଥିତିରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି ତାହା କିଛି ଜଣା ପଡିନଥିବା ଅଗ୍ନିଶମ ବିଭାଗ ଅଧିକାରୀ ସୂଚନା ଦେଇଛନ୍ତି। ଗ୍ୟାସ ଚୁଲା ଲାଗିନଥିବା ବେଳେ ସିଲିଣ୍ଡର କିପରି ବିସ୍ଫୋରଣ ହେଲା ତଦନ୍ତରୁ ଜଣାପଡିବ। କେମିତି ଘରର ବିଭିନ୍ନ ଅଂଶ ଭାଙ୍ଗିଲା ତାକୁ ନେଇ ସନ୍ଦେହ ରହିଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି।

## ମନରେଗା ବନ୍ଦ ବିରୋଧରେ ସିପିଏମର ବିକ୍ଷୋଭ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଗ୍ରାମାଞ୍ଚଳର ଶ୍ରମଜୀବୀମାନଙ୍କୁ କାମ ଯୋଗାଇ ଦେବା ପାଇଁ ୨୦୦୫ ମସିହାରେ ସମସ୍ତ ରାଜନୈତିକ ଦଳର ସମର୍ଥନରେ ପାର୍ଲ୍ୟାମେଣ୍ଟରେ ଗୃହୀତ ନିଶ୍ଚିତ ଗ୍ରାମୀଣ ନିଯୁକ୍ତି ଯୋଜନାକୁ କେନ୍ଦ୍ର ସରକାର ବନ୍ଦ କରିଦେବା ଶ୍ରମଜୀବୀଙ୍କ ପାଇଁ ପେଟରେ ଲାତ ସଦୃଶ। ଏଭଳି ନିର୍ଦୟ ନିଷ୍ପତ୍ତି ନେବା କେବଳ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ନୁହେଁ ଗ୍ରାମରେ ବସବାସ କରୁଥିବା ଖଟିଖିଆ ଦିନ ମଜୁରିଆଙ୍କୁ ଉପହାସ ବୋଲି ସିପିଏମ ଜଳେଶ୍ୱର ଆଞ୍ଚଳିକ କମିଟି ତରଫରୁ ଅଭିଯୋଗ କରାଯାଇଛି। ଏକ ଲୋକପ୍ରିୟ ଯୋଜନାକୁ ବନ୍ଦ କରିଦେଇ ବିଭି-ଜୀ-ରାମଜୀ ନାମରେ ଆଉ ଏକ ଯୋଜନା ପ୍ରଣୟନ କରାଯିବା ଏକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବୋଲି ଦର୍ଶାଇଛନ୍ତି। ଯେଉଁଥିରେ କାମ ପାଇବାର କୌଣସି ଗ୍ୟାରେଣ୍ଟି ନଥିବା ବେଳେ ଏଥିରେ କେନ୍ଦ୍ର ସରକାର ଏଣିକି ଷାଠିଏ ପ୍ରତିଶତ ଅର୍ଥ ଦେବାର ବ୍ୟବସ୍ଥା ରହିଛି। ପୁଣି କେନ୍ଦ୍ରର ବିନା ଅନୁମତିରେ ରାଜ୍ୟ କୌଣସି ସ୍କିମ୍ ହାତକୁ ନେଇପାରିବେ ନାହିଁ ଯାହା ଆମ ସମ୍ବିଧାନ ପ୍ରତି ସିଧାସଳଖ ଆକ୍ରମଣ ବୋଲି ଦଳ ଅଭିଯୋଗ କରିଛି। ଜଳେଶ୍ୱର ହାଟ ଛକଠାରେ ଦଳର ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ଏକ ପ୍ରତିବାଦ ସଭାରେ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି, ଜିଲ୍ଲା ନେତା ଦିପ୍ତିମାନ ଆଚାର୍ଯ୍ୟ ସମେତ, ପଲଟୁ ଦାସ, ଦିଲ୍ଲୀପ ପରିଡ଼ା, ଆରତୀ ପଲାଇ, ସବିତା ଭୂୟାଁ, ଅରୁଣ ଜେନା, ଲକ୍ଷ୍ମୀଧର ପଲାଇ, ସୁଶାନ୍ତ ରାଉତ, ଅବଦୁଲ ଜିଲାନୀ ଖାଁ ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ତୀବ୍ର ସମାଲୋଚନା କରିବା ସହିତ ବିଧେୟକ ଜରିଆରେ ଗୃହୀତ ଏଭଳି ଜନବିରୋଧୀ ବିଲର ନକଲକୁ ପୋଡ଼ା ଯାଇଥିଲା।

### ବାଣିଜ୍ୟ

## ରେକର୍ଡ ଭାଙ୍ଗିଲା ସୁନା ଦର

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**



ଚଳିତ ବର୍ଷ ସୁନା ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଛି। ଡିସେମ୍ବର ୨୨ ତାରିଖରେ ବିଶ୍ୱ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ପ୍ରତି ଆଉନ୍ସ ୪,୪୦୦ ଅତିକ୍ରମ କରି ଏକ ନୂତନ ରେକର୍ଡ ସ୍ଥାପନ କରିଥିଲା। ଭାରତରେ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ପ୍ରତି ଦଶ ଗ୍ରାମ ୧୩୩,୯୭୦ ଟଙ୍କା ଥିଲା। ମଙ୍ଗଳବାର ସୁନା ମୂଲ୍ୟ ୩ ପ୍ରତିଶତ ବୃଦ୍ଧି ପାଇ ଆଉନ୍ସ ୪,୪୮୮.୬୧ରେ ପହଞ୍ଚିଛି । ୧୦ ଗ୍ରାମ୍‌କୁ ଲକ୍ଷେ ୩୮ ହଜାର ୫ ଶହ ୫୦ ଟଙ୍କା ହୋଇଛି।

ଅନ୍ତର୍ଜାତୀୟ ବଜାରରେ ସୁନା ଇତିହାସରେ ୨୦୨୫ ବର୍ଷକୁ ସ୍ୱର୍ଣ୍ଣ ଅକ୍ଷରରେ ଲେଖାଯିବ। ଏହି ବର୍ଷ ସୁନା ମୂଲ୍ୟରେ ୬୮ ପ୍ରତିତ ବୃଦ୍ଧି ୧୯୭୦ ଦଶକର ଶେଷ ଭାଗ ପରେ ସବୁଠାରୁ ଶକ୍ତିଶାଳୀ ବାର୍ଷିକ ପ୍ରଦର୍ଶନ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଆସନ୍ତାବର୍ଷ ରେକର୍ଡ ଭାଙ୍ଗିବ ସୁନା ଦର।

ଯଦି ଭୁବନେଶ୍ୱରରେ ସୁନାଦର କଥା ଦେଖିବା ୨୪ କ୍ୟାରେଟ୍ ୧୦ ଗ୍ରାମ୍ ଦର ୨୪ ଶହ ଟଙ୍କା ବୃଦ୍ଧି ପାଇଛି। ୧୦ ଗ୍ରାମ୍‌କୁ ଲକ୍ଷେ ୩୮ ହଜାର ୫ ଶହ ୫୦ ଟଙ୍କା ହୋଇଛି। ସେହିପରି ୨୨ କ୍ୟାରେଟ୍ ୨୨ ଶହ ବୃଦ୍ଧି ପାଇ ଲକ୍ଷେ ୨୭ ହଜାର ଟଙ୍କା ହୋଇଛି।

ଗତ କିଛି ଦିନ ଧରି ସୁନା ମୂଲ୍ୟ ବୃଦ୍ଧି ପାଉଛି। ଭାରତରେ ସୁନା କିଣିବା କେବଳ ଏକ ନିବେଶ ନୁହେଁ, ଏହା ଭାରତୀୟ ପରମ୍ପରାରେ ଗଭୀର ଭାବରେ ଜଡିତ। ଭାରତରେ ସୁନା କିଣିବାକୁ ଶୁଭ ବୋଲି ବିବେଚନା କରାଯାଏ। ଶୁଭ ଅବସରରେ ଏବଂ ପର୍ବପର୍ବାଣୀରେ ବହୁ ପରିମାଣର ସୁନା କିଣାଯାଏ। ଲୋକମାନେ ବିଶ୍ୱାସ କରନ୍ତି ଯେ ସୁନା ସକାରାତ୍ମକ ଲକ୍ଷଣ ଆଣିଥାଏ। ନିବେଶକମାନେ ମଧ୍ୟ ସୁନାକୁ ଏକ ସୁରକ୍ଷିତ ନିବେଶ ବିକଳ୍ପ ବୋଲି ବିବେଚନା କରନ୍ତି, ବିଶ୍ୱାସ କରନ୍ତି ଯେ ଏହା ସେମାନଙ୍କୁ ବିଶ୍ୱ ଅନିଶ୍ଚିତତା ମଧ୍ୟରେ ସୁରକ୍ଷିତ ରିଟର୍ଣ୍ଣ ପ୍ରଦାନ କରିପାରିବ।

## ଦିଲ୍ଲୀରେ ଉତ୍କଳିନୀର ବାର୍ଷିକ ପର୍ବ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




୧୯୮୦ ମସିହାରେ ଜାତୀୟ ରାଜଧାନୀ କ୍ଷେତ୍ରରେ ପ୍ରତିଷ୍ଠିତ ଓଡ଼ିଆ ନାରୀମାନଙ୍କର ଅଗ୍ରଣୀ ଅନୁଷ୍ଠାନ ଉତ୍କଳିନୀର ୪୫ ତମ ବାର୍ଷିକ ସାଂସ୍କୃତିକ ପର୍ବ ଏଠାରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପ୍ରଖ୍ୟାତ କଥକ ନୃତ୍ୟଶିଳ୍ପୀ ଶୋଭନା ନାରାୟଣ ଓ ସମ୍ମାନନୀୟ ଅତିଥି ଭାବେ ମହାତ୍ମା ଗାନ୍ଧୀ ଜାତୀୟ ସଂଗ୍ରହାଳୟର ପୂର୍ବତନ ଅଧକ୍ଷା ଓ ଜାତୀୟ ପୁସ୍ତକ ଟ୍ରଷ୍ଟର ପ୍ରାକ୍ତନ ମୁଖ୍ୟ ତଥା ବିଶିଷ୍ଟ ଲେଖିକା ଓ କଳା ସମାଲୋଚକ ବର୍ଷା ଦାସ ଯୋଗ ଦେଇଥିଲେ। ସଭାକୁ ସମ୍ବୋଧନ କରି ଶୋଭନା ନାରାୟଣ, ସେ କିପରି ଓଡ଼ିଶାର କଟକ ସହରରେ ୧୯୬୦ ଦଶକରେ ରହି ଓଡ଼ିଶାର ସମୃଦ୍ଧ ସଂସ୍କୃତିର ଝଲକ ପାଇଥିଲେ ଏବଂ ସେହି ଦିନ ଉତ୍କଳିନୀର କାର୍ଯ୍ୟକ୍ରମରେ ପରିବେଷଣ କରାଯାଇଥିବା କଳାହାଣ୍ଡିର ଘୁମୁରା ନୃତ୍ୟ ଦେଖିଥିଲେ ବୋଲି କହିଥିଲେ। ଚଣ୍ଡାଶୋକକୁ ଧର୍ମାଶୋକରେ ପରିବର୍ତ୍ତନ କରିଥିବା ଓଡିଶାର ସଂସ୍କୃତିର ମହାନତା ଯୁଗଯୁଗ ଧରି ଇତିହାସରେ ଲିପିବଦ୍ଧ ହୋଇ ରହିଥିବା, ଶ୍ରୀମତୀ ନାରାୟଣ ଉଲ୍ଲେଖ କରିଥିଲେ। ବର୍ଷା ଦାସଙ୍କର ଓଡ଼ିଆ ଅଭିଭାଷଣରେ ସଭାକକ୍ଷ କରତାଳିର ଗୁଞ୍ଜରଣରେ ଭରି ଉଠିଥିଲା। ପ୍ରସିଦ୍ଧ ଚିତ୍ରକାର ଯତୀନ ଦାସଙ୍କୁ ବାହା ହେବା ପରେ ସେ, ତାଙ୍କର ପୁଅ ସିଦ୍ଧାର୍ଥ ଓ ଝିଅ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ରର ଅଭିନେତ୍ରୀ, ନନ୍ଦିତା ଦାସ ଅନର୍ଗଳ ଓଡ଼ିଆ କହିପାରନ୍ତି ବୋଲି କହିଥିଲେ। ସେ ଓଡ଼ିଆ ପଢି ପାରନ୍ତି ଓ ପ୍ରସିଦ୍ଧ ଓଡ଼ିଆ ଲେଖକ ଓ କବି ସୀତାକାନ୍ତ ମହାପାତ୍ରଙ୍କ ଓଡ଼ିଆ ଲେଖାକୁ ତାଙ୍କର ମାତୃଭାଷା ଗୁଜରାଟୀକୁ ଅନୁବାଦ କରିଛନ୍ତି ବୋଲି ଶ୍ରୀମତୀ ଦାସ ଦର୍ଶାଇଥିଲେ। ଓଡିଶା ପ୍ରତି କୃତଜ୍ଞତା ପ୍ରକାଶ କରି, ଓଡିଶା ତାଙ୍କୁ ବହୁତ କିଛି ଦେଇଛି। ସେ ଏଠାରୁ ବହୁତ କିଛି ଶିଖିଛନ୍ତି ବୋଲି ପ୍ରକାଶ କରିଥିଲେ।

ଏହି ବାର୍ଷିକ ସାଂସ୍କୃତିକ ପର୍ବରେ ଉତ୍କଳିନୀର ସଦସ୍ୟାମାନେ ନାରୀ ଶକ୍ତି ବିଷୟବସ୍ତୁ ଉପରେ ଆଧାରିତ ଓଡ଼ିଶାର ହସ୍ତଶିଳ୍ପ ଓ ତାର ସୌନ୍ଦର୍ଯ୍ୟକୁ ମଞ୍ଚ ଉପରେ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶ ବିଳାଶରେ ବର୍ଣ୍ଣିତ କୈବର୍ତ୍ୟର ଭଗବାନ ରାମଚନ୍ଦ୍ରଙ୍କ ପାଦ ଧୋଇବା ପ୍ରସଙ୍ଗ ଉପରେ ଆଧାରିତ ଓଡିଶୀ ନୃତ୍ୟ ଦର୍ଶକମାନଙ୍କୁ ଅଭିଭୂତ କରିଦେଇଥିଲା। ଶେଷରେ ଓଡ଼ିଆ ନାଟକ 'ବ୍ରେନ ଗାଆଁ ଡଟ କମ' ମଞ୍ଚସ୍ଥ କରାଯାଇଥିଲା।

ଏହି ଉତ୍ସବରେ ଉତ୍କଳିନୀର ଅଧକ୍ଷା ସବିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟକାର୍ଯ୍ୟନିର୍ବାହୀ ଅଧିକାରୀ ବୃନ୍ଦ ଯଥା ମଧୁମିତା ସାହୁ, ଶୁଭ୍ରଲୀନା ମହାନ୍ତି, ସ୍ନିଗ୍ଧା ଦାସ, ବନ୍ଦନା ମହାନ୍ତି ଏବଂ ଦୀପିକା ମିଶ୍ର ପ୍ରମୁଖ ସମଗ୍ର କାର୍ଯ୍ୟକ୍ରମକୁ ସଫଳତାର ସହିତ ପରିଚାଳନା କରିଥିଲେ।

## ଚମ୍ପୁଆ ରେଞ୍ଜରେ ହାତୀ ଆତଙ୍କ

**ଚମ୍ପୁଆ: ଏକ୍ସପ୍ରେସ ନ୍ୟୁଜ୍**



ହାତୀ ଉପଦ୍ରବରେ ନିଆଁ ଜାଳି ରାତିଉଜାଗର ହୋଇ କ୍ଷେତ ଜଗିଛି ଚାଷୀ। କେନ୍ଦୁଝର ଚମ୍ପୁଆ ରେଞ୍ଜରେ ୫୨ଟିକିଆ ହାତୀ। ପୂର୍ବରୁ ୩୩ ହାତୀ ଥିବାବେଳେ ସୋମବାର ମୟୁରଭଞ୍ଜରୁ ପୁଣି ଲେଉଟିଛନ୍ତି ୧୯ ହାତୀ। ଚାରି ଭାଗରେ ଭାଗହେଇ ଏହି ହାତୀପଲ ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଏହାକୁ ନେଇ ଲୋକେ ଚିନ୍ତାରେ ଅଛନ୍ତି। ଚମ୍ପୁଆ ରେଞ୍ଜର ଚମ୍ପୁଆ ସେକ୍ସନର ମୁକୁନ୍ଦପୁର ଠାରେ ୧୩ ଟିକିଆ ହାତୀପଲ ଦୀର୍ଘ ଦୁଇମାସରୁ ଅଧିକ ହେବ ବ୍ୟାପକ କ୍ଷୟ କ୍ଷତି କରୁଥିବା ବେଳେ ଏହି ହାତୀପଲରୁ ତିନୋଟି ହାତୀ ଗୋଠଛଡା ହେଇ ଗତ ରାତିରେ ଅଡଙ୍ଗା ପାଳ ଗାଁ ଭିତରକୁ ପଶି ଆସିଥିଲେ। ଯାହାକୁ ନେଇ ଗାଁରେ ଆତଙ୍କିତ ପରିବେଶ ସୃଷ୍ଟି ହେଇଥିଲା। ପୂର୍ବ ରାତିରେ ଏହି ହାତୀପଲ ମଙ୍ଗଳପୁର ଗାଁରେ ବ୍ୟାପକ ଆଖୁ ଚାଷ ଉଜାଡିଥିଲେ।

ସେହିପରି ଯୋଡା ସେକ୍ସନର ବନ୍ଧୁଆବେଡା ଗାଁରେ ୬ ଟିକିଆ ହାତୀପଲ ଉତ୍ପାତ ଜାରି ରଖିଥିବା ବେଳେ ବାଲିବନ୍ଧ ସେକ୍ସନର ଚମ୍ପକପୁର ଗାଁ ଜଙ୍ଗଲରେ ଥିବା ୧୪ ଟିକିଆ ହାତୀ ପଲ ଦୀର୍ଘ ଦିନହେବ ଆଖପାଖ ଗାଁ ଲୋକଙ୍କ ନିଦ ହଜାଇ ଦେଇଛନ୍ତି। ଅନ୍ୟପଟେ ଗତ ଦୁଇସପ୍ତାହ ତଳେ ଉଖୁଣ୍ଡା ସେକ୍ସନରୁ ମୟୁରଭଞ୍ଜକୁ ଚାଲି ଯାଇଥିବା ୧୯ ଟିକିଆ ହାତୀପଲ ଗତରାତି ବୈତରଣୀ ନଦୀ ପାର କରି ପୁଣି ଲେଉଟି ଆସିଛନ୍ତି।

ଏହି ହାତୀପଲ ରରୁଆଗୋଡା ଗାଁରେ ବ୍ୟାପକ ପନିପରିବା ଚାଷ ନଷ୍ଟ କରିଛନ୍ତି। ହାତୀ ଗୁଡିକ ମଙ୍ଗଳବାର ସକାଳୁ ରରୁଆଗୋଡା ଗାଁ ଜଙ୍ଗଲରେ ଥିବା ଜଣାପଡିଛି। ଚମ୍ପୁଆ ରେଞ୍ଜରେ ଥିବା ହାତୀଗୁଡିକ ଦିନରେ ବିଭିନ୍ନ ଜଙ୍ଗଲରେ ରହି ସନ୍ଧ୍ୟାହେଲା ମାତ୍ରେ ଗାଁ ମୁହାଁ ହେଉ ଥିବାରୁ ଲୋକ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ହାତୀ ପଲ ଉପରେ ନଜର ରଖିଥିବା କହୁଥିବା ବେଳେ ହାତୀଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହେଉଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିଛି।

ଏପଟେ ହାତୀ ଦାଉରୁ ଫସଲ ରକ୍ଷା କରିବାକୁ ଶୀତ କାକରରେ ନିଆଁ ଜାଳି ରାତିସାରା ଉଜାଗର ହୋଇ କ୍ଷେତ ଜଗିବାକୁ ପଡୁଛି। ହାତୀ ଆକ୍ରମଣରେ ଜଣେ ଗୁରୁତର। ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ହୀରପୁରରେ ଘଟିଛି ଅଘଟଣ। ସକାଳୁ ପରିସ୍ରା କରିବାକୁ ଉଠିଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଛନ୍ତି କଲରା-ଝରର ଫକୀର ସାହୁ। ତାଙ୍କୁ ବୋତଲମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ସାମ୍ନାକୁ ଆସିଲା 'ଦୃଶ୍ୟମ ୩' ରିଲିଜ ଡେଟ୍

### ସିନେମାଫିନେମା ଟିଭିଫିବି




ପୁଣି ବଡ ପରଦାରେ ଧମାକା କରିବାକୁ ଯାଉଛନ୍ତି ବଲିଉଡ ଷ୍ଟାର୍ ଅଜୟ ଦେବଗନ। ଫ୍ୟାନ୍ସ ଅଜୟଙ୍କ ସୁପରହିଟ୍ ସସପେନ୍ସ-ଥ୍ରୀଲର ଫିଲ୍ମ 'ଦୃଶ୍ୟମ'ର ତୃତୀୟ କିସ୍ତିକୁ ଉତ୍ସାହର ସହ ଅପେକ୍ଷା କରିଥିବା ବେଳେ ଏହା ଖୁବଶୀଘ୍ର ରିଲିଜ ହେବାକୁ ଯାଉଛି। ନିର୍ମାତାମାନେ ଗତକାଲି ଅଜୟ ଦେବଗନଙ୍କ ଅଭିନୀତ 'ଦୃଶ୍ୟମ ୩'ର ଆନୁଷ୍ଠାନିକ ଘୋଷଣା କରିବା ସହ ଫିଲ୍ମର ରିଲିଜ ତାରିଖ ମଧ୍ୟ ପ୍ରକାଶ ପାଇଛି।

ଇନଷ୍ଟାଗ୍ରାମରେ ନିର୍ମାତା ଫିଲ୍ମର ଘୋଷଣା ଭିଡିଓ ସେୟାର କରିଛନ୍ତି। ଯାହା ୧ ମିନିଟ୍ ୧୩ ସେକେଣ୍ଡର ରହିଛି। ଭିଡିଓରେ ଅଜୟ ଦେବଗନଙ୍କ ଏକ ଭଏସ୍‌ଓଭର ଦିଆଯାଇଛି। ଏହି ଭଏସ୍‌ଓଭରରେ, ଅଜୟ ଦେବଗନ ତାଙ୍କ ପରିବାରର ଗୁରୁତ୍ୱ ବିଷୟରେ କଥା ହୋଇଛନ୍ତି। ଏପର୍ଯ୍ୟନ୍ତ କାହାଣୀର ଏକ ଝଲକ ଦେଖିବାକୁ ମିଳିଛି। ଭଏସ୍‌ଓଭରରେ, ବିଜୟ ସାଲଗାଓଁକରଙ୍କ ଚରିତ୍ର କହୁଛି, 'ମୋର ସତ୍ୟ, ମୋର ଅଧିକାର, କେବଳ ମୋ ପରିବାର।' ଭିଡିଓର ଶେଷରେ, ବିଜୟ ସାଲଗାଓଁକର କୁହନ୍ତି, 'ଗଳ୍ପ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ। ଶେଷ ଭାଗ ଏପର୍ଯ୍ୟନ୍ତ ବାକି ଅଛି।'

'ଦୃଶ୍ୟମ ୩' ଅଭିଷେକ ପାଠକଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏହି ଫିଲ୍ମର କଳାକାରଙ୍କ ବିଷୟରେ ଏପର୍ଯ୍ୟନ୍ତ ଅଧିକ ସୂଚନା ପ୍ରକାଶ ପାଇନାହିଁ, ଯାହା ଅକ୍ଟୋବର ୨, ୨୦୨୬ରେ ମୁକ୍ତିଲାଭ କରିବାକୁ ଯାଉଛି। ତୃତୀୟ ଭାଗର କାହାଣୀ ପୂର୍ବ ଭାଗରୁ ଯେଉଁଠାରେ ଶେଷ ହୋଇଥିଲା ସେହିଠାରୁ ଜାରି ରହିବ ବୋଲି ଆଶା କରାଯାଉଛି। 'ଦୃଶ୍ୟମ' ହେଉଛି ମାଲାୟଲମ ସିନେମାର ରିମେକ୍। ଏହି ଦକ୍ଷିଣ ସିନେମାରେ ସୁପରଷ୍ଟାର ମୋହନଲାଲ ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି। ବଲିଉଡରେ ଅଜୟ ଦେବଗନ ସେହି ଭୂମିକାରେ ନଜର ଆସିଛନ୍ତି।

# ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ବେତନଟୀ ତହସିଲ ଅଞ୍ଚଳ




**୨୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଦିନକୁ ଦିନ ବାଲି ମାଫିଆ ଙ୍କର ଭୂସ୍ୱର୍ଗ ପାଲଟିଥିବା ଆମ ବେତନଟୀ ତହସିଲ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହି କାର୍ଯ୍ୟାଳୟ ଅଧିନ ବୁଢାବଳଙ୍ଗ ନଦୀର ଉଭୟ ପଠାର ବିସ୍ତୃତ ଅଞ୍ଚଳରୁ ଦୈନିକ ଶହ ଶହ ବାଲି ବୋଝେଇ ଡମ୍ପର, ହାଇୱା ଆଦି ବଡ ବଡ ଗାଡିରେ ବାଲି ସବୁ ବାଲେଶ୍ୱର ଅଞ୍ଚଳକୁ ଚାଲାଣ ହେଉଥିବା ଦେଖିବାକୁ ମିଳିଛି । ନିଲାମ ହୋଇଥିବା ବାଲି ଖାଦାନ ଗୁଡିକୁ ଆବଶ୍ୟକ କେ ଫର୍ମ ନ ଯୋଗାଇ ତହସିଲଦାର ମଧ୍ୟସ୍ଥିଙ୍କ ଜରିଆରେ ଲକ୍ଷ ଲକ୍ଷ ଟଙ୍କା ବଟୀ ନେଉଥିବାର ଅଭିଯୋଗ ହେଉଛି । ବୁଢାବଳଙ୍ଗ ନଦୀର କାଠପାଳ, ଦାରିହା, ନାଖରା, ବେଲାଣପୁରା, ପାଟଳିପୁରା, ପ୍ରତିମାଦେଇପୁର, ଖଣ୍ଡଦେଉଳା, ଡେଁଫୌଦା, କଣ୍ଟିପୁର ପର୍ଯ୍ୟନ୍ତ ନଦୀ ପଠାରୁ ଏତେ ପରିମାଣର ବାଲି ଉଠାଯାଇଛି ଯାହାକି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଛି । ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ନଦୀରେ ଆଦୌ ପାଣି ନାହିଁ, ଫଳରେ ବାଲି ମାଫିଆଙ୍କୁ ସାରା ରାତି ବାଲି ଚାଲାଣ କରିବାକୁ ସୁବିଧା ହେଉଛି । ମାତ୍ର ଗରୀବ ଆବାସ ହିତାଧିକାରୀ ନିଜର ଛୋଟ କାମଟିଏ କରିବାପାଇଁ ଟ୍ରାକ୍ଟର ଯୋଗେ ୨/୩ ଟ୍ରିପ୍ ବାଲି ଆଣିବା ବେଳକୁ ତାଙ୍କ ଗାଡିକୁ ଜବଦ କରି ଲୋକଦେଖାଣିଆ ଭାବେ ତାଙ୍କଠାରୁ ଜୋରିମାନା ଆଦାୟ କରା ଯାଉଥିବାର ଅଭିଯୋଗ ହେଉଛି । ସେହି ଜୋରିମାନା ଆଦାୟରେ ମଧ ହେରଫେର ହେଉଥିବାର ଖବର ଟ୍ରାକ୍ଟର ମାଲିକଙ୍କ ଠାରୁ ଜଣାଯାଇଛି । ଦଶ ହଜାର ଟଙ୍କାର ଜୋରିମାନା ନେଲେ ହଜାରେ ଟଙ୍କାର ରସିଦ ଦିଆଯାଉଛି । ଏଭଳି ଖବର ହସ୍ତଗତ ହେବାପରେ ତହସିଲଦାର ଙ୍କ କାର୍ଯ୍ୟାଳୟର ଜନୈକ ଅଧିକାରୀଙ୍କୁ ଯୋଗା ଯୋଗ କରାଯିବା ପରେ ସେ ଏହାକୁ ଖଣ୍ଡନ କରିବା ସହିତ ମାଇନିଂ ବିଭାଗର ଏହି ଦାୟିତ୍ୱ ଥିବାରୁ ଆମ୍ଭ ସ ବିଷୟରେ ଜାଣିନାହୁଁ ।

## ଆଜିର ରାଶିଫଳ

| ତାରିଖ<br>୨୪.୧୨.୨୦୨୫ | ବୁଧବାର–ଚତୁର୍ଥୀ<br>ନକ୍ଷତ୍ର– ଶ୍ରବଣା, ମକରଚନ୍ଦ୍ର |
|---|---|



| | | |
|---|---|---|
| ମେଷ | : | ପରିଭ୍ରମଣରୁ ଆନନ୍ଦ ପାଇବେ । |
| ବୃଷ | : | ବ୍ୟବସାୟରେ ସାମାନ୍ୟ ଲାଭ ହେବ । |
| ମିଥୁନ | : | ଗୁରୁଜନଙ୍କ ସେବା କରି ଆତ୍ମସନ୍ତୋଷ ପାଇବେ । |
| କର୍କଟ | : | ବ୍ୟବସାୟକୁ ନେଇ ସନ୍ତୋଷଲାଭ କରିବେ । |
| ସିଂହ | : | ସାଙ୍ଗସାଥୀରେ ହସଖୁସିରେ ଦିନ କଟିବ । |
| କନ୍ୟା | : | ଖୁସି ଖବର ପ୍ରାପ୍ତ ହେବେ । |
| ତୁଳା | : | ପାଦବ୍ୟଥା କଷ୍ଟ ଦେବ । |
| ବିଛା | : | ପାରିବାରିକ ଅସନ୍ତୋଷ ଦେଖାଦେବ । |
| ଧନୁ | : | ଅପବାଦ ମୁଣ୍ଡାଇବେ । |
| ମକର | : | ଆକସ୍ମିକ ଧନଲାଭ ଯୋଗ ରହିଛି । |
| କୁମ୍ଭ | : | ଦିନଟି ସବୁଦିଗରୁ ଖୁସିରେ କଟିବ । |
| ମୀନ | : | ବ୍ୟବସାୟରେ ଲାଭବାନ ହେବେ । |

### ମା’ ବ୍ରାହ୍ମଣ ଦେବୀ ମନ୍ଦିର ରୂପାନ୍ତରଣରେ ଦୁର୍ନୀତିର ଗନ୍ଧ

# ଅଧା କାମରେ ଏକ କୋଟି କୋଡିଏ ଲକ୍ଷ ଚଳୁ

**ବେଲଗୁଣ୍ଠା, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ୨୦୨୩ରେ ୫ଟି ଜରିଆରେ ମନ୍ଦିର ରୂପାନ୍ତରଣ ପାଇଁ କୋଟି କୋଟି ଟଙ୍କା ଅନୁମୋଦନ ଦେଇଥିଲେ । ଏହି ରୂପାନ୍ତରଣରେ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାର ଅଧିଷ୍ଠାତ୍ରୀ ଦେବୀ ମାଁ ବ୍ରାହ୍ମଣ ଦେବୀ ମନ୍ଦିର ସାମିଲ ହୋଇଥିଲା । ଏହି ପ୍ରସିଦ୍ଧ ମନ୍ଦିରର ରୂପାନ୍ତରଣ ପାଇଁ ଏକ କୋଟି କୋଡିଏ ଲକ୍ଷ ଟଙ୍କାର ଅଟକଳ ହୋଇ ଟଙ୍କା ମଞ୍ଜୁର ମଧ ହୋଇଥିଲା । କିନ୍ତୁ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି କି ନାହିଁ ଜଣାପଡୁନାହିଁ ।



ଫଳକର କାର୍ଯ୍ୟାରମ୍ଭ ତାରିଖ ୨୮ ଡିସେମ୍ବର ୨୦୨୩ ରହିଥିବା ବେଳେ କାର୍ଯ୍ୟ ସଂପୂର୍ଣ୍ଣ ତାରିଖ ୨୭ ଏପ୍ରିଲ ୨୦୨୪ ଦର୍ଶାଯାଇଛି । କିନ୍ତୁ ମାତ୍ର ଚାରି ମାସ ମଧରେ ଏତେ ଟଙ୍କାରେ କାମ କେମିତି ସମାପ୍ତ ହୋଇଛି ଏ କେଉଁ ଧରଣର କାର୍ଯ୍ୟ ହୋଇଛି ତାହା ସନ୍ଦେହ ଘେରରେ । କାର୍ଯ୍ୟାରମ୍ଭ ସମୟରେ ମନ୍ଦିର କମିଟି, ଠିକାଦାର ଓ ଯନ୍ତ୍ରୀ ମିଶି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ କେଉଁ କେଉଁ କାର୍ଯ୍ୟ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । କିନ୍ତୁ କମିଟିର ଅଭିଯୋଗ ପ୍ରକାରେ କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କ କହିବା ଅନୁସାରେ ମନ୍ଦିର କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଆଲୋଚନା ମୁତାବକ ଯଜ୍ଞ ମଣ୍ଡପ, ମୁଖ୍ୟ ଫାଟକ ଓ ଡ୍ରେନେଜ୍ ଭଳି ଜରୁରୀ କାମ ହୋଇନଥିବା ଅଭିଯୋଗ କରିଛନ୍ତି । ମନ୍ଦିରର ହୋଇଥିବା କାର୍ଯ୍ୟକୁ ଦେଖିଲେ ଏକ କୋଟି କୋଡିଏ ଲକ୍ଷ ଖର୍ଚ୍ଚ ହୋଇଥିବା ମଧ ଦେଖାଯାଉନାହିଁ । କମିଟି, ରାସ୍ତା ଓ କୋଠାବାଡ଼ି ବିଭାଗର କଥା ମିଶୁ ନ ଥିବା ବେଳେ ଗତ ଜୁନ୍ ମାସ ୧୯ ତାରିଖରେ ମନ୍ଦିରର ପରିଚାଳନା କମିଟି ମାନେ ଭଞ୍ଜନଗର ପୂର୍ତ୍ତ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଅଭିଯୋଗ ପତ୍ର ଦାଖଲ କରି ତାହାର ନକଲ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରେରଣ କରିଥିଲେ ମଧ ତାହାର ସୁଫଳ ମିଳିପାରିନଥିବା କମିଟି ଅଭିଯୋଗ କରିଛନ୍ତି । ମନ୍ଦିର ତିଆରିରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ନେଇ ଜନସାଧାରଣରେ ଆଲୋଚନା ହେଉଛି । ଗୋଟିଏ କଥା ଚର୍ଚ୍ଚା ହେଉଛି କାର୍ଯ୍ୟ ଚାଲିଥିବା ସମୟରେ କମିଟି କାହିଁକି ଅଭିଯୋଗ କଲାନି? କାମ ସାରିବାର ବହୁଦିନ ପରେ ଅଭିଯୋଗକୁ ନେଇ ଅଞ୍ଚଳବାସୀଙ୍କ ମନରେ ବିଭିନ୍ନ ପ୍ରଶ୍ନ ଆସୁଛି । ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ଜନସାଧାରଣ ଦାବି କରିଛନ୍ତି ।

# ବିରଜା ମନ୍ଦିରରେ ଅଣହିନ୍ଦୁ ପ୍ରବେଶ ନେଇ ଉତ୍ତେଜନା

**ଯାଜପୁର, ୨୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବିରଜା ମନ୍ଦିରରେ ସୋମବାର ଦିନ ଲଭ୍ ଜିହାଦ ଦେଖିବାକୁ ମିଳିଛି । ହିନ୍ଦୁ ଝିଅ ଓ ଅଣହିନ୍ଦୁ ଯୁବକ ଉଭୟ ମିଶି ବିରଜା ମନ୍ଦିରରେ ପ୍ରବେଶ ନେଇ ଉତ୍ତେଜନା ଲାଗିଥିଲା । ପୁଲିସ ଉଭୟ ପ୍ରେମୀ ଯୁଗଳଙ୍କୁ କାବୁ କରି ଟାଉନ ଥାନାରେ ଆଣି ପଚରାଉଚରା କରିବା ପରେ ଉଭୟଙ୍କ ପରିବାର ଲୋକଙ୍କୁ ଥାନାକୁ ଡାକି ଜିମା ଦେବା ପରେ ଏପରି କାମ ଭବିଷ୍ୟତରେ ଯେପରି ନ ଘଟେ ସେଥିପାଇଁ ପୁଲିସ ଏକ ଲିଖିତ କରାଇବା ସହ ଥାନାରେ ଏକ ଷ୍ଟେସନ ଡାଏରୀ କରିଥିବା ଜଣାପଡ଼ିଛି ।



ଘଟଣାର ବିବରଣୀରୁ ପ୍ରକାଶ, କେନ୍ଦ୍ରାପଡ଼ା ଅଞ୍ଚଳର ଜନୈକା ହିନ୍ଦୁ ଝିଅ ଯାଜପୁର କଟିକଟା ଇଜାପୁର ଅଞ୍ଚଳର ଜନୈକ ସଂଖ୍ୟାଲଘୁ ସଂପ୍ରଦାୟର ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ଉଭୟ ସୋମବାର ପୂର୍ବାହ୍ନ ସମୟରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କ ମନ୍ଦିରରେ ଆସିଥିବା ବେଳେ ବାଇକ ଷ୍ଟାଣ୍ଡରେ ଗାଡ଼ି ଓ ଜୋତା ଦୁଇ ହଳ ରଖିଥିଲେ। ଗାଡ଼ି ପାର୍କିଂ ଓ ଜୋତା ବାବଦକୁ ବିରଜା ମନ୍ଦିର ସେବାୟତ ତଥା ସାଇକେଲ ଷ୍ଟାଣ୍ଡର ମାଲିକ ବ୍ରହ୍ମାନନ୍ଦ ରଣା ସଂପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ୨୦ ଟଙ୍କା ମାଗିଥିଲେ । ଯୁବକ ଜଣକ ପାର୍କିଂ ବାବଦକୁ ୨୦ ଟଙ୍କା ଫୋନ୍ ପେ କରିଥିଲେ। ଷ୍ଟାଣ୍ଡର ମାଲିକ ବ୍ରହ୍ମାନନ୍ଦ ରଣା ସଂପୃକ୍ତ ଯୁବକଙ୍କୁ ଫୋନ୍ ଦେଖାଇବାକୁ କହିଥିଲେ । କିନ୍ତୁ ଯୁବକ ଜଣକ ଫୋନ ନ ଦେଖାଇ ପଳାଇଥିଲେ । ବ୍ରହ୍ମାନନ୍ଦଙ୍କ ସନ୍ଦେହ ହେବାରୁ ସେ ତାଙ୍କ ଫୋନ୍ ପେ’ଟିକୁ ଯାଞ୍ଚ୍ କରିବା ପରେ ଜାଣିବାକୁ ପାଇଥିଲେ ଯେ ଫୋନ୍ ପେ’ କରିଥିବା ଯୁବକର ନାମ ହେଉଛି ଏସ୍ କେ ମସ୍କୁର । ସେ ତୁରନ୍ତ ମନ୍ଦିରର ପୁଲିସ ଓ ବଜରଙ୍ଗ ଦଳର ସଦସ୍ୟଙ୍କୁ ଅବଗତ କରାଇଥିଲେ। ହିନ୍ଦୁ ଝିଅ ଓ ସଂପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ମନ୍ଦିରର ବେଢ଼ାରେ ପ୍ରବେଶ କରି ବଉଳଗଛ ମୂଳରେ ବସିଥିଲେ । ସେଠାରୁ ମନ୍ଦିରର ପୁଲିସ ତାଙ୍କୁ ପଦାକୁ ଆଣି ପଚରାଉଚରା କରିବା ପରେ ସଂପୃକ୍ତ ଯୁବକ ଜଣକ ସଂଖ୍ୟାଲଘୁ ସଂପ୍ରଦାୟର ବୋଲି କହିଥିଲେ। କିଛି ସମୟ ପାଇଁ ବିରଜା ମନ୍ଦିର ସମ୍ମୁଖରେ ଉତ୍ତେଜନା ଲାଗି ରହିଥିଲା। ଉଭୟଙ୍କୁ ଯାଜପୁର ଟାଉନ ଥାନାକୁ ଆଣି ଅଟକ ରଖି ପଚରାଉଚରା କରାଯାଇଥିଲା। ପରେ ପୁଲିସ ଉଭୟ ହିନ୍ଦୁ ଝିଅ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ପୁଅଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାରର ଲୋକେ ଯାଜପୁର ଟାଉନ ଥାନାରେ ଆସିବା ପରେ ଟାଉନ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସଂପୃକ୍ତ ଝିଅ ଓ ଯୁବକଙ୍କୁ ଉଭୟଙ୍କ ପରିବାର ଲୋକଙ୍କୁ ଜିମା ଦେବା ପରେ ଭବିଷ୍ୟତରେ ଯେପରି ଏପରି ଭୁଲ୍ ନ ହୁଏ ସେଥିପ୍ରତି ଧ୍ୟାନ ଦେବା ପାଇଁ ଏକ ଲିଖିତ କରାଇବା ସହ ପୁଲିସ ଥାନାରେ ଏକ ଷ୍ଟେସନ ଡାଏରୀ କରିଥିବା ସୂଚନା ଦେଇଛନ୍ତି ।

# ପ୍ରାଚୀ ଓ ଗଡ଼ିଆ ପାଣି ଭରସାରେ ନିଆଳୀ ପଞ୍ଚାୟତ ବାସିନ୍ଦା

**ନିଆଳୀ, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ନିଆଳୀ ବ୍ଲକ୍ ନିଆଳୀ ପଞ୍ଚାୟତର କୁଆଁରୀସାହି, ହରିଶପୁର, ଗାୟା ସାହି, ନିଆଳୀ ପୂର୍ବ ଖଣ୍ଡ, ତୋଟା ସାହି ସମେତ ଅନେକ ସାହି ମୌଳିକ ସୁବିଧାରୁ ବଞ୍ଚିତ ଥିବା ବେଳେ ପ୍ରଶାସନ ଦୃଷ୍ଟି ପଡୁନାହିଁ । ଯାହାକୁ ନେଇ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଉଥିଲେ ମଧ ପ୍ରଶାସନର ସେଭଳି ତତ୍ପରତା ଦେଖା ଯାଉନାହିଁ । ନିଆଳୀ ପଞ୍ଚାୟତର ଏହିସବୁ ସାହି ବାସିନ୍ଦା ପ୍ରାଚୀ ନଦୀ ଓ ଗଡିଆ ପାଣି ଉପରେ ନିର୍ଭର କରି ଚଳୁଛନ୍ତି । ଏହି ଘଟଣାକୁ ଦେଖିଲେ ନିଆଳୀ ବ୍ଲକ୍‌ର ନିଆଳୀ ପଞ୍ଚାୟତରେ ବିକାଶର ଧାରା କେତେ ତାହା ସହଜରେ ଜଣାପଡେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନଥିବାରୁ ସେମାନେ ବହୁ ହଇରାଣ ହେଉଛନ୍ତି । ଉକ୍ତ ପଞ୍ଚାୟତ ପାଇଁ ଦୁଇ ଦୁଇଟି ମେଗା ପାନୀୟଜଳ ପ୍ରକଳ୍ପ ହେଉଥିଲେ ମଧ ତାହା ଠିକ୍ ସେ କାର୍ଯ୍ୟକାରୀ ହୋଇପାରୁନାହିଁ । ଯାହାଫଳରେ ଲୋକମାନେ ପିଇବା ପାଣିପାଇଁ ହନ୍ତସନ୍ତ ହେଉଛନ୍ତି । ନିଆଳୀ ପଞ୍ଚାୟତର ବିଭିନ୍ନ ସାହିରୁ ଦୁଇଶହରୁ ଉର୍ଦ୍ଧ୍ୱ ପରିବାରର ନିଜସ୍ୱ ନଳକୂପ ନଥିବାରୁ ସେମାନେ ପୋଖରୀ ଓ ପ୍ରାଚୀନଦୀର ଜଳକୁ ବ୍ୟବହାର କରୁଛନ୍ତି । ପିଇବା ପାଣିର ସମସ୍ୟାରେ ଅତିଷ୍ଠ ହୋଇ ବିଭିନ୍ନ ସାହିର ଲୋକମାନେ ନିଆଳୀ ବ୍ଲକ୍ ବିଡ଼ିଓ ଧର୍ମରଞ୍ଜନ ପଣ୍ଡାକୁ ଭେଟି ପନ୍ଦର ଦିନ ଭିତରେ ପାଣିର ସମସ୍ୟା ସମାଧାନ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି । ବିଡ଼ିଓ ଶ୍ରୀ ପଣ୍ଡା ଖୁବ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଗ୍ରାମବାସୀଙ୍କ ପକ୍ଷରୁ ବିଜେପି ନେତା ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ବ୍ରଜବନ୍ଧୁ ସିଂ, ତୋଫାନ ସିଂ, ଦିଲ୍ଲୀପକୁମାର ଜେନା, ବିଶ୍ୱଜିତ୍ ବାରିକ୍, ଦିଲ୍ଲୀପ କୁମାର ସ୍ୱାଇଁ, ତିଲୁ ଭୋଇ, ଅକ୍ଷୟ ସାହୁ ଓ ଅନେକ ସାହି ଲୋକ ଉପସ୍ଥିତ ରହିଥିଲେ ।



# ବେଆଇନ କଳାପଥର ପରିବହନ, ହାଇୱା ଓ ଟିପର ଜବତ

**ଯାଜପୁର, ୨୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ କଳାପଥର ପରିବହନ ବେଳେ ଯାଜପୁର ଖଣି ବିଭାଗ ପକ୍ଷରୁ ୧ ହାଇୱା ଓ ୧ ଟିପରକୁ ଜବତ କରିଛି । ସୂଚନା ଅନୁସାରେ ଯାଜପୁର ଅଙ୍ଗଡ଼, କଳିନ୍ଦ୍ରାବାଦ, ମଲ୍ଲିକାପୁର, କମଳପୁର ଅଞ୍ଚଳରେ ବେଆଇନ ଭାବେ କଳାପଥର ପରିବହନ ହେଉଥିଲା। ଖବର ପାଇ ଯାଜପୁର ଖଣିବିଭାଗର ଅଧିକାରୀ ସୀତେଶ କୁମାର ନାୟକ, ଦିପ୍ତା ସୁନ୍ଦର ସେଠୀ ଓ ଟାଉ ପୁଲିସ ମିଳିତ ଭାବେ ଚଢ଼ଉ କରି ଉପରୋକ୍ତ ଅଞ୍ଚଳରୁ ୧ ହାଇୱା ଓ ୧ଟିପର ଗାଡ଼ିକୁ ଜବତ କରି ଟାଉନ ଥାନାକୁ ହସ୍ତାନ୍ତର କରାଯାଇଛି ।

# ଷଣ୍ଢ ଗୋଡ଼ ହଣା, ୩ କୋର୍ଟ ଚାଲାଣ

**ଯାଜପୁର, ୨୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଷଣ୍ଢ ଗୋଡ଼ ହଣାକୁ କେନ୍ଦ୍ର କରି ସୋମବାର ଦିନ ଯାଜପୁର ସଦର ପୁଲିସ ୩ଜଣ ଦୁର୍ବୃତ୍ତଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଯାଜପୁର ସଦର ଥାନା ଅଡ଼ଙ୍ଗ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାୟର ମର୍ଦ୍ଦୁଦିନଙ୍କ ପୁଅ ସେକ୍ ମୁସ୍ତାକ ହୁସେନ(୭୨), ସେକ୍ ମୁସ୍ତାକଙ୍କ ପୁଅ ସେକ୍ ନିୟାସ ଅହମ୍ମଦ (୩୮) ଓ ସେକ୍ ମୁସ୍ତାକ ହୁସେନଙ୍କ ପୁଅ ସେକ୍ ସାନ ଅହମ୍ମଦ (୪୩)। ଏହି ୩ଜଣ ଦୁର୍ବୃର୍ତ୍ତ ଷଣ୍ଢର ଗୋଡ଼କୁ ହାଣିଥିବା ନେଇ ପୁଲିସ ତଦନ୍ତରୁ ଜାଣିବା ପରେ ସେମାନଙ୍କୁ ରବିବାର ଦିନ ଗିରଫ କରି ଥାନାରେ ଅଟକ ରଖି ପଚରାଉଚରା କରିବା ପରେ ସୋମବାର ପୂର୍ବାହ୍ନରେ ସଦର ପୁଲିସ କୋର୍ଟ ଚାଲାଣ କରିଛି ।



# ବିଶ୍ରାମାଗାରରେ ବ୍ୟକ୍ତିଙ୍କ ସନ୍ଦେହଜନକ ମୃତ୍ୟୁ

**ମୁନିଗୁଡ଼ା/ଚନ୍ଦ୍ରପୁର, ୨୩।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସୋରଡା ଥାନାଠୁ ପ୍ରାୟ ୫୦୦/୬୦୦ମିଟର ଦୂର ଜାର ଉପରେ ଥିବା ଯାତ୍ରୀ ବିଶ୍ରାମଗାରାରେ ଜଣେ ପ୍ରାୟ ୪୫ ବର୍ଷିଆ ବ୍ୟକ୍ତି ମରିପଡିଥିବା ସକାଳୁ ଲୋକମାନେ ଦେଖି ପ୍ରଘଟ କରିଥିଲେ । ଅପରିଚିତ ବ୍ୟକ୍ତିର ମୃତ୍ୟୁ ଖବର ସକାଳୁ ମୋବାଇଲ୍‌ରୁ ମୋବାଇଲକୁ ଘୁରିବୁଲୁଥିଲା । ଖବର ପାଇ ଡାଙ୍ଗସୋରଡା ଏସଆଇ ମନୋରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମୁନିଗୁଡା ପଠାଇଥିଲେ । ହେଲେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ପୋଲିସ ସୁତ୍ରରୁ ଜଣାପଡିଛି । ଲୋକଟି କେଉଁ ପରିସ୍ଥିତିରେ କେତେବେଳେ ବିଶ୍ରାମଗାରାକୁ ଆସିଲା, ସେ ସ୍ୱାଭାବିକ ମରିଛି ନା ତାକୁ ମାରିଦିଆଯାଇଛି ସେନେଇ ପୁଲିସର ମୁଣ୍ଡବ୍ୟଥାର କାରଣ ପାଲଟିଛି । ତେଣୁ ସମସ୍ତ ଦିଗକୁ ନେଇ ତଦନ୍ତ କରାଯିବାର ଆବଶ୍ୟକ ଥିବାବେଳେ ସାଇଣ୍ଟିଫିକ ଟିମର ଉପସ୍ଥିତ ଜରୁରୀ ଅଟେ । ତେଣୁ ଶବବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣାର କାରଣ ଜଣାପଡିବ ବୋଲି ଏସଆଇ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି । କିନ୍ତୁ ସ୍ଥାନୀୟ ବାଟୋଇଙ୍କ ଚର୍ଚ୍ଚାରୁ ଶୁଣିବାକୁ ମିଳୁଛି ବିଚରା ଲୋକଟି କୁଆଡେ ହାଟକୁ ଆସେ ତାକୁ ରାତିରେ କେହି ମାରିଦେଇଥିବା ସନ୍ଦେହ ସୃଷ୍ଟି କରିଛି । ଅପରପକ୍ଷରେ ଲୋକମାନଙ୍କ ଆଲୋଚନାରୁ ଶୁଣିବାକୁ ମିଳୁଛି ମୃତ ଲୋକଟିର ନାମ କପା ବେହେରା, ରାୟଗଡାର । ସେ ଅଧିକାଂଶ ଦିନ ରବିବାର ହାଟକୁ ଆସେ । ତେଣୁ ଗତକାଲି ହାଟ ଥିଲା ସେ ହାଟକୁ ଆସି ରାତିରେ ଯାଇପାରି ନାହିଁ । ଶୀତରେ ବିଶ୍ରାମଗାରରେ ଶୋଇପଡିଛି, କେହି ଦୁର୍ବୃତ୍ତ ମାରିଦେଇ ପାରନ୍ତି କିମ୍ବା ଥଣ୍ଡା ଅଧିକରୁ ମୃତ୍ୟୁ ହୋଇପାରେ ବୋଲି ଚର୍ଚ୍ଚା ଜୋର୍‌ଧରିଛି । ଦେଖାଯାଉ ଡାଙ୍ଗସୋରଡା ପୋଲିସର ପାରିବାପଣିଆରେ ମୃତ୍ୟୁର ସତ୍ୟାସତ୍ୟ କେବେ ଉନ୍ମୋଚନ ହେବ ତାହା ଜାଣିବାକୁ ସାଧାରଣ ଜନତା ଅପେକ୍ଷାରତ ।

# କିନ୍ନର ଗୋଷ୍ଠୀ ମୁହାଁମୁହିଁ

**ଭଦ୍ରକ, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲାରେ ଦୁଇ କିନ୍ନର ଗୋଷ୍ଠୀ ବିବାଦ ଉଗ୍ରରୂପ ନେଇଛି । ଗୋଟିଏ ଗୋଷ୍ଠୀର କିନ୍ନରଙ୍କ ଉପରେ ଆକ୍ରମଣ ଅଭିଯୋଗ ପରେ ଅନ୍ୟ କିନ୍ନର ଗୋଷ୍ଠୀ ୪ ଜଣ କିନ୍ନରଙ୍କୁ ଭଦ୍ରକ ସହରାଞ୍ଚଳ ଥାନାରେ ଜିମା ଦେଇଛନ୍ତି । ତେବେ ଏହି ୪ ଜଣ କିନ୍ନର ବାଂଲାଦେଶୀ ବୋଲି ଅଭିଯୋଗ ଆଣିଛନ୍ତି କିନ୍ନରମାନେ । ଭଦ୍ରକ ଜିଲାରେ ୨୦ରୁ ଅଧିକ ବାଂଲାଦେଶୀ କିନ୍ନର ରହି ବିଭିନ୍ନ ଅନୈତିକ ଓ ଆପରାଧିକ କାର୍ଯ୍ୟରେ ନିୟୋଜିତ ରହୁଛନ୍ତି ବୋଲି ଅଭିଯୋଗ ଆସିଛି । ଦୁଇ ଗୋଷ୍ଠୀ ପୋଲିସ ସାମ୍ନାରେ ଥାନା ଆଗରେ ହଙ୍ଗାମା କରିଥିଲେ । ତେବେ ଏହି ୪ କିନ୍ନରଙ୍କ କାଗଜପତ୍ର ଯାଞ୍ଚ ଦାବିରେ ସହରାଞ୍ଚଳ ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି ଅନ୍ୟ ଗୋଷ୍ଠୀର କିନ୍ନର । ଉକ୍ତ ୪ କିନ୍ନରଙ୍କୁ ଭଦ୍ରକ ସହରାଞ୍ଚଳ ପୋଲିସ ଅଟକ ରଖିଛି ।

# ପୂର୍ତ୍ତ ବିଭାଗର ଟେଣ୍ଡରକୁ ପୁଣିଥରେ ଜାରି କଲା କୋଦଳା ଏନ୍‌ଏସି

**କୋଦଳା, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କୋଦଳା ଏନଏସି ରେ ଦିନକୁ ଦିନ ବଢ଼ିଚାଲିଛି ମହାଦୁର୍ନୀତି ତଥାପି ଜିଲ୍ଲା ପ୍ରଶାସନ ନିରବ କାହିଁକି ବୋଲି ସାଧାରଣରେ ଚର୍ଚ୍ଚା ହେଉଛ । ଆମେ କହୁରୁ ଏହି କୋଦଳା ଏନଏସି କାର୍ଯ୍ୟାଳୟ କଥା ଯାହାର ଦୁର୍ନୀତି ଏବେ ଚରମସୀମାରେ ପହଞ୍ଚି ସାରିଲାଣି । କିଛି ମାସ ତଳେ ପୂର୍ତ୍ତବିଭାଗ ତରଫରୁ ତହସିଲ କ୍ୱାଟର ପରିସରରେ ଫେବର ପକାଇବା ପାଇଁ ଚାରିଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିବା ନେଇ ଶୁଣିବାକୁ ମିଳୁଛି କିନ୍ତୁ ସେଇ କାମ ବର୍ତ୍ତମାନ ସୁଦ୍ଧା ହୋଇନଥିବା ବେଳେ ବର୍ତ୍ତମାନ ସେଇକମକୁ କୋଦଳା ଏନଏସି ତରଫରୁ ଚିଠି ନମ୍ବର ୩୪୦୫/ ୨୬.୧୨.୨୦୨୫ରିଖରେ ଟେଣ୍ଡର ବାହାର କରିଛନ୍ତି ଯାହାର ମୂଲ୍ୟ ୭,୮୧,୩୭୦ଟଙ୍କା। ଯାହାକି ୧୮.୧୨.୨୦୨୫ରେ ସାର୍ବଜନୀନ ହୋଇଥିଲା । ଏହାର ଶେଷ ତାରିଖ ୨୬.୧୨.୨୦୨୫ ପର୍ଯ୍ୟନ୍ତ ଅଛି ଏହାକୁ ୨୯.୧୨.୨୦୨୫ଦିନ ୧୧ଟା ସମୟରେ ଓପେନ କରିବା ଧାର୍ଯ୍ୟ କରାଯାଇଛି । ହେଲେ ଏଠି ପ୍ରଶ୍ନ ଉଠୁଛି କେମିତି ପୂର୍ତ୍ତ ବିଭାଗ ବାହାର କରିଥିବା ଟେଣ୍ଡର କୁ କୋଦଳା ଏନଏସି ବାହାର କଲା ତା ସହିତ ଯୋଉ ଟେଣ୍ଡରଟି ବାହାର କରିଛନ୍ତି ପୂର୍ତ୍ତ ବିଭାଗ ସେଇ ଜାଗାକୁ ଏନଏସିକୁ ହସ୍ତାନ୍ତର କରିଛନ୍ତି କି ବୋଲି ବୁଦ୍ଧିଜିବି ମହଲ ରେ ଚର୍ଚ୍ଚା ହେଉଛି, ନା ଲୁଟି ଖାଇବାପାଇଁ ଏନଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ, କାର୍ଯ୍ୟନିର୍ବାହି ଅଧିକାରୀ କୃଷ୍ଣ ଚନ୍ଦ୍ର ରଥ ଓ ଯେଇ ଏହିପରି ମହା ଘୋଟଲା କରିଛନ୍ତି?ଏହି ଏନଏସି ରେ ଏମିତି ଗୋଟିଏ କାମ ନୁହଁ ଶତାଧିକ କାମରେ ଘୋଟଲା ଓ ଟେଣ୍ଡର ଫିକ୍ସିଂ କରି କୋଟି କୋଟି ଟଙ୍କା ଲୁଟି ସାରିଲେଣିଛ ପ୍ରତ୍ୟେକ ଦିନ ଏହି ଏନଏସି ର ଦୁର୍ନୀତି ଉପରେ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ହେଉଥିବା ବେଳେ ଜିଲ୍ଲା ପ୍ରଶାସନ କାହିଁକି ନିରବ ତାକୁ ନେଇ ଏବେ ସାଧାରଣ ଲୋକଙ୍କ ମନରେ ବଡ଼ ପ୍ରଶ୍ନ ସୃଷ୍ଟି କରିଛି । ଗତ ୨୮ ତାରିଖ ରେ ଟେଣ୍ଡର ଫିକ୍ସିଂ ହୋଇଥିବା ବେଳେ ଗତ ୨୯ ତାରିଖ ରେ ଜଣେ କାଉସିଲର ତଥା ସାମ୍ବାଦିକ ଭଗବାନ ପାଢ଼ୀଙ୍କୁ ଏନଏସି ପରିସରରେ ଅଧକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିର୍ଦ୍ଦେଶରେ ମାଡ ମାରି ସିସିଟିଭି ଫୁଟେଜକୁ ଗାଏବ କରିଦେଇଥିଲେ ମଧ ଆଜକୁ ୨୫ ଦିନ ବିତିଯାଇଥିଲେ ମଧ ଏନଏସି କାର୍ଯ୍ୟାଳୟରେ ବର୍ତ୍ତମାନ ସୁଦ୍ଧା ଶିଶିଟିଭି ଲାଗିନାହିଁ । ଦେଖାଯାଉ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏ ହେଉଛି ଲୋକଙ୍କ ସରକାର ବୋଲି ଯୋଉ ଡିଣ୍ଡିମ ପିଟୁଛନ୍ତି ଏବଂ ଦୁର୍ନୀତିକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି କହୁଛନ୍ତି ତାହା କେତେଦୂରୁ କାର୍ଯକାରୀ ହେଉଛି ତାହା ଦେଖିବାକୁ ବାକିରହିଲା ।

# ଚୋରି ମାମଲାରେ ଅଭିଯୁକ୍ତ ଗିରଫ

**କଳିଙ୍ଗନଗର, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମୋଟରସାଇକେଲ ଚୋରି ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟକୁ ପଠାଇଛି । କଳିଙ୍ଗନଗର ଥାନା ଅନ୍ତର୍ଗତ ଥାନା କେସ୍ ନଂ–୪୫୫/୨୫ ଅନୁସାରେ ଗିରଫ ଅଭିଯୁକ୍ତ ହେଲେ ସୁରେନ୍ଦ୍ର ଓଝା (୪୫), ପିତା – ବୃନ୍ଦାବନ ଓଝା, ଗ୍ରାମ – ରାଛିପୁର, ଥାନା – ଯାଜପୁର ରୋଡ୍, ଜିଲ୍ଲା – ଯାଜପୁର । ଅଭିଯୁକ୍ତଙ୍କୁ ତା.୨୨.୧୨.୨୦୨୫ ଦିନ ପୂର୍ବାହ୍ନ ୧୧ଟା ସମୟରେ କଳିଙ୍ଗନଗର ଥାନା ଅଞ୍ଚଳରୁ ଗିରଫ କରାଯାଇଥିଲା । ଅଭିଯୋଗ ଅନୁଯାୟୀ, ଅଭିଯୁକ୍ତ ଜଣଙ୍କ ଦ୍ୱାରା ଏକ ହୋଣ୍ଡା ଏସ ପି ୧୨୫ ମୋଟରସାଇକେଲ (ରେଜିଷ୍ଟ୍ରେସନ ନଂ –ଓଡ଼ି୦୪ଟି–୦୨୨୭) ଚୋରି କରାଯାଇଥିବା ଅଭିଯୋଗ ହୋଇଥିଲା । ଏହି ମାମଲାରେ ଅଭିଯୋଗକାରୀ ହେଲେ ବୁଧିରାମ ହେମ୍ବ୍ରମ (୨୫), ପିତା – ଗଙ୍ଗାରାମ ହେମ୍ବ୍ରମ, ଗ୍ରାମ – ତ୍ରିଜଙ୍ଗା କଲୋନୀ, ଦାନଗାଡ଼ି, ଥାନା – ଯାଜପୁର ରୋଡ୍, ଜିଲ୍ଲା – ଯାଜପୁର । ଗିରଫ ପରେ ଅଭିଯୁକ୍ତଙ୍କୁ ଦଫା ୟୁ/ଏସ –୩୦୩(୨) ବି ଏନ ଏସ ଧାରାରେ ଗ୍ରାମ ନ୍ୟାୟାଳୟ ସହ ଜୁଡିସିଆଲ୍ ମ୍ୟାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ କୋର୍ଟ, ସୁକିନ୍ଦା କୋର୍ଟକୁ ପଠାଯାଇଛି । ମାମଲାର ତଦନ୍ତ ଏଏସଆଇ ଗୋପାଳ କୃଷ୍ଣ ଗୌଡ଼ଙ୍କ ଦ୍ୱାରା ଜାରି ରହିଛି । ପୋଲିସ ପକ୍ଷରୁ କୁହାଯାଇଛି ଯେ, ଚୋରି ଓ ଅପରାଧ ନିୟନ୍ତ୍ରଣ ପାଇଁ ଆଗାମୀ ଦିନରେ ଥାନା ଅଞ୍ଚଳରେ ଅଧିକ ସତର୍କତା ଓ ଯାଞ୍ଚ ଜୋରଦାର କରାଯିବ ।

# ଯନ୍ତ୍ରୀଙ୍କ ଅନୁପସ୍ଥିତରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ

**ନିଆଳି, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା କଣ୍ଟାପଡା ବ୍ଲକ୍ ଅଧିନସ୍ଥ ବ୍ରାହ୍ମଣବାଟି ପଞ୍ଚାୟତ ଅନ୍ତର୍ଗତ ସାଇଲୋ ବଡ଼ବିଲ ହାଟ ନିକଟରେ ନିର୍ମାଣ ଚାଲିଛି ବେଆଇନ ଭାବରେ ମାର୍କେଟ କମ୍ପ୍ଲେକ୍ସ । ୨୦୨୨–୨୩ ଆର୍ଥିକବର୍ଷରେ ତତ୍କାଳୀନ ବିଧାୟକ ପ୍ରମୋଦ କୁମାର ମଲ୍ଲିକଙ୍କ ସମୟରେ ବ୍ରାହ୍ମଣବାଟି ଗ୍ରାମପଞ୍ଚାୟତ ନିକଟରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅର୍ଥ ରାଶି ମଞ୍ଜୁର ହୋଇଥିଲା । ଅନିବାର୍ଯ୍ୟ କାରଣ ବଶତଃ କମ୍ପ୍ଲେକ୍ସ ନିର୍ମାଣରେ ବିଳମ୍ବ ଦେଖା ଦେଇଥିଲା । ୨୦୨୫ ମସିହା ଅଗଷ୍ଟ ୨୫ ତାରିଖରେ ବର୍ତ୍ତମାନ ବିଧାୟକ ଛବି ମଲ୍ଲିକ ସାନମୁଳାଇ ହନୁମାନ ନିକଟରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ବ୍ଲକ୍ ବିଡ଼ିଓଙ୍କୁ ସୁପାରିସ କରିଥିଲେ । ବିଜେପିର ଗୋଷ୍ଠୀକନ୍ଦଳକୁ ରୋକିବାରେ ଅକ୍ଷମ ବିଧାୟକ ପୁନର୍ବାର ଏହି କାର୍ଯ୍ୟକୁ ବଡ଼ବିଲ ହାଟ ନିକଟରେ ଥିବା ବୋଷ ପରିବାରର ବେସରକାରୀ ଜାଗାରେ ନିର୍ମାଣ କରିବାକୁ କଣ୍ଟାପଡା ବିଡ଼ିଓଙ୍କୁ ସୁପାରିସ କରିଛନ୍ତି ଏବଂ ବିନା ଯନ୍ତ୍ରୀରେ ଛୁଟିଦିନରେ କାର୍ଯ୍ୟ ଜାରି ରହିଛି । ପଞ୍ଚାୟତର ନିଜସ୍ୱ ରାଜସ୍ୱ ବୃଦ୍ଧି ନିମନ୍ତେ ଉଦ୍ଦିଷ୍ଟ ଏହି ମାର୍କେଟ କମ୍ପ୍ଲେକ୍ସଟି କାହାର ସ୍ୱାର୍ଥରେ କାମ ଆସିବ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଥିସହ ବିଧାୟକ ପାଣ୍ଠି ବ୍ୟତୀତ ଅନ୍ୟାୟ ସମିତିର ଉନ୍ନତିମୂଳକ କାର୍ଯ୍ୟକୁ ବିଧାୟକ ସୁପାରିସ କରିବା କେଉଁ ସମ୍ବିଧାନରେ ଉଲ୍ଲେଖ ଅଛି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି । ବ୍ରାହ୍ମଣ ବାଟି ପଞ୍ଚାୟତରେ ବିଗତ ଚାରିବର୍ଷ ମଧ୍ୟରେ ବିଭିନ୍ନ ପ୍ରକଳ୍ପଗୁଡ଼ିକ ଘରେଇ ଓ ଗୋଚର ଜମିକୁ ଜବରଦଖଲ କରି ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ । ବିଧାୟକଙ୍କୁ ବ୍ରାହ୍ମଣବାଟି ପଞ୍ଚାୟତର ଚାରୋଟି ଗ୍ରାମରୁ ସାନମୂଳାଇ ଗ୍ରାମର କେତେକ ବାସିନ୍ଦା ନିଜ ନାମ ନ ନେଇ ସର୍ବାଧିକ ପାଖାପାଖି ୨୦୦ ଭୋଟ ଲିଡ଼ କରାଇବା ଦ୍ୱାରା ଆମକୁ ଏହି ପୁରସ୍କାର ମିଳିଲା ବୋଲି ଓଲଟା ପ୍ରଶ୍ନ କରିଛନ୍ତି । ଏଥିସହ ସେମାନେ ମିଳିତ ଭାବରେ ବିଧାୟକଙ୍କୁ ଜଣାଇବା ସହ ବେଆଇନ ଭାବରେ ବେସରକାରୀ ଜାଗାରେ ନିର୍ମାଣଧୀନ ମାର୍କେଟ କମ୍ପ୍ଲେକ୍ସକୁ କୋର୍ଟରେ ଚ୍ୟାଲେଞ୍ଜ କରିବା ସହ ଦରକାର ପଡିଲେ ବ୍ଲକ୍ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ସୂଚନା ଦେଇଛନ୍ତି । ଏ ସମ୍ବନ୍ଧରେ ସରପଞ୍ଚ ସଞ୍ଜୟ କୁମାର ରାଉତରାୟଙ୍କୁ ପଚାରିବାରୁ ସେ କହିଲେ ପଞ୍ଚାୟତର ନିଜସ୍ୱ ଆୟ ବୃଦ୍ଧି ନିମନ୍ତେ ପୂର୍ବ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସର ସମସ୍ତ ଦୋକାନ ପାଇଁ ଆଗୁଆ ବୁକିଂ ପାଇଁ ବହୁତ ଲୋକ ଆବେଦନ କରିଥିଲେ ଏବଂ ବିଧାୟକ ଆମର ସର୍ବମାନ୍ୟ ନେତା ତାଙ୍କର ନିଷ୍ପତ୍ତି କାଏମ ରହିବା ଉଚିତ ।



ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଯିବା ସତ୍ତ୍ୱେ ଦୁର୍ନୀତି ବଢୁଛି କାହିଁକି? ଏହାର ଅସଲ କାରଣ ଖୋଜାଯିବା ଦରକାର । ଯେଉଁମାନେ ଅନ୍ୟକୁ ଆଙ୍ଗୁଠି ଦେଖାଉଛନ୍ତି ଏବଂ ନୀତି ଆଦର୍ଶର କଥା କହୁଛନ୍ତି ସେମାନେ ନିଜେ କେତେ ନୀତିନିଷ୍ଠ ସେଇଟା ହିଁ ମୂଳ ପ୍ରଶ୍ନ । କେବଳ ଯେ ସରକାରୀ ଅଧିକାରୀ ଏବଂ କର୍ମଚାରୀ ଦୁର୍ନୀତିଗ୍ରସ୍ତ ଏକଥା କହିବା ଭୁଲ୍ ହେବ । ସେମାନଙ୍କୁ ପ୍ରୋତ୍ସାହିତ କରୁଛି କିଏ? ମନ୍ତ୍ରୀ କଠୋର ଏବଂ ଦୁର୍ନୀତିମୁକ୍ତ ହେଲେ ଯନ୍ତ୍ରୀଟିଏ କେବେବି ସାହସ କରିବ ନାହିଁ ଦୁର୍ନୀତି କରିବାକୁ, ଏ ଯୁକ୍ତିକୁ ବୋଧେ ଏଡ଼େଇଦେଇ ହେବନି ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୪ ଡିସେମ୍ବର, ୨୦୨୫ | ବୁଧବାର


# ଓଡ଼ିଶା ଏକ୍ସପ୍ରେସ୍

## କଡ଼ାପଣ କେତେଦିନକୁ?

ଆମ ଦେଶରେ କୌଣସି ବଡ଼ଧରଣର ଅଘଟଣ ଘଟିବା ପରେ ହିଁ ସବୁପ୍ରକାର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଏ । ଯଦି ଅଘଟଣ ଘଟିବା ପୂର୍ବରୁ, ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ ନିୟମିତ କରାଯାଉଥାନ୍ତା ତା'ହେଲେ ବୋଧେ ଅନେକ ଅଘଟଣ ବା ଦୁର୍ଘଟଣାକୁ ରୋକାଯାଇପାରୁଥାନ୍ତା । ସମସ୍ୟା ଅଣାୟତ୍ତ ହେବା ପରେ ହିଁ ପ୍ରଶାସନର ଚେତା ପଶେ।

**ଏଣିକି ସରକାର କଠୋର ହେବେ- ଶୂନ୍ୟ ସହନଶୀଳ ନୀତି ଆପଣାଯିବ ଏବଂ ଯାଞ୍ଚ କଡ଼ାକଡ଼ି ହେବ-** ଏସବୁ ଦମ୍ଭୋକ୍ତିର ଦମ୍ଭ ଧୀରେଧୀରେ କମିଆସେ, କଡ଼ାପଣ ରହେନି ସବୁଦିନ ପାଇଁ । ଅପରାଧିକ ଘଟଣାଠାରୁ ଆରମ୍ଭ କରି ଯେକୌଣସି ଘଟଣାରେ ଜୀବନହାନି ନଘଟିବା ଯାଏଁ ପ୍ରଶାସନ ସଜାଗ ହୁଏନି, ମୃତାହତଙ୍କ ସଂଖ୍ୟା ଯେତେ ଅଧିକ ହୁଏ ପ୍ରଶାସନ ସେତେ ଜୋର୍‌ରେ ଅଣ୍ଟାଭିଡ଼େ।

କୌଣସି ବଡ଼ ଅଟ୍ଟାଳିକାରେ ବଡ଼ଧରଣର ଅଗ୍ନିକାଣ୍ଡ ହେବା ପରେ ହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାର କଡ଼ାକଡ଼ି ଯାଞ୍ଚ କରାଯାଏ। ଅତୀତରେ ଆମ ରାଜ୍ୟରେ ଘରୋଇ ହସ୍ପିଟାଲ ଏବଂ ସପିଂମଲ୍ ଆଦିରେ ଅଗ୍ନିକାଣ୍ଡ ଘଟିଛି ଏବଂ ଘଟିବା ପରେ ଅଗ୍ନିନିରାପତ୍ତା ବ୍ୟବସ୍ଥାର ଯାଞ୍ଚକୁ କିଛିଦିନ କଡାକଡ଼ି କରାଯାଇଛି, ତା'ପରେ ସବୁ ଢ଼ିଲା । ପୁଣି ଅପେକ୍ଷା ବୋଧେ ଆଉ ଗୋଟେ ଅଘଟଣକୁ ।

ରେଳ ଦୁର୍ଘଟଣା ବଢୁଛି । ନିୟମିତ ସବୁ ବ୍ୟବସ୍ଥାର ଯାଞ୍ଚ ଯଦି ନିଷ୍ଠାର ସହ କରାଯାଉଥାନ୍ତା ତା'ହେଲେ ବୋଧେ ଅନେକ ଦୁର୍ଘଟଣାକୁ ରୋକାଯାଇପାରନ୍ତା । ଦୁର୍ଘଟଣାକୁ କେବଳ ଦୁର୍ଘଟଣା କହି ଅନେକ ସମୟରେ ଏହାର କାରଣକୁ ଏଡ଼େଇ ଦିଆଯାଏ, କିନ୍ତୁ ଦୁର୍ଘଟଣା ଯଦି ମନୁଷ୍ୟକୃତ ହୋଇଥାଏ ଏହା ଉପରେ କାର୍ଯ୍ୟାନୁଷ୍ଠାନ କଡ଼ାକଡ଼ି କରାଯିବା ଉଚିତ୍ ନିଶ୍ଚିତ ଭାବରେ । ଆଗକୁ କିଭଳି ଏହାର ପୁନରାବୃତ୍ତି ନଘଟେ ସେଥିପ୍ରତି ସଜାଗ ରହିବା ଦରକାର । ମ୍ୟାଲେରିଆ, ଡେଙ୍ଗୁ, ଫାଇଲେରିଆ ରୋଗୀଙ୍କ ସଂଖ୍ୟା ବଢ଼ିଲେ ଡାକ୍ତରଖାନାମାନଙ୍କରେ ସରକାର ଶଯ୍ୟା ସଂଖ୍ୟା ବଢ଼ାଇ ଦିଅନ୍ତି । ଡାକ୍ତରମାନଙ୍କୁ ସଜାଗ ରହିବାକୁ କୁହାଯାଏ । କିନ୍ତୁ ଏସବୁ ରୋଗ ପାଇଁ କେଉଁ କାରଣ ଦାୟୀ ତାହାର ନିରାକରଣ କରାଯାଏ ନାହିଁ । ଯେମିତି କି ଏସବୁ ରୋଗର କାରଣ ମଶାମାନଙ୍କ ବଂଶକୁ କିଭଳି ଧ୍ୱଂସ କରାଯାଇପାରିବ ତା' ଉପରେ ଧ୍ୟାନ ଦିଆଯାଏ ନାହିଁ ।

ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳ ନୀତି ଆପଣାଯିବା ସତ୍ତ୍ୱେ ଦୁର୍ନୀତି ବଢୁଛି କାହିଁକି? ଏହାର ଅସଲ କାରଣ ଖୋଜାଯିବା ଦରକାର । ଯେଉଁମାନେ ଅନ୍ୟକୁ ଆଙ୍ଗୁଠି ଦେଖାଉଛନ୍ତି ଏବଂ ନୀତି ଆଦର୍ଶର କଥା କହୁଛନ୍ତି ସେମାନେ ନିଜେ କେତେ ନୀତିନିଷ୍ଠ ସେଇଟା ହିଁ ମୂଳ ପ୍ରଶ୍ନ । କେବଳ ଯେ ସରକାରୀ ଅଧିକାରୀ ଏବଂ କର୍ମଚାରୀ ଦୁର୍ନୀତିଗ୍ରସ୍ତ ଏକଥା କହିବା ଭୁଲ୍ ହେବ । ସେମାନଙ୍କୁ ପ୍ରୋତ୍ସାହିତ କରୁଛି କିଏ? ମନ୍ତ୍ରୀ କଠୋର ଏବଂ ଦୁର୍ନୀତିମୁକ୍ତ ହେଲେ ଯନ୍ତ୍ରୀଟିଏ କେବେବି ସାହସ କରିବ ନାହିଁ ଦୁର୍ନୀତି କରିବାକୁ, ଏ ଯୁକ୍ତିକୁ ବୋଧେ ଏଡ଼େଇଦେଇ ହେବନି ।

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା- ବାୟୁ ପ୍ରଦୂଷଣ ଅଣାୟତ୍ତ ହେବାରୁ ଗାଡ଼ିମୋଟରର ପ୍ରଦୂଷଣ (ପଲ୍ୟୁସନ) ଯାଞ୍ଚକୁ କଡ଼ାକଡ଼ି କରାଯିବ ବୋଲି ପରିବହନ ବିଭାଗ କହିଛି । ଶୂନ୍ୟ ସହନଶୀଳ ନୀତି ଆପଣାଯିବ । ପ୍ରଶ୍ନ ଉଠୁଛି ଏସବୁ ଯାଞ୍ଚ ଏବଂ ଶୂନ୍ୟ ସହନଶୀଳ ନୀତି ସବୁବେଳେ ସବୁ କ୍ଷେତ୍ରରେ ବଜାୟ ରହିଲେ କ୍ଷତି କ'ଣ? ମଝିରେ ମଝିରେ କଡ଼ାପଣ କମୁଛି କାହିଁକି, ଅବୈଧ ଏବଂ ବେନିୟମ କାର୍ଯ୍ୟ ପ୍ରତି??

# ବଣୁଆ ଶାସନର ଭିତିରି କଥା- (୫)



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

ଗଡ଼ଜାତ ରାଜ୍ୟମାନଙ୍କରେ ବେଠି ପ୍ରଥା ଅତି କଠୋରଭାବରେ ପାଳିତ ହେଉଥିଲା । କେହି ବେଠିଆ ପ୍ରଜା ଆଦେଶ ଅମାନ୍ୟ କଲେ ତାକୁ ନୃଶଂସ ଭାବରେ ପ୍ରହାର ହେଉଥିଲା। ରାଜାଙ୍କ ଶାସନ ବିରୁଦ୍ଧରେ କୌଣସି ନାମଜାଦା ପ୍ରଜା ପ୍ରତିବାଦ କରୁଥିଲେ ତାକୁ ଗିରଫ କରି ହାତରେ ହାତକଡ଼ି, ଗୋଡ଼ରେ ଆଡ଼ବେଡ଼ି, ଦେହରେ ଡ଼ାଙ୍ଗିଆ ବେଡ଼ି ଏବଂ ଅଣ୍ଟାରେ ଦଉଡ଼ି ବାନ୍ଧି, ଜନତାକୁ ଭୟ ଭୀତ କରିବା ଉଦ୍ଦେଶ୍ୟରେ ରାଜ-ଦାଣ୍ଡରେ, ହାଟ-ବଜାରର ଲୋକଗହଳି ଭିତରେ ଟାଣି ଟାଣି ନେଉଥିଲେ। କେତେକ ରାଜ-ବିରୋଧୀ ଲୋକଙ୍କ କାନରେ ନାକରେ ଚୁଣ୍ଟା, ପାଟିରେ କନା କିମ୍ବା ପାଳ ଭର୍ତ୍ତିକରି ନିସ୍ତୁକ ପ୍ରହାର କରୁଥିଲେ। ରାଜ ଶାସନରେ ରାଜାଙ୍କର ଅମଲା ପାଖଲୋକ ଓ ସମର୍ଥକଗଣ ଗର୍ବ-ଦମ୍ଭ-ମାନ-ଅଭିମାନ-ଔଦ୍ଧତ୍ୟ ଓ ଦୁର୍ଦ୍ଧର୍ଷତାର ଶିକାର ହୋଇ ସାଂଘାତିକ ଦୁର୍ନୀତିରେ ଲିପ୍ତ ରହୁଥିଲେ। କେତେକ ରାଜ୍ୟରେ ରାଜାମାନଙ୍କର ସରଳତାର ସୁଯୋଗ ନେଇ କର୍ମଚାରୀଗୋଷ୍ଠୀ ନିରୀହ ପ୍ରଜାମାନଙ୍କୁ ଉତ୍ପୀଡ଼ନ କରିବାର ବହୁ ଉଦାହରଣ ରହିଛି । ଓଡ଼ିଶାର ଗଡ଼ଜାତ ରାଜା ମହାରାଜାମାନେ ପ୍ରଜାମାନଙ୍କୁ ବେଠିରେ ନିଯୁକ୍ତ କରୁଥିଲେ । କେବଳ ମୟୂରଭଞ୍ଜ ଓ କଳାହାଣ୍ଡିର ମହାରାଜା ପ୍ରଜାମାନଙ୍କୁ ବେଠିରେ ନିଯୁକ୍ତ କରୁ ନ ଥିଲେ ବୋଲି ପଲିଟିକାଲ୍ ଏଜେଣ୍ଟଙ୍କ ଦପ୍ତରରେ ଥିବା କାଗଜପତ୍ରରୁ ଜଣାପଡ଼େ । ଓଡ଼ିଶାର କେନ୍ଦୁଝର ରାଜ୍ୟରେ କେବଳ ବେଠି ଯୋଗୁ ଭୂୟାଁମେଳି ହୋଇଥିଲା ବୋଲି ଜଣାପଡ଼େ। କେନ୍ଦୁଝରଗଡ଼ ନିକଟରେ ଏକ ମାହାରା ଖୋଳା କାର୍ଯ୍ୟରେ ଭୂୟାଁ ପ୍ରଜାମାନଙ୍କୁ ବେଠିରେ ଧରିଆଣି କାମରେ ଲଗାଇଦିଆଗଲା । ଭୂୟାଁ ବେଠିଆମାନେ ମାହାରା ଖୋଳାରେ ଲାଗିଥାନ୍ତି। ଦଶ ପନ୍ଦର ସେର ଓଜନର ଶାବଳରେ ପଥର ଭାଙ୍ଗିବା ସହଜ କଥା ନୁହେଁ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ କଠିନ କାମ ହୁଏ। ମଧ୍ୟାହ୍ନରେ ୨ ଘଣ୍ଟା ମାତ୍ର ଛୁଟି। କାମରେ କିଞ୍ଚିତ ଢିଲା କଲେ ନିସ୍ତୁକ ପ୍ରହାର ହୁଏ । ଯେଉଁ କାଙ୍ଗାଳର ଘରେ କିଛି ନ ଥାଏ, ସେ ଉପାସରେ ଶୁଏ। ବେଠିଆକୁ ପୁଣି ଚାଉଳ ଦିଆଯିବ କ'ଣ? ବହୁତ କଷ୍ଟପାଇ ଏବଂ ବିରକ୍ତି ଭାବ ନେଇ ସମସ୍ତ ଭୂୟାଁ ଏକଜୁଟ୍ ହୋଇ ବିଦ୍ରୋହୀ ହୋଇଗଲେ । ଏହି ବିଦ୍ରୋହର ନେତା ହେଲେ ଧରଣୀଧର ଭୂୟାଁ ।

ବ୍ରିଟିଶ ରାଜତ୍ୱରେ କେନ୍ଦୁଝର, ଗାଙ୍ଗପୁର, ରଣପୁର, ଦଶପଲ୍ଲା, ଢେଙ୍କାନାଳ, ତାଳଚେର ଓ ନୀଳଗିରି ପ୍ରଭୃତି ରାଜ୍ୟରେ ପ୍ରଜାମେଳି ହୋଇଥିବା ପ୍ରତ୍ୟେକେ ଜାଣନ୍ତି । କିନ୍ତୁ ବ୍ରିଟିଶ ରାଜତ୍ୱ ତଥା ମୋଗଲ ରାଜତ୍ୱର ବହୁପୂର୍ବରୁ ଓଡ଼ିଶାର ପ୍ରଜାମାନେ ରାଜ୍ୟଶାସନ ବିରୋଧରେ ସାମୟିକ ବିଦ୍ରୋହ ସଂଘଟିତ କରିଥିବାର ପ୍ରମାଣ ରହିଛି । ସ୍ୱାଧୀନ ଓଡ଼ିଶା ଓ ବ୍ରିଟିଶ ଓଡ଼ିଶାରେ ପ୍ରଜାମେଳି ବା ବିଦ୍ରୋହ ଘଟିଥିବା ଇତିହାସରେ କିଛି ନୂତନ ଘଟଣା ନୁହେଁ । ପ୍ରଜାମାନେ ଯେତେବେଳେ ରାଜାଙ୍କ ଉପରୁ ଆସ୍ଥା, ଆଶା, ଭରସା ଏବଂ ବିଶ୍ୱାସ ହରାଇବେ ସେତେବେଳେ ସେମାନେ ବିଦ୍ରୋହ କରିଆରେ ଚାହିଁବେ- ଶାସନର ପରିବର୍ତ୍ତନ, ରାଜାଙ୍କର ବିତାଡ଼ନ ଓ ନୂତନ ଶାସନ ପ୍ରବର୍ତ୍ତନ । ଦାରିଦ୍ର୍ୟ, ଅଭାବ, ଅସୁବିଧା, ଅବିଚାର, ଅନୀତ, ଦୁର୍ନୀତି, ଭ୍ରଷ୍ଟାଚାର, ବିଶୃଙ୍ଖଳା, ଅସଂଯମ ଓ ଅସହନଶୀଳତା ପାଇଁ ସମାଜରେ ଅସନ୍ତୋଷମୂଳକ ଆବିଳ ସ୍ରୋତ ବହିଯାଏ । ପ୍ରଜାମେଳି ବା ବିଦ୍ରୋହ ହେଉଛି ଅସନ୍ତୋଷର ପରିପ୍ରକାଶ ମାତ୍ର, ଅସନ୍ତୋଷ ଘନୀଭୂତ ହେଲେ ତାହା ବିଦ୍ରୋହର ରୂପ ନେବ ହିଁ ନେବ । ଓଡ଼ିଶାର ତତ୍କାଳୀନ ଗଡ଼ଜାତ ରାଜ୍ୟମାନଙ୍କରେ ପ୍ରଜାମାନେ ଅସନ୍ତୋଷରେ ଥିଲେ । ଫଳରେ ବିଦ୍ରୋହ ବା ପ୍ରଜାମେଳି ସଂଘଟିତ ହେଉଥିଲା । ପ୍ରଜାମାନଙ୍କର ଅସନ୍ତୋଷର ମୂଳ କାରଣ ରାଜା ଓ ତାଙ୍କର ଅମଲାବର୍ଗ ଥିଲେ । ସେମାନେ ପ୍ରଜାମାନଙ୍କୁ ଅତି ହୀନ ଦୃଷ୍ଟିରେ ଦେଖୁଥିଲେ। ଏ ପ୍ରସଙ୍ଗରେ କେତେକ ନଜିର ପ୍ରଦାନ କରୁଛି। ଦଶପଲ୍ଲା ରାଜ୍ୟରେ କୌଣସି ଏକ ଖବୁଆ ଲୋକ ରାଜାଙ୍କ ଛାମୁରେ ସମ୍ବାଦ ଦେଲା, ଯୋରମୋ ପ୍ରଧାନ ଆପଣା ଘର ଦାଣ୍ଡ ଦୁଆର କାନ୍ଥରେ ଯୋଡ଼ାଏ ପଦ୍ମଫୁଲ ଚିତ୍ର କରିଅଛି। ଶ୍ରୀ ମଣିମାଙ୍କ ନଅର କାନ୍ଥରେ ସିନା ପଦ୍ମଫୁଲ ଚିତ୍ର ହେବ। ପ୍ରଧାନ ବାପୁଡ଼ା କାନ୍ଥରେ ଚିତ୍ର କଲାଣି। ଭାରି ବହପ ତା'ର। ଏହା ଫଳରେ ଶ୍ରୀ ମଣିମାଙ୍କ ଆଜ୍ଞାରେ ଲୋକ ଯାଇ ପ୍ରଧାନଙ୍କୁ ଧରିଆଣି ତା'ର ବିଚାର କଲେ। (ଫକୀର ମୋହନ ସେନାପତିଙ୍କ ଆତ୍ମଜୀବନୀ) ଢେଙ୍କାନାଳ ରାଜ୍ୟରେ ପ୍ରଜାମାନେ ରାଜାଙ୍କୁ ଦେଖିବାମାତ୍ରେ ତ୍ରିଖଣ୍ଡୀ ମଜୁରା ହୋଇ ପ୍ରଣାମ ଜଣାଉଥିଲେ। ରଣପୁର ରାଜ୍ୟରେ ପ୍ରଜା ରାଜାଙ୍କୁ ଯେତେ ଥର ଦର୍ଶନ କରୁଥିଲେ ସେତେ ଥର ତଳେ ପଡି ପ୍ରଣାମ କରିବାକୁ ବାଧ୍ୟ ହେଉଥିଲେ। ବ୍ରିଟିଶ ସରକାରଙ୍କ ପଲିଟିକାଲ୍ ଏଜେଣ୍ଟଙ୍କ ବାହୁଛାୟା ତଳେ ରହି ରଣପୁର ରାଜା ଏକଛତ୍ରବାଦ ଶାସନ ଚଳାଇ ବହୁକାଳପର୍ଯ୍ୟନ୍ତ ପ୍ରଜାମାନଙ୍କୁ ପଶୁଠାରୁ ହୀନ କରି ରଖିଥିଲେ। ପ୍ରଜାମାନେ ରାଜାରାଜୁଡ଼ାଙ୍କ ଆକ୍ରୋଶ ମନୋଭାବରୁ ରକ୍ଷା ପାଇବା ପାଇଁ ଦାଣ୍ଡଘରେ ଟାଟି କବାଟ ଲଗାଉଥିଲେ। ଗଡ଼ଜାତ ରାଜ୍ୟମାନଙ୍କରେ ପ୍ରଜା-ଅସନ୍ତୋଷର କାରଣଗୁଡ଼ିକ ମଧ୍ୟରେ ଶାସନଗତ ତ୍ରୁଟି ଅନ୍ୟତମ ଅଟେ। ଶାସନ ହୁଗୁଳା ହେଲେ ଦେଶରେ ଚୋରି, ଅନୀତି ଓ ଦୁର୍ନୀତି ଆଦି ଯାବତୀୟ ଦୁଷ୍କର୍ମ ବ୍ୟାପକଭାବେ ପ୍ରସାରିତ ହୋଇଥାଏ। ଶାସନକଳ ହୁଗୁଳା ଯୋଗୁଁ ଦଶପଲ୍ଲା ରାଜ୍ୟରେ ଜେଲ-କର୍ମଚାରୀ ଉଦାର ଥିଲେ। ସେମାନେ ବନ୍ଦୀମାନଙ୍କୁ ସେମାନଙ୍କ ପୁଅ ଝିଅ ବିଭା କିମ୍ବା ଜାତିଆଣ କାର୍ଯ୍ୟ ପଡ଼ିଲେ ଛୁଟିରେ ଘରକୁ ଛାଡ଼ିଦିଅନ୍ତି। କାର୍ଯ୍ୟ ସମାପ୍ତ ଉତ୍ତାରେ ସେମାନେ ଆପେ ଆପେ ଜେଲରେ ଉପସ୍ଥିତ ହୋଇଯାଆନ୍ତି । ପୁଣି ଜେଲରକ୍ଷକମାନଙ୍କର କେତେକ ଚିହ୍ନିତ ବନ୍ଦୀ ଥାଆନ୍ତି। ସନ୍ଧ୍ୟା ପରେ ଜେଲ୍‌ରକ୍ଷକମାନେ ସେହି କଏଦୀମାନଙ୍କୁ ଛାଡ଼ି ଦିଅନ୍ତି। ସମସ୍ତ ବନ୍ଦୀଙ୍କୁ ପରଦିନ ପ୍ରାତଃକାଳରେ ଆପଣା ଆପଣା ସ୍ଥାନରେ ଶୋଇଥିବାର ଦେଖାଯାଏ। କଏଦୀମାନଙ୍କ ଦ୍ୱାରା ରାତ୍ରିରେ ଉପାର୍ଜିତ ଚୋରିଦ୍ରବ୍ୟ ଜେଲରକ୍ଷକ ଏବଂ ଚୋରମାନଙ୍କ ମଧ୍ୟରେ ସମାନଭାବରେ ବଂଟାଯାଏ। ରାଜ୍ୟରେ ପ୍ରତିଦିନ ଚୋରି ହେଉଥିବାରୁ ପ୍ରଜା ସାଧାରଣଙ୍କ ମନରେ ଅସନ୍ତୋଷ ଦେଖାଯାଉଥିଲା।

ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କରେ ବିଭିନ୍ନ ପ୍ରକାର ବେଠି ଓ ଭେଟିର ପ୍ରଚଳନ ମଧ୍ୟ ଥିଲା। ଛତିଶ ପାଟକ ଜାତିର ଲୋକମାନଙ୍କପାଇଁ ନିର୍ଦ୍ଦିଷ୍ଟ ବେଠି ଓ ଭେଟିର ବ୍ୟବସ୍ଥା ନିରୁପିତ ହୋଇଥିଲା। କେନ୍ଦୁଝର ରାଜ୍ୟରେ ଦରିଦ୍ର ବିଧବାମାନଙ୍କ ଉପରେ ଚୁଲ୍ଲୀକର ନାମରେ ଏକ ବିରକ୍ତି କର ଲାଗୁ ହୋଇଥିଲା। 'ବେଠି ଓ ଭେଟି' ଗଡ଼ଜାତମାନଙ୍କରେ ପ୍ରଜା-ଅସନ୍ତୋଷର ମୁଖ୍ୟ କାରଣ ଥିଲା।

ଅନ୍ୟ ଗଡ଼ଜାତ ଭଳି ରଣପୁରରେ ଅନ୍ୟାୟ ଦୁର୍ନୀତି ଚରମ ସୀମାରେ ପହଂଚିଥିଲା। ରଣପୁରବାସୀ ନିର୍ମମ ନିର୍ଯ୍ୟାତନା ଭିତରେ ମଣିଷ ଭଳି ନୁହେଁ, ଜାନୁଆର ଭଳି ଜୀବନ ଯାପନ କରୁଥିଲେ। ଜେଲଭିତରେ ହତ୍ୟାକାରୀମାନଙ୍କୁ ଯେପରି ସେଲ୍ ମଧ୍ୟରେ ରଖାଯାଏ, ସେହିଭଳି ପରାଧୀନ ଭାରତରେ ରଣପୁରବାସୀ ଅଶେଷ ନିର୍ଯାତନା ଭିତରେ କାଳାତିପାତ କରୁଥିଲେ। ଗରିବ ପ୍ରଜାମାନଙ୍କ ଉପରେ ଗୋରା କର୍ମଚାରୀମାନଙ୍କ ନିର୍ଯାତନା ଆକାଶଛୁଆଁ ଭାବେ ବଢିଚାଲିଥିଲା। ପ୍ରଜାମାନଙ୍କ ଭାଗ୍ୟରେ ସୁଖ ଜୁଟୁ ନ ଥିଲା। ସବୁ ଲୁଟି ନେଉଥିଲେ ରାଜାଙ୍କର ନିଷ୍ଠୁର ଦୁର୍ନୀତିଗ୍ରସ୍ତ କର୍ମଚାରୀଗଣ। ପଥର ପାଲଟିଗଲେ ମଧ୍ୟ ପାଟି ଖୋଲିବାକୁ କାହାର ସାହସ ନ ଥିଲା। ରାଜ୍ୟରେ ମାଛି ପଡ଼ିଲେ ନବ ଖଣ୍ଡ। ପାଟିଫିଟିଲେ କୋରଡ଼ାର ଆଘାତ ଓ ବେତ ମାଡ଼ରେ ସବୁକୁ ସମାଧାନ କରାଯାଉଥିଲା ଓ ବିଚାର ମିଳୁ ନ ଥିଲା।

ରଣପୁର ରାଜ୍ୟରେ ଅନ୍ୟାୟ ଅତ୍ୟାଚାର ଯେତେ ସାଙ୍ଘାତିକ ହେଉ ପଛେ ପ୍ରଜାମାନଙ୍କର ସ୍ୱରତ୍ତୋଳନ କରିବାର ସାହସ ନ ଥିଲା। ହିନ୍ଦୁ ମୁନି ଋଷି, ଦାର୍ଶନିକମାନଙ୍କର ଧର୍ମୀୟ ପ୍ରଭାବ ସେମାନଙ୍କୁ ଆଚ୍ଛନ୍ନ କରି ରଖିଥିଲା। ଜଣେ ହୁଏତ ବିଶ୍ୱାସ କରିବାକୁ ପ୍ରସ୍ତୁତ ନ ଥିଲା ଯେ ତା'ର କର୍ମରେ ଯାହା ଲେଖାହୋଇଚି ତାହା ବ୍ୟତୀତ ଅନ୍ୟ କିଛି ହୋଇପାରିବ। ଯେଉଁମାନେ ରାଜା ହୋଇଛନ୍ତି ସେମାନେ ନିଜର ପୂର୍ବ ଜନ୍ମର ପୁଣ୍ୟବଳରେ ଏସବୁ ପାଇଛନ୍ତି। କେବଳ ସେତିକି ନୁହଁ- ଯେତିକି ପାଇଛ ବା ପାଉଛ ସେତିକିରେ ସନ୍ତୁଷ୍ଟ ହୋଇ ରୁହ ବୋଲି ନାନାଭାବରେ କୁହାଯାଉଥିଲା। ଅସନ୍ତୋଷ ପ୍ରକାଶ କରିବାଟା ଅନ୍ୟାୟ, ପାପ ବୋଲି ବାରମ୍ବାର ସ୍ମରଣ କରାଇ ଦିଆଯାଉଥିଲା। ପ୍ରଜାର ମୁଣ୍ଡଉପରେ ରାଜାର ଅଧିକାର ଅଛି ବୋଲି ଧର୍ମୀୟ ଚେତାବନୀ ପ୍ରଜାଙ୍କୁ ନିରୀହ ହେବାକୁ ପ୍ରେରଣା ଦେଉଥିଲା। ଏହି ଅବସ୍ଥାରେ କିଛି ପ୍ରତିକାର ନ ଥିଲା ବୋଲି କହିଲେ ଚଳେ। ପୂର୍ବର ଯେଉଁ ଚିନ୍ତାଧାରା, ଭାଗ୍ୟବାଦର ମନୁଷ୍ୟ ମନ ଉପରେ ଯେଉଁ ପ୍ରଭାବ, ସେଥିରେ ଅନ୍ୟ ଭାବରେ ଚିନ୍ତା କରିବାର ଅବସର ହିଁ ନ ଥିଲା। ମଣିଷ ଜାତି ଏକମୁହାଁ ହୋଇ ଆଗେଇ ଯାଉଥିଲା । ଇତିହାସ ସମର୍ଥନ କରୁଥିଲା ଏହି ପରିସ୍ଥିତିକୁ । ସତେ ଯେପରି ମନୁଷ୍ୟସମାଜକୁ କହୁଥିଲା, ସବୁ ଠିକ୍ ବାଟରେ ଚାଲିଚି- ଅନ୍ୟ କୌଣସି ବାଟ ନାହିଁ- ଆଗେଇ ଚାଲ।

ପୁରାତନ ମତବାଦରେ ରଣପୁର ପ୍ରଜାଙ୍କର ବିଶ୍ୱାସ ରହିଆସିଥିଲେ ମଧ୍ୟ ୧୮୯୨ ଖ୍ରୀଷ୍ଟାବ୍ଦରେ ଏହାର ପରିବର୍ତ୍ତନ ଘଟିଥିଲା। ରଣପୁର ପ୍ରଜା ଶସ୍ୟକର ପରିବର୍ତ୍ତେ ଟଙ୍କା କର ଆକାରରେ ଦେବା ପାଇଁ ଦାବିକରି ଏକ ମେଳି କରିଥିଲେ। ୧୯୩୧ ମସିହାରେ ଦେଶୀୟ ରାଜ୍ୟଗୁଡ଼ିକରେ ଜନ ଜାଗରଣ ହୋଇ 'ଗଡ଼ଜାତ ପ୍ରଜା ସମ୍ମିଳନୀ' ଗଠନ କରାଯାଇ ଅତ୍ୟାଚାରୀ ଶାସକମାନଙ୍କ ବିରୋଧରେ ବିଦ୍ରୋହର ରୂପ ନେଲା। ଓଡ଼ିଶାର ବିଭିନ୍ନ ଗଡ଼ଜାତଗୁଡ଼ିକରେ ପ୍ରଜା ମଣ୍ଡଳ ଗଠିତ ହେଲା ୧୯୩୮ ମସିହାରେ। ଏହି ଗଡ଼ଜାତଗୁଡ଼ିକ ହେଲା-ରଣପୁର, ନୀଳଗିରି, ଢେଙ୍କାନାଳ, ତାଳଚେର, ସୋନପୁର, ଆଠଗଡ଼, ନୟାଗଡ଼, ପାଲଲହଡ଼ା, ହିନ୍ଦୋଳ, ଆଠମଲ୍ଲିକ, ଖଣ୍ଡପଡ଼ା, ତିଗିରିଆ, ମୟୂରଭଞ୍ଜ, କେନ୍ଦୁଝର ଓ ଗାଂଗପୁର । ପ୍ରତ୍ୟେକ ପ୍ରଜା ମଣ୍ଡଳ ନାଗରିକ ଅଧିକାର, ଦାୟିତ୍ୱପୂର୍ଣ୍ଣ ସରକାର, ରାଜସ୍ୱ ବ୍ୟବସ୍ଥାର ଉନ୍ନତି ସାଧନ, ସମସ୍ତ ବେଆଇନ ଟିକସ, ବେଠି, ଭେଟି, ବେଗାରିର ଉଚ୍ଛେଦ ପାଇଁ ଦାବି କରିଥିଲେ । ରଣପୁର ଗଡଜାତରେ ବନମାଳୀ ରାମ, କୃପାସିନ୍ଧୁ ମିଶ୍ର, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା (ରଘୁ-ଦିବାକର)ଙ୍କ ନେତୃତ୍ୱରେ ପ୍ରଜା ମଣ୍ଡଳ ଗଠିତ ହୋଇଥିଲା । ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଯଥାକ୍ରମେ ସମ୍ପାଦକ ଓ ସଂଗଠନ ସମ୍ପାଦକ ରହିଲେ । ରଘୁ-ଦିବାକର ଗାଁକୁ ଗାଁ ବୁଲିବୁଲି ଅତ୍ୟାଚରୀ ରାଜା ତଥା ବ୍ରିଟିଶ୍ ଶାସନ ବିରୋଧରେ ଲୋକମାନଙ୍କୁ ଏକତ୍ରିତ କରୁଥିଲେ ଆଉ ଗାଉଥିଲେ, 'ମାର୍ ତୁ ଯେତେ ଗୁଳି, ହୁଂକାପିଟା ଶାସନ ଆମେ ଗୋଡ଼ରେ ଦବୁ ଦଳି'। ସାତଖଣ୍ଡ ପୁସ୍ତକ ଲେଖିଥିବା ରଘୁନାଥ ମହାନ୍ତି ଶର୍ବରୀବାଳ। ପୁସ୍ତକର ମୁଖବନ୍ଧରେ ରାଜାଙ୍କୁ ସମାଲୋଚନା କରିଥିବା ଅଭିଯୋଗ ନେଇ ତାଙ୍କୁ ରଣପୁର ରାଜ୍ୟରୁ ବିତାଡ଼ିତ କରାଯାଇଥିଲା । ସେ ପୁରୀ ଓ କଟକ ଆଦି ସ୍ଥାନରେ ରହି ପ୍ରଜାମାନଙ୍କ ଆନ୍ଦୋଳନାତ୍ମକ ଖବର ସମ୍ବାଦ ପତ୍ରରେ ପ୍ରକାଶ କରାଉଥିଲେ। ରଣପୁର ନରେନ୍ଦ୍ର ପ୍ରେସରେ ସହକାରୀ ପରିଚାଳକ ଥିବା ଦିବାକର ପରିଡ଼ା ଏକ ସଡ଼କ ବେଠିର ଦୃଶ୍ୟ ଦେଖି ଚାକିରୀ ପରିତ୍ୟାଗ କରି ଆନ୍ଦୋଳନରେ ମାତିଲେ । ରାତିରେ ଗାଁ ଗାଁ ବୁଲି ଲୋକମାନଙ୍କୁ ମତାଇଲେ । ସେ ଗାଉଥିଲେ: ରଣପୁର ଭାଇ ଜାଗିଉଠ ଆଜି ଶୋଷଣ କଷଣ ବନ୍ଦୀଶାଳେ.. ଭାଙ୍ଗି ଦିଅରେ ବଣ ଜଙ୍ଗଲର ଗଡ଼ଜାତି ରାଜ ବାହୁବଳେ।.. ଅନ୍ଧାରି ଆଇନ ପୋଲିସ ଜୁଲୁମ ଦୁଃଖୀ ଜନତାର ନିର୍ଯ୍ୟାତନା ରଣପୁରେ ଦିଅ ରଣ ହୁଙ୍କାର ମଇନାକେ ଉଡୁ ମୁକ୍ତିବାନା । ଦିବାକରଙ୍କ ସମସ୍ତ କବିତା ଅତ୍ୟନ୍ତ ପ୍ରାଣସ୍ପର୍ଶୀ ଥିଲା ।

ରଘୁନାଥ ଓ ଦିବାକର ନିର୍ଜନ ରାତିରେ ଗାଁ ଗାଁ ବୁଲି ପ୍ରଜାମାନଙ୍କ ଚିନ୍ତା ଓ ଚେତନାକୁ ଜାଗ୍ରତ କରାଇ ବିପ୍ଳବର ଯେଉଁ ମଞ୍ଜି ବୁଣିଥିଲେ ତା'ର ଫଳସ୍ୱରୂପ ରାଜାଙ୍କୁ ପ୍ରଜାମଣ୍ଡଳ ଦମନ ନିମନ୍ତେ ବୌଦ୍ଧ ଓ ସିକନ୍ଦରାବାଦରୁ ପୁଲିସ୍ ଫୋର୍ସ ମଗାଇବାକୁ ପଡ଼ିଥିଲା । ଏପରିକି ୨୬ଟି ଗଡ଼ଜାତର ମୁଖ୍ୟ ପଲିଟିକାଲ ଏଜେଣ୍ଟ ମେଜର ଆର.ଏଲ୍. ବେଜଲଗେଟ୍‌ଙ୍କୁ ୧୯୩୮ ମସିହା ଜାନୁଆରୀ ମାସ ୫ ତାରିଖ ଦିନ ରଣପୁର ଗଡ଼ ଆସିବାକୁ ପଡ଼ିଲା । ସେହିଦିନ ପ୍ରଜାମଣ୍ଡଳର ସଂପାଦକ ରଘୁନାଥ ମହାନ୍ତି ଓ ସଂଗଠନ ସଂପାଦକ ଦିବାକର ପରିଡ଼ା ରାଜବାଟୀ ସାମନାରେ ଉପସ୍ଥିତ ଜନତାଙ୍କ ମେଳରେ ଦେୱାନ ଚଣ୍ଡେଶ୍ୱର ମିଶ୍ରଙ୍କ ସହ ୨୬.୧୧.୧୯୩୮ ତାରିଖରେ ରାଜଦରବାରରେ ଘୋଷିତ ଦାବି ସମ୍ବନ୍ଧୀୟ ଘୋଷଣାପତ୍ରର ଆଲୋଚନାରେ ବ୍ୟାପ୍ତ ଥିଲେ। ମେଜର ବେଜଲଗେଟ୍ ସେଠାରେ ଉପସ୍ଥିତ ହେବାରୁ ଦେୱାନ ଇଂରାଜୀରେ ଅନୁବାଦ କରି ତାହା ବୁଝାଉଥିଲେ । ଏହି ସମୟରେ ଦେଖାଦେଲା ଏକ ଆଲୋଡ଼ନ। କିଛି ଉତ୍ୟକ୍ତ ଲୋକ ମଣିଷଟଣା ଶଗଡ଼ଗାଡ଼ିରେ ଲୋକଙ୍କୁ ଡକାଇ ଚିତ୍କାର କରୁଥିଲେ ପଲିଟିନା ସାହେବ ଆମ ଭାଇକୁ ମାରିଦେଲା। ଫଳରେ ଘଟଣାର କାରଣ କ'ଣ ଜାଣିବା ପାଇଁ ବେଜେଲଗେଟ୍ ଜନଗହଳି ଆଡ଼କୁ ମାଡ଼ି ଚାଲିଲେ । ସେଠାରେ ଠେଲାପେଲା ହୋହାଲ୍ଲା ମଧ୍ୟରେ ନିଜକୁ ନିୟନ୍ତ୍ରଣ କରିନପାରି ସାହେବ ପିସ୍ତଲ କାଢ଼ିଲେ ଓ ତା'ଙ୍କ ଗୁଳିରେ ଶିକାର ହେଲେ ଯୁବକ ଅର୍ଜୁନ ରାଉତ । ଏହା ପରେ ଉତ୍ୟକ୍ତ ଜନତା ମେଜର ବେଜଲଗେଟ୍‌ଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା କଲେ । ଏହି ହତ୍ୟାକାଣ୍ଡ ଯୋଗୁଁ କେବଳ ଭାରତ ନୁହେଁ ବ୍ରିଟିଶ ପାର୍ଲାମେଣ୍ଟ ମଧ୍ୟ ଥରହର ହୋଇଥିଲା । ଏହା ପୂର୍ବରୁ ଭାରତର ସ୍ୱାଧୀନତା ସଂଗ୍ରାମରେ ପଲିଟିକାଲ ଏଜେଣ୍ଟ ଭଳି ବ୍ରିଟିଶ ସରକାରଙ୍କ କୌଣସି ଉଚ୍ଚପଦସ୍ଥ ଅଫିସର ନିହତ ହୋଇନଥିଲେ । ବ୍ରିଟିଶ ପାର୍ଲାମେଣ୍ଟରେ ଜଣେ ସଦସ୍ୟ ପ୍ରଶ୍ନ କରିଥିଲେ, ପିସ୍ତଲ ଠାରୁ କ'ଣ ଠେଙ୍ଗା ଶକ୍ତିଶାଳୀ? ଏଣୁ ଠେଙ୍ଗାର ଶକ୍ତି ପରୀକ୍ଷା କରିବାକୁ ରଣପୁର ଜଙ୍ଗଲରୁ ପାଞ୍ଚଶହ ବାଉଁଶ ଠେଙ୍ଗା ଲଣ୍ଡନ ଯାଇଥିଲା । ଠେଙ୍ଗା ପରୀକ୍ଷା କରାଯିବା ପରେ ବିରୋଧୀଦଳର ଜଣେ ସଦସ୍ୟ ଘୋଷଣା କରିଥିଲେ, ବେଜଲଗେଟ୍ ଲୋକଙ୍କ କ୍ରୁଦ୍ଧ ଅସନ୍ତୋଷର ଶିକାର ହେଲେ । ବେଜଲଗେଟ୍ ହତ୍ୟାକାଣ୍ଡ ପରେ ରଣପୁରରେ ଚାଲିଲା ଅକଥନୀୟ ଅତ୍ୟାଚାର ଓ ଦମନଲୀଳା। ସାରା ରାଜ୍ୟର ଲୋକ ଘରଦ୍ୱାର ଛାଡ଼ି ନିକଟସ୍ଥ ଖାସମାହାଲ ଓ ନୟାଗଡ଼ ଖଣ୍ଡପଡ଼ା ରାଜ୍ୟରେ ଆଶ୍ରୟ ନେଇଥିଲେ । ହତ୍ୟାକାଣ୍ଡ ଜାନୁଆରୀ ୫ ତାରିଖ ଦିନ ହୋଇଥିଲେ ହେଁ ତା'ପର ମାସ ଫେବୃଆରୀ ୯ ତାରିଖରେ ଏତଲା ଦିଆଯାଇଥିଲା । ରଘୁ ଦିବାକରଙ୍କ ନାମରେ ମିଥ୍ୟା ସାକ୍ଷୀ ଯୋଗାଡ଼ କରାଯାଇ ମକଦ୍ଦମା ଚାଲିଲା । ବିହାର ଗୟା ଜିଲାର ଗୋରା ଦୌରାଜଜ ଜେ.ଜେ. ସିଅରଙ୍କ କୋର୍ଟରେ ବିଚାରର ପ୍ରହସନ ଚାଲିଲା । ଶେଷରେ ରଘୁ ଦିବାକରଙ୍କୁ ଫାଶୀ ଆଦେଶ ହେଲା । ସେମାନେ ବିହାରର ଭାଗଲପୁର ଜେଲରେ ୧୯୪୧ ମସିହା ଏପ୍ରିଲ ୪ ତାରିଖ ସୂର୍ଯ୍ୟୋଦୟ ପୂର୍ବରୁ ଦେଶ ପାଇଁ ହସି ହସି ଫାଶୀବରଣ କଲେ । ସେମାନଙ୍କର ଏକମାତ୍ର ଅପରାଧ ଥିଲା ଦେଶ ଓ ଜାତିକୁ ଭଲ ପାଇବା, ଗଡ଼ଜାତ ରାଜଶାସନର ଅନ୍ୟାୟ, ଅନୀତି, ଶୋଷଣ, କଷଣ, ଜୁଲମ ବିରୋଧରେ ପ୍ରତିବାଦର ସ୍ୱର ଉତ୍ତୋଳନ କରି ଆନ୍ଦୋଳନ କରିବା। ପରାଧୀନ ଭାରତ ବର୍ଷରେ ଏକ ଶୋଷଣମୁକ୍ତ ସମାଜର ସ୍ୱପ୍ନ ଦେଖୁଥିବା ସେଇ ଓଡ଼ିଆ ତରୁଣ ଦ୍ୱୟ ହେଉଛନ୍ତି ରଣପୁର ଥାନା ବାଦଭୂଇଁ ଗ୍ରାମର ରଘୁନାଥ ମହାନ୍ତି ଓ ଗଡ଼ବାଣୀକିଲୋ ଗ୍ରାମର ଦିବାକର ପରିଡ଼ା । ସେମାନଙ୍କ ସ୍ମୃତି ପ୍ରତି ଅମର ଶ୍ରଦ୍ଧାଞ୍ଜଳି।


*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*

*ମୋ. ୯୨୩୭୦୮୯୫୦୯*


# ଦକ୍ଷିଣ ଆଫ୍ରିକାରୁ ବିଶ୍ୱକୁ ସନ୍ଦେଶ - (୨)

**■ ସୌମେନ୍ଦ୍ର ଜେନା**

ଜି୨୦ ଆଲୋଚନାରେ ୧୨୨ଟି ବିନ୍ଦୁର ମିଳିତ ଘୋଷଣାନାମା ପ୍ରକାଶ ପାଇଛି । ଏଥିରେ ବିଶ୍ୱରେ ସମାନତା, ବିବିଧ କ୍ଷେତ୍ରରେ ସଂସ୍କାର, ନିରନ୍ତର ବିକାଶକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇଛି । ଖାଦ୍ୟ ସୁରକ୍ଷା ଦୃଷ୍ଟିରୁ କୁହାଯାଇଛି ଯେ ଖାଦ୍ୟ ଶସ୍ୟର ମୂଲ୍ୟକୁ ରୋକିବା, ଛୋଟଚାଷୀମାନଙ୍କୁ ସହାୟତା ଯୋଗାଇଦେବା, ପୁଷ୍ଟିକର ଖାଦ୍ୟ ସହ ମୂଲ୍ୟକୁ ନିୟନ୍ତ୍ରଣ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ।

ଆର୍ଥିକ ସଂସ୍କାର ଏବଂ ଋଣରୁ ମୁକ୍ତିପାଇଁ ଆନ୍ତର୍ଜାତିକ ଅର୍ଥ ବ୍ୟବସ୍ଥାକୁ ପୁନର୍ଗଠନ କରିବା, ମଧ୍ୟମ ଓ ଦୁର୍ବଳ ଆର୍ଥିକ ସ୍ଥିତିରେ ଥିବା ଦେଶଗୁଡିକ ପାଇଁ ଋଣ ପରିଚାଳନା କଷ୍ଟ ଲାଘବ ପାଇଁ ମାର୍ଗଦର୍ଶନ ଦେବା ଉପରେ ଜୋର ଦିଆଯିବ । ଠିକ୍ ସେହିପରି ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତିର ଯୋଗାଣ କ୍ଷେତ୍ରରେ ପ୍ରଦୂଷଣକୁ ଦୂର କରିବା ଉପରେ ଜୋର ଦିଆଯିବ । ଜଳବାୟୁ ପରିବର୍ତ୍ତନ ଯୋଗୁ ହେଉଥିବା କ୍ଷୟକ୍ଷତିର ସାମ୍ନା କରିବା ପାଇଁ ଅର୍ଥ ଯୋଗାଇ ଦେଇ କ୍ଷୟକ୍ଷତି ହ୍ରାସ କରିବାକୁ ଜୋର ଦିଆଯିବ । ଅସମାନତା ଦୂର କରିବା ପାଇଁ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ଉନ୍ନୟନ ବ୍ୟାଙ୍କଗୁଡିକରେ ସଂସ୍କାର ଆଣି ଦକ୍ଷିଣ ବିଶ୍ୱର ଦାବିକୁ ଗ୍ରହଣ କରି ଆର୍ଥିକ ଅସମାନତା ଦୂର କରିବାକୁ ପ୍ରୟାସ କରାଯିବ । ଆଫ୍ରିକାରେ ଥିବା ମୂଲ୍ୟବାନ ଖଣିଜ ପଦାର୍ଥର ଉପଯୁକ୍ତ ବିନିଯୋଗ, ଯୋଗାଣକୁ ପ୍ରୋତ୍ସାହନ ଦେବାଲାଗି ପ୍ରୟାସ କରାଯିବାକୁ କୁହାଯାଇଥିଲା । କେବଳ ଆଫ୍ରିକାରୁ ବିଦେଶକୁ ଖଣିଜ ଦ୍ରବ୍ୟ ରପ୍ତାନୀକୁ ଲକ୍ଷ୍ୟ ରଖିବା ଅନୁଚିତ ବୋଲି ମତପ୍ରକାଶ ପାଇଥିଲା । ପାଲେଷ୍ଟାଇନ, ୟୁକ୍ରେନ, ସୁଦାନ ଏବଂ କଙ୍ଗୋ ପରି ରାଷ୍ଟ୍ରରେ ସଂଘର୍ଷକୁ ବନ୍ଦ କରାଯାଇ ଶାନ୍ତି ସ୍ଥାପନା ଲାଗି ପ୍ରୟାସ କରାଯିବା ଉପରେ ଜୋର ଦେବାକୁ କୁହାଯାଇଥିଲା । କୃତ୍ରିମ ବୁଦ୍ଧିମତ୍ତାକୁ ଆର୍ଥିକ ଓ ସାମାଜିକ ବିକାଶରେ ବିନିଯୋଗ କରାଯିବା ଉପରେ ଜୋର ଦେବାକୁ ମତପ୍ରକାଶ ପାଇଥିଲା ।

ଜି-୨୦ ବୈଠକ ସମୟରେ ଭାରତ ଗଠନମୂଳକ ସକ୍ରୀୟ ଭୂମିକା ନେଇଥିଲା । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୋହାନ୍ସବର୍ଗ ବିମାନ ବନ୍ଦରରେ ପହଞ୍ଚିବାପରେ ତାଙ୍କୁ ପାରମ୍ପାରିକ ଢଙ୍ଗରେ ଆଫ୍ରିକୀୟ ନୃତ୍ୟ-ସଂଗୀତ ସହ ସ୍ୱାଗତ କରାଯାଇଥିଲା । ମୋଦିଙ୍କ ସ୍ୱାଗତ ପାଇଁ ସେଠାରେ ଭାରତୀୟ ଲୋକେ ମଧ୍ୟ ବିବିଧ ପ୍ରକାର କାର୍ଯ୍ୟକ୍ରମମାନ ଆୟୋଜନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦି ଜି-୨୦ ଅବସରରେ ଅନେକ ବିଶ୍ୱନେତାଙ୍କୁ ସାକ୍ଷାତକରି ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଯେମିତିକି ୨୩ ନଭେମ୍ବର ଦିନ ଭାରତ -ବ୍ରାଜିଲ-ଦକ୍ଷିଣ ଆଫ୍ରିକା ମଧ୍ୟରେ ୬ଷ୍ଠ ବୈଠକ ହୋଇଥିଲା । ଜୋହାନ୍ସବର୍ଗରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବ୍ରାଜିଲର ରାଷ୍ଟ୍ରପତି ଲୁଲା ଏବଂ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ମିଳିତଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପୂର୍ବଥର ୨୦୧୧ରେ ଏହି ଗୋଷ୍ଠୀର ବୈଠକ ପ୍ରିଟୋରିଆଠାରେ ହୋଇଥିଲା । ୨୦୦୩ରେ ଏହି ଗୋଷ୍ଠୀର ଜନ୍ମ ସେ ସମୟର ପ୍ରଧାନମନ୍ତ୍ରୀ ଅଟଳ ବିହାର ବାଜପେୟୀଙ୍କ ଆଲୋଚନାକ୍ରମେ ହୋଇଥିଲା । ପୃଥିବୀର ତିନୋଟି ଜନବହୁଳ ଏବଂ ବଡ ଅର୍ଥନୀତି ସଂପନ୍ନ ରାଷ୍ଟ୍ରଙ୍କ ମଧ୍ୟରେ ଗଣତନ୍ତ୍ର, ବିକାଶଶୀଳ ଅର୍ଥନୀତି ଏବଂ ସମାନ ମୂଲ୍ୟବୋଧକୁ ଆଧାରକରି ଆଗକୁ ବଢିବାଲାଗି ଏହି ଗୋଷ୍ଠୀ (ଇବସା) ଗଠିତ ହୋଇଥିଲା । ଏକତା, ସହଯୋଗ ଏବଂ ମାନବିକତା ହେଉଛି ଇବସାର ବିଶ୍ୱକୁ ବାର୍ତ୍ତା ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ସେ କହିଥିଲେ ଯେ ବିଶ୍ୱ ଏବେ ବହୁଧା ବିଭକ୍ତ ଏବଂ ଅନେକ ଦିଗରେ ଗତିଶୀଳ । ତେଣୁ ଇବସା ଗୋଷ୍ଠୀର ଦାବି ହେଉଛି ଜାତିସଂଘରେ ସାଂଗଠନିକ ପରିବର୍ତ୍ତନ ଏକ ବିଷୟ ନୁହେଁ ଏବେ ଆବଶ୍ୟକତାରେ ପରିଣତ ହୋଇଛି । ତେଣୁ ତିନୋଟି ସଦସ୍ୟଭୁକ୍ତ ରାଷ୍ଟ୍ରର ସୁରକ୍ଷା ପରାମର୍ଶଦାତାଙ୍କ ମଧ୍ୟରେ ନିୟମିତ ବୈଠକ ସୁରକ୍ଷାଗତ ସହଯୋଗ ପାଇଁ ଆବଶ୍ୟକ । ସେ ଇବସା ଡିଜିଟାଲ ଇନୋଭେସନ ଆଲାଏନ୍ସ ଗଠନ ଦ୍ୱାରା ପରସ୍ପରକୁ ବିକାଶରେ ସାହାଯ୍ୟ କରିବା ସହ ଦକ୍ଷିଣ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡିକ ପାଇଁ ସୁରକ୍ଷିତ, ବିଶ୍ୱସନୀୟ ଏବଂ ମାନବ ଆଧାରିତ କୃତ୍ରିମ ବୁଦ୍ଧିମତାର ନିୟମାବଳୀ ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ । ଜଳବାୟୁ ସହନକାରୀ କୃଷି ପାଇଁ ଇବସା ପାଣ୍ଠି ଗଠନପାଇଁ ଶ୍ରୀ ମୋଦି ପ୍ରସ୍ତାବ ଦେଇଥିଲେ । କାରଣ ୨୦୦୬ରେ ଯେଉଁ ଇବସା (ଭାରତ- ବ୍ରାଜିଲ-ଦକ୍ଷିଣ ଆଫ୍ରିକା) ପାଣ୍ଠି ଗଠନ କରାଯାଇଥିଲା ସେଥିରେ ୪୦ଟି ଦେଶରେ ୫୦ଟି ପ୍ରକଳ୍ପ ନିର୍ମାଣ କରାଯାଇସାରିଛି । ତନ୍ମଧ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ, ସୌରଶକ୍ତି ଉତ୍ପାଦନ ଆଦି ରହିଛି । ଇବସା ଆଲୋଚନାରେ ଯୋଗଦାନ କରି ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ ରାମଫୋସା ବହୁ ପ୍ରତିନିଧିମୂଳକ ଏବଂ ଦାୟିତ୍ୱ ତୁଲାଇପାରୁଥିବା ବହୁପକ୍ଷୀୟ ବ୍ୟବସ୍ଥା ନିର୍ମାଣ ଦିଗରେ କାର୍ଯ୍ୟକରିବା ପାଇଁ କହିଥିଲେ । ଆର୍ଥିକ ବିକାଶର ସହଯୋଗରେ ପୃଥିବୀରେ ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ରହିଥିବା ଫରକ ଦୂର କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ବ୍ରାଜିଲର ରାଷ୍ଟ୍ରପତି ଲୁଇସ ଇନାସିଓ ଲୁଲା ଦା ସିଲଭା କହିଥିଲେ ଯେ ଏହି ଗୋଷ୍ଠୀର ତିନିରାଷ୍ଟ୍ର ସବୁବେଳେ ଜାତିସଂଘ, ଜି୨୦ ଏବଂ ବ୍ରିକ୍ସରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଆସିଛନ୍ତି । ବିଶ୍ୱ ଶୃଙ୍ଖଳାରେ ଏମାନେ ଦକ୍ଷିଣ ବିଶ୍ୱର ପ୍ରଭାବକୁ ଶକ୍ତିଶାଳୀ କରିଛନ୍ତି । ଏକଥା ସତ ଯେ ବ୍ରିକ୍ସର ସକ୍ରିୟତା ପରେ ଇବସା କିଛିଟା ଦୁର୍ବଳ ହୋଇଛି । କାରଣ ଏହି ତିନିରାଷ୍ଟ୍ର ବ୍ରିକ୍ସର ମଧ୍ୟ ସଦସ୍ୟ ରହିଛନ୍ତି ।

ଜୋହାନ୍ସବର୍ଗରେ ଇବସା ସଦୃଶ ଅନ୍ୟ ଏକ ଗୋଷ୍ଠୀ ଏସିଆଇ (ଅଷ୍ଟ୍ରେଲିଆ-କାନାଡା- ଭାରତ) କାର୍ଯ୍ୟକରିବା ଲାଗି ଆଲୋଚନା ହୋଇଥିଲା । ଭାରତର ପ୍ରଧାନମନ୍ତ୍ରୀ ମୋଦି, ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଅଲବାନିସ ଏବଂ କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ମିଳିତ ଭାବେ ଏକାଠି ହୋଇ ଆଲୋଚନା କରିଥିଲେ । ଏହି ତିନୋଟି ଗଣତାନ୍ତ୍ରିକ ରାଷ୍ଟ୍ର ଟେକ୍ନୋଲୋଜି ନବସର୍ଜନରେ ସହଯୋଗ, ପରସ୍ପରକୁ ବିକାଶ କ୍ଷେତ୍ରରେ ସାହାଯ୍ୟ କରିବାପାଇଁ ସ୍ଥିର ହୋଇଥିଲା । ପ୍ରଦୂଷଣମୁକ୍ତ ଶକ୍ତି ଉତ୍ସ ଯୋଗାଣ ପାଇଁ ଏକ ମୁକ୍ତ ଶୃଙ୍ଖଳା, ବହୁକ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାକୁ ଗ୍ରହଣକରି ବିକାଶ କାର୍ଯ୍ୟ କରିବା ପାଇଁ ସହମତି ପ୍ରକାଶ ପାଇଥିଲା । ଏଥିପାଇଁ ତିନିରାଷ୍ଟ୍ର ଆସନ୍ତାବର୍ଷ ଏକାଠି ହୋଇ ସହଯୋଗର କାର୍ଯ୍ୟଧାରା ପ୍ରସ୍ତୁତ କରିବେ । ୨୦୨୦ରୁ ଅଷ୍ଟ୍ରେଲିଆ ସହ ଭାରତର ରଣନୀତିକ ସହଯୋଗ ରହିଆସିଛି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ କାନାଡା ଏବଂ ଅଷ୍ଟ୍ରେଲିଆ ସୁରକ୍ଷା ଦୃଷ୍ଟିରୁ ଭାରତ ସହ ମିଶି ଅଧିକ କାର୍ଯ୍ୟ କରିପାରିବେ । ଦୁଇଦେଶ ମଧ୍ୟରେ ପୁଞ୍ଜିନିବେଶ, ପ୍ରତିରକ୍ଷା, ଶିକ୍ଷା, ଗବେଷଣା, ନବସର୍ଜନ, ବିଜ୍ଞାନ ଓ ଟେକ୍ନୋଲୋଜି, ମହାକାଶ ଓ ଶକ୍ତି କ୍ଷେତ୍ରରେ ସହଯୋଗ ପରିବ୍ୟାପ୍ତ ।

ଠିକ୍ ସେମିତି କାନାଡା ସହ ଭାରତର ସଂପର୍କ କାନାଡର ପୂର୍ବତନ ପ୍ରଧାନମନ୍ତ୍ରୀ ଟ୍ରୁଡେଉଙ୍କ ପାଇଁ ଅସ୍ଥିର ହୋଇଥିଲେ ହେଁ ମାର୍ଚ୍ଚ ୨୦୨୫ରେ କାର୍ଣ୍ଣି ପ୍ରଧାନମନ୍ତ୍ରୀ ହେବାପରେ ଦୁଇଦେଶ ମଧ୍ୟରେ ସଂପର୍କରେ ସୁଧାର ହେଉଛି । ଜି-୭ ବୈଠକ ସମୟରେ ଭାରତର ପ୍ରଧାନମନ୍ତ୍ରୀ ମୋଦି ଏବଂ କାର୍ଣ୍ଣିଙ୍କ ମଧ୍ୟରେ ସାକ୍ଷାତ ହୋଇଥିଲା । ଜି-୨୦ ସମୟରେ ଦୁଇନେତା ଦ୍ୱିପାକ୍ଷିକ ବାଣିଜ୍ୟକୁ ବର୍ତ୍ତମାନର ୩୦ ବିଲିଅନ ଡଲାରରୁ ବଢାଇ ୫୦ ବିଲିଅନ ପର୍ଯ୍ୟନ୍ତ ନେବାଲାଗି ଲକ୍ଷ୍ୟ ରଖିଥିବା ବିଷୟରେ ଆଲୋଚନା କରିଛନ୍ତି । ଏକଥା ସତ ଯେ ଟ୍ରମ୍ପଙ୍କ ଶୁଳ୍କ କଟକଣା ଯୋଗୁ କାନାଡା ଯେଉଁ କ୍ଷତି ସହୁଛି ସେଥିରେ ଭାରତ ତାକୁ ଅନେକ କ୍ଷେତ୍ରରେ ସାହାଯ୍ୟ କରିପାରିବ ବୋଲି ଆଶାକରୁଛି । ତେଣୁ ଦୁଇଦେଶ ମଧ୍ୟରେ କୂଟନୀତିଜ୍ଞ ସଂଖ୍ୟା ହ୍ରାସ କରାଯାଇଥିଲା ବର୍ଷକ ଆଗରୁ । ଆଗାମୀ ଦିନରେ ଅଧିକସଂଖ୍ୟକ କୂଟନୀତିଜ୍ଞଙ୍କୁ ନିଯୁକ୍ତି ପାଇଁ ପଦକ୍ଷେପ ଗ୍ରହଣ କରାଯିବାର ସମ୍ଭାବନା ରହିଛି । କାର୍ଣ୍ଣି ଆସନ୍ତାବର୍ଷ ଭାରତ ଗସ୍ତରେ ଆସିବାର ଯୋଜନା ରହିଛି ।

ଜୋହାନ୍ସବର୍ଗଠାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଛଅଗୋଟି ପ୍ରସ୍ତାବ ଦେଇଥିଲେ । ତନ୍ମଧ୍ୟରେ ପାରମ୍ପାରିକ ଜ୍ଞାନର ବିଶ୍ୱସ୍ତରୀୟ ଉତ୍ସ କେନ୍ଦ୍ର ସ୍ଥାପନ, ଆଫ୍ରିକା ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ବିଶ୍ୱ ସ୍ୱାସ୍ଥ୍ୟ ସେବା ଦଳ ଗଠନ, ନିଶା-ସନ୍ତ୍ରାସ ମେଣ୍ଟ ବିରୁଦ୍ଧରେ ପଦକ୍ଷେପ, ମୁକ୍ତ ଉପଗ୍ରହ ତଥ୍ୟ ସହଯୋଗ, ମୂଲ୍ୟବାନ ଖଣିଜଦ୍ରବ୍ୟ ଯୋଗାଣ ନିମନ୍ତେ ପଦକ୍ଷେପ । ଜି୨୦ ବିଶ୍ୱ ପାରମ୍ପରିକ ଜ୍ଞାନ ଉତ୍ସ କେନ୍ଦ୍ର ବିଶ୍ୱର ଆଗାମୀ ପିଢିଗୁଡିକ ପାଇଁ ଜ୍ଞାନ ସଂଗ୍ରହରେ ସାହାଯ୍ୟ କରିବ । ଆଫ୍ରିକାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୦ଲକ୍ଷ ପ୍ରଶିକ୍ଷିତ ଯୁବଶକ୍ତି ନିର୍ମାଣ କରାଯିବ, ଯାହାକି ପ୍ରମାଣପତ୍ର ସହ ଦକ୍ଷ ଯୁବଶକ୍ତି ନିର୍ମାଣ କରିବ, ଯାହା ମହାଦେଶ ପାଇଁ ଦୀର୍ଘକାଳୀନ ବିକାଶ ପାଇଁ ସହାୟକ ହେବ । ଜି-୨୦ ବିଶ୍ୱ ସ୍ୱାସ୍ଥ୍ୟସେବା ଦଳ ନିର୍ମାଣ ପାଇଁ ମୋଦି ପ୍ରସ୍ତାବ ଦେଇ କହିଲେ ଯେ ଜି-୨୦ ରାଷ୍ଟ୍ର ସମୂହ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆସୁଥିବା ଆହ୍ୱାନର ସମ୍ମୁଖୀନ ହେବାଲାଗି ସ୍ୱତନ୍ତ୍ର ପ୍ରଶିକ୍ଷିତ ଦଳ ନିର୍ମାଣ କରିବା ଦରକାର । ଯେଉଁମାନେ ବିଶ୍ୱର ସ୍ୱାସ୍ଥ୍ୟସେବା ପାଇଁ କାର୍ଯ୍ୟକରିପାରିବେ, ଆବଶ୍ୟକ ସମୟରେ ଯାଇ ପୃଥିବୀର ଯେ କୌଣସି କୋଣରେ କାର୍ଯ୍ୟ କରିବେ । ନିଶା-ସନ୍ତ୍ରାସ ମେଣ୍ଟ ଯୋଗୁ ସାରା ବିଶ୍ୱରେ ନିଶା ବ୍ୟବସାୟ ଏବଂ ସନ୍ତ୍ରାସବାଦକୁ ଅର୍ଥ ମିଳୁଛି, ଯାହାକୁ ଭଙ୍ଗାଯିବା ଆବଶ୍ୟକ । କୃତ୍ରିମ ବୁଦ୍ଧିମତ୍ତାର ଉପଯୁକ୍ତ ବ୍ୟବହାର, ଲୋକଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ଏବଂ ଏହାର ଉପଯୁକ୍ତ ଉପଯୋଗ ଉପରେ ଶ୍ରୀ ମୋଦି ଜୋର ଦେଇଥିଲେ । ଫେବୃଆରୀ ୨୦୨୬ରେ ଭାରତରେ କୃତ୍ରିମ ବୁଦ୍ଧିମତ୍ତା ସଂପର୍କରେ ଆନ୍ତର୍ଜାତିକ ଶିଖର ସ୍ତରୀୟ ଆଲୋଚନାରେ ପୃଥିବୀର ନେତାମାନେ ଯୋଗଦେବେ ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ମୂଲ୍ୟବାନ ଖଣିଜ ପଦାର୍ଥ ଯୋଗାଣର ଏକ ନେଟୱାର୍କ ନିର୍ମାଣ କରାଯିବା ପାଇଁ ସେ ଜୋରଦେଇ ରିସାଇକ୍ଲିନିଂ, ସହରାଞ୍ଚଳରେ ଖଣିଜ ଦ୍ରବ୍ୟ ଉତ୍‌ଖନନ, ବ୍ୟାଟେରୀର ପୁନଃ ଉପଯୋଗ ପ୍ରକଳ୍ପ ଆଦି ଚାଲୁ କରାଯିବା ଉପରେ କହିଥିଲେ । ବିଶ୍ୱରେ ଖାଦ୍ୟସୁରକ୍ଷା ଏବଂ ବିପର୍ଯ୍ୟୟକୁ ପ୍ରତିହତ କରିପାରିବା ଶକ୍ତି ଥିବା ନିର୍ମାଣକାର୍ଯ୍ୟ ଉପରେ ସେ ଜୋର ଦେଇଥିଲେ । ଜଳବାୟୁ ପରିବର୍ତ୍ତନ ହିଁ ବିଶ୍ୱ ଖାଦ୍ୟ ସୁରକ୍ଷା ଏବଂ କୃଷି ପ୍ରତି ବଡ ଆହ୍ୱାନ । ତେଣୁ ଭାରତ ମିଲେଟଯୁକ୍ତ ଖାଦ୍ୟ ବା ଶ୍ରୀଅନ୍ନ ଯୋଜନା ଆରମ୍ଭ କରିଛି । ବିକାଶ ଏବଂ ପ୍ରକୃତି ମଧ୍ୟରେ ସନ୍ତୁଳନ ରକ୍ଷାକରି କାର୍ଯ୍ୟକରାଯିବା ଦରକାର ବୋଲି ଶ୍ରୀ ମୋଦି ପ୍ରକାଶ କରିଥିଲେ । ୨୦୧୪ରେ କ୍ଷମତାକୁ ଆସିବା ପରଠାରୁ ମୋଦି ୧୨ଥର ଜି୨୦ ଆଲୋଚନାରେ ଅଂଶଗ୍ରହଣ କରିସାରିଲେଣି । ସେ ୨୦୧୪ରେ ବ୍ରିସବେନ (ଅଷ୍ଟ୍ରେଲିଆ), ୨୦୧୫ରେ ଆଣ୍ଟାଲିଆ (ତୁର୍କୀ), ୨୦୧୬ରେ ହାଙ୍ଗଝାଉ (ଚୀନ), ୨୦୧୭ରେ ହାମବର୍ଗ (ଜର୍ମାନୀ), ୨୦୧୮ରେ ବୁଏନସ୍ ଏୟାର୍ସ (ଆର୍ଜେଣ୍ଟିନା), ୨୦୧୯ରେ ଓସାକା (ଜାପାନ), ୨୦୨୦ରେ ସାଉଦି ଆରବ, ୨୦୨୧ରେ ରୋମ (ଇଟାଲୀ), ୨୦୨୨ରେ ବାଲି (ଇଣ୍ଡୋନେସିଆ), ୨୦୨୩ରେ ନୂଆଦିଲ୍ଲୀ, ୨୦୨୪ରେ ବ୍ରାଜିଲ ଏବଂ ୨୦୨୫ରେ ଜୋହାନ୍ସବର୍ଗ (ଦକ୍ଷିଣ ଆଫ୍ରିକା) ଆଲୋଚନାରେ ସାମିଲ ହୋଇଛନ୍ତି ।

ଦକ୍ଷିଣ ଆଫ୍ରିକାରେ ଜି୨୦ ବୈଠକ ସଫଳତାର ସହ ଶେଷ ହେବାପରେ ଏବେ ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ କହିଛନ୍ତି ଯେ ୨୦୨୬ରେ ହେବାକୁ ଥିବା ଆମେରିକା ବୈଠକରେ ସେ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ କରିବେ ନାହିଁ । ମିଆମିଠାରେ ଆସନ୍ତାବର୍ଷ ଜି୨୦ ବୈଠକ ହେବାର କାର୍ଯ୍ୟକ୍ରମ ରହିଛି । ସୋସିଆଲ ମିଡିଆରେ ଟ୍ରମ୍ପ ଲେଖିଛନ୍ତି ଯେ ସେମାନଙ୍କ ଦେଶ କେବେହେଲେ ସଦସ୍ୟତା ପାଇବା ପାଇଁ ଯୋଗ୍ୟ ନୁହେଁ ବୋଲି ସେମାନେ ବିଶ୍ୱକୁ ଦର୍ଶାଇଛନ୍ତି । ଆମେରିକାରୁ ଦକ୍ଷିଣ ଆଫ୍ରିକା ପାଉଥିବା ସମସ୍ତ ସବସିଡି ଅନୁଦାନକୁ ବନ୍ଦ କରିବାକୁ ସେ ଘୋଷଣା କରିଛନ୍ତି । ଟ୍ରମ୍ପଙ୍କର ଏହି ସଂକୀର୍ଣ୍ଣ, ଝଗଡାପ୍ରଧାନ ବକ୍ତବ୍ୟକୁ ସମସ୍ତେ ଶୁଣି ଉପହାସ କରିବେ, ତାହା ମଧ୍ୟ ହୋଇଛି । ଜୋହାନ୍ସବର୍ଗର କଡା ସନ୍ଦେଶ ବିଶ୍ୱକୁ ଯିବା ପରେ ଆମେରିକାରେ ଗାତ୍ରଦାହ ଆରମ୍ଭ ହୋଇଛି, ଯାହା ଆଗାମୀ ଦିନରେ ଅତି ପ୍ରବଳତର ହେବ ।

ଭୁବନେଶ୍ୱର-୩

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର    ୨୪ ଡିସେମ୍ବର ୨୦୨୫ ବୁଧବାର    ପୃଷ୍ଠା ୫




# କେଉଁଠି କେମିତି ବଡ଼ଦିନ

ଯିଶୁଙ୍କ ଜନ୍ମ ଉପଲକ୍ଷେ ସାରା ବିଶ୍ୱର ଖ୍ରୀଷ୍ଟଧର୍ମାବଲମ୍ବୀମାନେ ପାଳନ କରନ୍ତି ଖ୍ରୀଷ୍ଟମାସ ବା ବଡ଼ଦିନ । ପ୍ରାର୍ଥନା, ଉପହାର, ସାନ୍ତାକ୍ଲଜ୍, ମହମବତି ଏବଂ ଖ୍ରୀଷ୍ଟମାସ୍ ଟ୍ରି ସବୁଠି ବଡ଼ଦିନ ପାଳନର ଅଭିନ୍ନ ଅଂଶ । ତେବେ ଏହାବ୍ୟତୀତ ଅନେକ ପରମ୍ପରା ମଧ୍ୟ ରହିଛି ସ୍ଥାନ ଏବଂ ଦେଶକୁ ନେଇ ।

ରୁଷିଆ ଏବଂ ୟୁକ୍ରେନ୍‌ରେ ଖ୍ରୀଷ୍ଟମାସ ଡିସେମ୍ବର ୨୫ ବଦଳରେ ଜାନୁଆରୀ ୭ ତାରିଖରେ ପାଳନ କରାଯାଏ । କାରଣ ରୁଷର ଅର୍ଥୋଡକ୍ସ ଚର୍ଚ୍ଚଗୁଡ଼ିକ ଏପର୍ଯ୍ୟନ୍ତ ଧାର୍ମିକ ଉତ୍ସବ ପାଇଁ ଜୁଲିଆନ୍ କ୍ୟାଲେଣ୍ଡର ବ୍ୟବହାର କରୁଛନ୍ତି । ପାରମ୍ପରିକ ରୁଷିୟ ଖ୍ରୀଷ୍ଟମାସ ପର୍ବରେ ସ୍ୱତନ୍ତ୍ର ପ୍ରାର୍ଥନା ଅନୁଷ୍ଠିତ ହୁଏ ଏବଂ ଲୋକମାନେ ୩୯ଦିନ ବ୍ରତ, ଉପବାସ ରଖନ୍ତି । ଏହି ଆଂଶିକ ଉପବାସ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ରଖାଯାଏ । ସେଦିନ ସନ୍ଧ୍ୟାରେ ଆକାଶରେ ପ୍ରଥମ ତାରା ଦେଖାଦେବା ପରେ ଲୋକମାନେ ରାତ୍ରିଭୋଜନରେ ୧୨ଟି ଖାଦ୍ୟ ଖାଆନ୍ତି । ଏହି ୧୨ଟି ଖାଦ୍ୟ ଯିଶୁଙ୍କ ୧୨ଜଣ ଦେବଦୂତଙ୍କ ସମ୍ମାନରେ ।

ଆୟାରଲ୍ୟାଣ୍ଡରେ ଲୋକମାନେ ଶାନ୍ତା ପାଇଁ ମଟର ଭଜା ଓ ଘର ତିଆରି ଜୁସ୍ ରଖନ୍ତି ।

ସ୍ପେନ୍, ପର୍ତ୍ତୁଗାଲ ଏବଂ ଇଟାଲୀରେ ଯିଶୁଙ୍କ ଜନ୍ମସ୍ଥାନ ବେଥେଲ୍‌ହାମ୍ ଢାଞ୍ଚାରେ ଗାଁ'ର ଦୃଶ୍ୟ ପ୍ରସ୍ତୁତ କରାଯାଏ । ଏଠାରେ ମଦର ମେରୀ, ଯୋଶେଫ୍ ଏବଂ ଶିଶୁ ଯିଶୁ ଥାଆନ୍ତି ।

ଚେକ୍ ରିପବ୍ଲିକ୍‌ରେ ଅବିବାହିତା ମହିଳାମାନେ ଖ୍ରୀଷ୍ଟମାସ ଅବସରରେ ଜାଣିବାକୁ ଚେଷ୍ଟା କରନ୍ତି ସେମାନେ ଏ ବର୍ଷ ବିବାହ କରିପାରିବେ ନା ନାହିଁ । ଘରର କବାଟ ଆଡ଼କୁ ପିଠି କରି ନିଜ ଚପଲକୁ କାନ୍ଧ ଉପର ଦେଇ ପଛକୁ ଫିଙ୍ଗନ୍ତି । ଯଦି ଏହି ଚପଲ ଘର ବାହାର ଆଡ଼କୁ ମୁହଁ କରି ପଡେ ତେବେ ସେମାନେ ବିଶ୍ୱାସ କରନ୍ତି ଏବର୍ଷ ସେମାନଙ୍କ ବିବାହ ହୋଇଯିବ । ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତି ସେମାନେ ।

ଭେନେଜୁଏଲାର ରାଜଧାନୀ କାରାକାଶରେ ଖ୍ରୀଷ୍ଟମାସ୍ ପୂର୍ବଦିନ ସନ୍ଧ୍ୟାରୁ ସହରର ରାସ୍ତାଗୁଡ଼ିକ ଗାଡ଼ିମଟର ପାଇଁ ବନ୍ଦ ହୋଇଯାଏ । ଲୋକମାନେ ସ୍କେଟିଂ କରି ସାନ୍ଧ୍ୟ ପ୍ରାର୍ଥନାକୁ ଯାଆନ୍ତି ।

ନରୱେର ପୂରାତନ ବିଶ୍ୱାସ ଅନୁଯାୟୀ ଖ୍ରୀଷ୍ଟମାସ ପୂର୍ବ ସନ୍ଧ୍ୟାରେ ଡାହାଣୀ ଏବଂ ଅନ୍ୟ ପ୍ରେତାତ୍ମାମାନେ ଘରୁ ଝାଡୁ ଚୋରାଇ ନିଅନ୍ତି । ସେମାନେ ଝାଡୁରେ ବସି ଆକାଶକୁ ଉଡ଼ିପାରନ୍ତି । ତେଣୁ ଏ ଦିନ ନରୱେରେ ଲୋକମାନେ ଘରର ଝାଡୁ ଏବଂ ସଫା କରିବା ଉପକରଣ ଲୁଚାଇ ଦିଅନ୍ତି ।





ନେଦରଲ୍ୟାଣ୍ଡର ଲୋକମାନେ ଖ୍ରୀଷ୍ଟମାସ ପାଳନ କରନ୍ତି ଡିସେମ୍ବର ୬ ତାରିଖରେ । ସେମାନେ ସାନ୍ତାକ୍ଲଜ୍‌ର ଆଗମନକୁ ଅପେକ୍ଷା କରି ରୁହନ୍ତି ଏବଂ ସାନ୍ତକ୍ଲଜ୍‌ଙ୍କ ଘୋଡ଼ା ପାଇଁ ଆଖୁ ରଖନ୍ତି ।

ଜର୍ମାନୀରେ ଡିସେମ୍ବର ୬ ତାରିଖ ସେଣ୍ଟ କ୍ଲାଉଜ୍ ଡେ' । ଏ ଦିନ ସନ୍ଧ୍ୟାରେ ପିଲାମାନେ ଘର ବାହାରେ ନିଜ ନିଜର ଜୋତା ରଖିଦିଅନ୍ତି । ସକାଳ ହେବା ପୂର୍ବରୁ ବଡ଼ମାନେ ଏଥିରେ ପିଲାଙ୍କ ପାଇଁ ଉପହାର ରଖିଦିଅନ୍ତି ।

ଜାପାନରେ ଖ୍ରୀଷ୍ଟମାସରେ ଚିକେନ୍ ଫ୍ରାଏ ସବୁଠାରୁ ଲୋକପ୍ରିୟ ଖାଦ୍ୟ ।

ଚେକୋସ୍ଲୋଭାକିଆରେ ଖ୍ରୀଷ୍ଟମାସ ରାତ୍ର ଭୋଜନରେ ଘରର ମୁଖିଆ ଗୋଟିଏ ଚାମଚ ପାରମ୍ପରିକ ପୁଡିଙ୍ଗ୍ ସିଲିଙ୍ଗ୍‌କୁ ଫିଙ୍ଗନ୍ତି । ଯଦି ଅଧିକ ପୁଡିଙ୍ଗ୍ ଘରର ଛାତରେ ଲାଗି ରୁହେ ତେବେ ସେମାନେ ବିଶ୍ୱାସ କରନ୍ତି ଏ ବର୍ଷ ଅମଳ ଭଲ ହେବ ।

ଖ୍ରୀଷ୍ଟମାସ୍‌କୁ ଏକ୍ସମାସ୍ ମଧ୍ୟ କୁହାଯାଏ । ଇଂରାଜୀରେ ଏକ୍ସ ଅକ୍ଷର ଗ୍ରୀକ୍ ଅକ୍ଷର ଖୀ ସହ ସମାନ । ଗ୍ରୀକ୍ ଭାଷାରେ ଖ୍ରୀଷ୍ଟ ଶବ୍ଦ ପାଇଁ ଖୀ ବ୍ୟବହାର ହୁଏ । ତେଣୁ ଖ୍ରୀଷ୍ଟମାସ୍‌କୁ ଏକ୍ସମାସ ମଧ୍ୟ କୁହାଯାଏ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ହିଟଲରଙ୍କ ନାଜି ଦଳ ଖ୍ରୀଷ୍ଟମାସକୁ ଅଣଧାର୍ମିକ ଛୁଟି ଭାବରେ ପାଳନ କରିବାକୁ ଚେଷ୍ଟା କରିଥିଲେ । ଖ୍ରୀଷ୍ଟମାସ୍ ଟ୍ରି ଉପରେ ନାଜି ଦଳର ପ୍ରତୀକ ଲଗାଇ ଦିଆଯାଉଥିଲା ଏବଂ ସାନ୍ତାକ୍ଲଜ ବଦଳରେ ନାଜି ସଦସ୍ୟଙ୍କୁ ଉପସ୍ଥାପିତ କରାଯାଉଥିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍‌ର ଲୋକମାନେ ନରୱେକୁ ଖୁବ୍ ସାହାଯ୍ୟ କରିଥିଲେ । ତେଣୁ ପ୍ରତିବର୍ଷ ନରୱେର ଲୋକମାନେ ଲଣ୍ଡନର ଟ୍ରାଫାଲଗର ସ୍କୋୟାର ପାଇଁ ଏକ ବିଶାଳ ଖ୍ରୀଷ୍ଟମାସ୍ ଟ୍ରି ପଠାନ୍ତି । ଏହି ଟ୍ରିର ଉଚ୍ଚତା ୨୦ ମିଟର ।

ସବୁଠାରୁ ଲୋକପ୍ରିୟ ଖ୍ରୀଷ୍ଟମାସ ସଙ୍ଗୀତ ଯଥା- ଓ୍ୱିଣ୍ଟର ଓ୍ୱଣ୍ଡରଲ୍ୟାଣ୍ଡ, କାଜୁ ନଟ୍ ରୋଷ୍ଟିଙ୍ଗ୍ ଏବଂ ଆଇ ଆମ୍ ଡ୍ରିମିଂ ଅଫ୍ ଏ ହ୍ୱାଇଟ୍ ଖ୍ରୀଷ୍ଟମାସ୍ ୟୁହୁଦିମାନଙ୍କ ଦ୍ୱାରା ଲେଖାଯାଇଥିଲା ।

୧୯୧୭ରେ ହାଲିଫାକ୍ସ ବିସ୍ଫୋରଣ ସମୟରେ ବୋଷ୍ଟୋନ୍ ସହରର ଲୋକମାନେ କାନାଡ଼ାର ନୋଭାସ୍କୋଟିଆ ପ୍ରଦେଶର ଲୋକମାନଙ୍କୁ ଯେଉଁ ସହଯୋଗ ଦେଇଥିଲେ ସେଥିପାଇଁ ସେମାନେ ପ୍ରତିବର୍ଷ ଏକ ବିଶାଳ ଖ୍ରୀଷ୍ଟମାସ୍ ଟ୍ରି ବୋଷ୍ଟୋନ ପଠାନ୍ତି ।

ପୁରୁଣା ସମୟରେ ଖ୍ରୀଷ୍ଟମାସ ସନ୍ଧ୍ୟାରେ ପିଲାମାନଙ୍କୁ ଡରାଇବା ପାଇଁ ଭୂତ ଗପ କହିବାର ପରମ୍ପରା ଥିଲା । କିନ୍ତୁ ଗତ ଶତାବ୍ଦିରୁ ଏହି ପରମ୍ପରା ଲୋପ ପାଇଯାଇଛି ।



ପେରୁର କେତେକ ଗ୍ରାମରେ ଲୋକମାନେ ନିଜ ନିଜ ଭିତରେ ଥିବା ମନୋମାଳିନ୍ୟ ଦୂରେଇବା ପାଇଁ ଖ୍ରୀଷ୍ଟମାସ ସନ୍ଧ୍ୟାରେ ମିଳିତ ଭୋଜି କରନ୍ତି । ନୂଆବର୍ଷଠାରୁ ସବୁ ଭେଦଭାବ ଭୁଲି ପୁଣି ଖୁସିରେ ଜୀଅନ୍ତି ସେମାନେ ।

ରୋମାନ୍ ସଭ୍ୟତା ଅନୁଯାୟୀ ୨୫ ଡିସେମ୍ବର ଯିଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଭାବରେ ପାଳନ କରାଯାଏ ନାହିଁ, ବରଂ ପାଳନ କରାଯାଏ ରୋମାନ ସୂର୍ଯ୍ୟ ଦେବତାଙ୍କ ଭାବରେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଯେତେସବୁ ଚିଠି ସାନ୍ତାକ୍ଲଜଙ୍କ ପାଖକୁ ପଠାଯାଏ, ସେସବୁ ପହଞ୍ଚେ ଇଣ୍ଡିଆନାପ୍ରଦେଶର ସାନ୍ତାକ୍ଲଜ୍ କାର୍ଯ୍ୟାଳୟରେ ।

ସମସ୍ତେ ଜାଣନ୍ତି ବଡ଼ଦିନ ଅବସରରେ ସାନ୍ତା ଉପହାର ଦିଅନ୍ତି । କିନ୍ତୁ ଅନେକେ ଜାଣିନଥିବେ ସାନ୍ତାଙ୍କର ଅଲୌକିକ ଗୁଣ ଅଛି ନିଶ୍ଚୟ । କାରଣ ଗବେଷକମାନେ କହିଛନ୍ତି ସାରା ବିଶ୍ୱର ପ୍ରତି ଘରେ ଉପହାର ପହଞ୍ଚାଇବା ପାଇଁ ସାନ୍ତାଙ୍କୁ ପ୍ରତି ସେକେଣ୍ଡର ୬୫୦ ମିଇଲ୍ ଭ୍ରମଣ କରିବାକୁ ହେଉଥିବ ଏବଂ ପ୍ରତି ସେକେଣ୍ଡରେ ୮୨୨ଟି ଘରେ ପହଞ୍ଚିବାକୁ ହେଉଥିବ ।

# ଖ୍ରୀଷ୍ଟମାସ୍

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ଜନ୍ମର ଖୁସିରେ ପାଳନ କରାଯାଏ ଖ୍ରୀଷ୍ଟମାସ ବା ବଡ଼ଦିନ । ଗବେଷକମାନେ କୁହନ୍ତି- ଯିଶୁଙ୍କ ଜନ୍ମର ପ୍ରକୃତ ଦିନ ସମ୍ପର୍କରେ ଜାଣିବା ଖୁବ୍ କଷ୍ଟକର । ପବିତ୍ର ବାଇବେଲ୍‌ରେ ମଧ୍ୟ ଏପରି କୌଣସି ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ଉଲ୍ଲେଖ ନାହିଁ । ତେବେ ଯିଶୁଖ୍ରୀଷ୍ଟଙ୍କ ଜନ୍ମ ସମ୍ପର୍କରେ ତାଙ୍କର ଜନ୍ମର ଢେର ପୂର୍ବରୁ ଉଲ୍ଲେଖ ଥିଲା । ଜଣେ କୁଆଁରୀ ଯୁବତୀ ଗର୍ଭବତୀ ହେବେ, ପୁତ୍ର ସନ୍ତାନ ଜନ୍ମ ଦେବେ ଏବଂ ଏହି ପୁତ୍ରର ନାମ ଇମାନୁଏଲ ହେବ ବୋଲି ଖ୍ରୀଷ୍ଟିଆନ ଧର୍ମଗ୍ରନ୍ଥ ଓଲ୍ଡ ଟେଷ୍ଟାମେଣ୍ଟରେ ଉଲ୍ଲେଖ ଅଛି । ମାତ୍ର ଯିଶୁଙ୍କର ଜନ୍ମ କେବେ ହେଲା ସେ ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନଥିବାରୁ ଡିସେମ୍ବର ୨୫ ତାରିଖକୁ କିପରି ବଡ଼ଦିନ ଭାବରେ ପାଳନ କରାଗଲା ? ଏହା କେବେ ଓ କେମିତି ଆରମ୍ଭ ହେଲା ?



ଇତିହାସରୁ ଜଣାଯାଏ- ପ୍ରଥମେ ୩୫୪ ଖ୍ରୀଷ୍ଟାବ୍ଦରେ ରୋମ୍‌ର ବିଶପ ଲିବେରିୟୁସ ଖ୍ରୀଷ୍ଟିଆନ୍‌ମାନଙ୍କ ସହ ମିଶି ଡିସେମ୍ବର ୨୫ ତାରିଖକୁ ଖ୍ରୀଷ୍ଟମାସ ବା ବଡ଼ଦିନ ଭାବରେ ପାଳନ କରିଥିଲେ । ଏହାପରେ ୪୩୨ ଖ୍ରୀଷ୍ଟାବ୍ଦରେ ପୁରାତନ ଜୁଲିୟନ୍ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୬ ତାରିଖରେ ଖ୍ରୀଷ୍ଟମାସ ପାଳନ କରାଗଲା । ଏହା ପରେ ଧୀରେ ଧୀରେ ସାରା ପୃଥିବୀରେ ଖ୍ରୀଷ୍ଟିଆନମାନେ ବଡ଼ଦିନ ପାଳନ କଲେ । ଷଷ୍ଠ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଏହା ଏକ ପରମ୍ପରାର ରୂପ ନେବାକୁ ଆରମ୍ଭ କରିଥିଲା ।

ଭାରତ ସମେତ ଦୁନିଆର ଅଧିକାଂଶ ଦେଶରେ ଏହି ଉତ୍ସବ ୨୫ ଡିସେମ୍ବରରେ ପାଳନ କରାଯାଏ । ମାତ୍ର ରୁଷ୍, ଜର୍ଜିଆ, ମିଶର, ଅରମେନିଆ, ୟୁକ୍ରେନ ଓ ସର୍ବିଆ ଆଦି ଦେଶରେ ଜାନୁଆରୀ ୭ ତାରିଖରେ ଏହାର ଆୟୋଜନ କରାଯାଏ । କାରଣ ପାରମ୍ପରିକ ଜୁଲିୟନ୍ କ୍ୟାଲେଣ୍ଡରର ଡିସେମ୍ବର ୨୫ ତାରିଖ ଅର୍ଥାତ୍ ବଡ଼ଦିନ ଗେଗୋରିଆନ୍ ଓ ରୋମାନ କ୍ୟାଲେଣ୍ଡର ଅନୁଯାୟୀ ଜାନୁଆରୀ ୭ ତାରିଖରେ ପଡେ ।

ଖ୍ରୀଷ୍ଟମାସ୍ ଶବ୍ଦଟି- 'ଖ୍ରାଇଷ୍ଟସ୍' ଏବଂ 'ମାସ୍' ଦୁଇଟି ଶବ୍ଦର ମିଶ୍ରଣରେ ସୃଷ୍ଟି ହୋଇଛି । 'ଖ୍ରାଇଷ୍ଟସ'ର ଅର୍ଥ ଯିଶୁଖ୍ରୀଷ୍ଟ ଏବଂ 'ମାସ୍'ର ଅର୍ଥ ହେଲା- ମିଳିତ ପ୍ରାର୍ଥନା ।

୧୦୩୮ ଖ୍ରୀଷ୍ଟାବ୍ଦରେ ଏହାକୁ ଖ୍ରୀଷ୍ଟମାସ୍ କୁହାଗଲା । ଷୋଡ଼ଶ ଶତାବ୍ଦୀରୁ ଖ୍ରାଇଷ୍ଟ ଶବ୍ଦକୁ ରୋମାନ୍ ଅକ୍ଷର 'ଡ' ଦ୍ୱାରା ଦର୍ଶାଇବାର ପରମ୍ପରା ଆରମ୍ଭ ହେଲା । ଏଥିପାଇଁ ଏବେ ଖ୍ରୀଷ୍ଟମାସ୍‌କୁ 'ଏକ୍ସମାସ୍' ମଧ୍ୟ କୁହାଯାଉଛି । ଅଧିକ ଖ୍ରୀଷ୍ଟଧର୍ମାବଲମ୍ବୀ ଥିବା ଦେଶମାନଙ୍କରେ ଖ୍ରୀଷ୍ଟମସ୍ ଏକ ବଡ଼ ପର୍ବ । ତେବେ କେତେକ ଦେଶରେ ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଏହି ପର୍ବ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରାଯାଏ । ହଂକଂ, ମକାଓ, ଚୀନ, ଜାପାନ, ଦକ୍ଷିଣ ଆରବ, ଥାଇଲାଣ୍ଡ, ଆଲଜେରିଆ, ନେପାଳ, ଇରାନ, ତୁର୍କୀ ଏବଂ ଉତ୍ତର କୋରିଆ ଆଦିରେ କମ୍‌ସଂଖ୍ୟକ ଖ୍ରୀଷ୍ଟଧର୍ମାବଲମ୍ବୀ ଥିଲେ ମଧ୍ୟ ଏଠାରେ ଖ୍ରୀଷ୍ଟମସ୍ ଖୁବ୍ ଜୋରସୋରରେ ପାଳନ କରାଯାଏ । ଭାରତରେ ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳର ପ୍ରଭାବ ଦେଖିବାକୁ ମିଳେ । ଜାପାନ ଓ କୋରିଆରେ ଏହି ଉତ୍ସବ ଅବସରରେ ବିଭିନ୍ନ ସଂସ୍କୃତିର ସଙ୍ଗମ ଦେଖିବାକୁ ମିଳେ ।



ପୁରାତନ କ୍ୟାଥଲିକ୍ ପରମ୍ପରା ଅନୁଯାୟୀ ଖ୍ରୀଷ୍ଟମାସ୍‌ର ରାତିରେ ଛୋଟ ପିଲାମାନେ ଯିଶୁଙ୍କ ନାମରେ ନିଜର ଉଦ୍ଦେଶ୍ୟ ଓ ପ୍ରତିଶ୍ରୁତି ଲେଖି ନିଜ ଘର ଝରକାରେ ରଖିଦେଉଥିଲେ । ବିଶ୍ୱାସ ଥିଲା ସ୍ୱର୍ଗଦୂତ ଏହି ପତ୍ର ନେବେ ଏବଂ ଏହାଦ୍ୱାରା ସ୍ୱର୍ଗରେ ଯିଶୁଖ୍ରୀଷ୍ଟଙ୍କ ସହ ଭେଟ ହେବ । ଆଜି ମଧ୍ୟ କ୍ୟାଥଲିକ୍ ଖ୍ରୀଷ୍ଟିଆନମାନଙ୍କ ମଧ୍ୟରେ ଏହି ପତ୍ରର ପ୍ରଚଳନ ରହିଛି ।



# ପ୍ରତୀକ୍ଷା ଶେଷ ହେଲା

**ଯିଶୁ ଧରାପୃଷ୍ଠକୁ ଆସିବା ପୂର୍ବରୁ ତାଙ୍କ ଆଗମନର ସଙ୍କେତ ମିଳିଯାଇଥିଲା । ଲୋକମାନେ ତାଙ୍କ ଆଗମନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ । ଏହି ପ୍ରସ୍ତୁତି ପ୍ରାୟ ଏକମାସ ଧରି ଚାଲିଥିଲା । ଯିଶୁଙ୍କ ଜନ୍ମ ସହ ଶେଷ ହେଲା ଆଡ୍‌ଭେଣ୍ଟ ବା ଯିଶୁ ଆଗମନ ପର୍ବ ।**

ଖ୍ରୀଷ୍ଟ ଆଗମନ ପର୍ବ ଆସେ ଖ୍ରୀଷ୍ଟରାଜା ପର୍ବର ଏକ ସପ୍ତାହ ପରେ । ଖ୍ରୀଷ୍ଟରାଜା ପର୍ବ ଆସେ ନଭେମ୍ବର ୨୦ରୁ ୨୬ ତାରିଖ ମଧ୍ୟରେ ପଡୁଥିବା ରବିବାରରେ । ନଭେମ୍ବର ୨୭ ତାରିଖରୁ ଆରମ୍ଭ ହୁଏ ଖ୍ରୀଷ୍ଟ ଆଗମନ ମାସ ।

ପୁରୁଣା ସମୟରେ ରୋମାନ ରାଜାମାନେ ଯୁଦ୍ଧରେ ବିଜୟ ଲାଭ କରି ଫେରିବା ସମୟରେ ପ୍ରଜାମାନେ ତାଙ୍କୁ ସ୍ୱାଗତ କରିବା ପାଇଁ ଯେଉଁ ପ୍ରସ୍ତୁତି କରୁଥିଲେ ସେହି ପ୍ରଥାକୁ କୁହାଯାଉଥିଲା ରାଜାଙ୍କ ଆଗମନ । ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ପ୍ରଭୁ ଯିଶୁ ସଂସାରକୁ ଆସିବା ବାଟକୁ ଅନାଇ ବସିବାର ଅବଧିକୁ କୁହାଯାଏ ଆଗମନ ।

ଆଗମନର ଅବଧିରେ ଆସେ ୪ଟି ରବିବାର । ପ୍ରଥମ ରବିବାରକୁ କୁହାଯାଏ ପାମ୍ ସନ୍ ଡେ' । ଏହି ଦିନ ଜେରୁଜେଲମ୍‌ରେ ଇହୁଦୀମାନେ ଯିଶୁଙ୍କୁ ସ୍ୱାଗତ କରନ୍ତି । ଦ୍ୱିତୀୟ ରବିବାର ଯିଶୁଙ୍କ ଆଗମନ ସମ୍ପର୍କରେ ହୋଇଥିବା ଭବିଷ୍ୟବାଣୀ ସହ ସମ୍ପର୍କିତ । ତୃତୀୟ ରବିବାରରେ ହୋଇଥିଲା ଭବିଷ୍ୟବାଣୀ -''ଯିଏ ଆପଣମାନଙ୍କୁ ଧର୍ମଦୀକ୍ଷା ଦେବ ସେ ଆସିବାକୁ ଯାଉଛି ।''

ଶେଷ ରବିବାର ଯିଶୁଙ୍କ ଜନ୍ମରେ ମେରିୟମ୍ ମାଧ୍ୟମ ହେବା ସହ ସମ୍ପର୍କିତ ।

ଏହି ଅବଧି ମଧ୍ୟରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ନିଜ ପାପରୁ ମୁକ୍ତି ପାଇଁ ପ୍ରୟାସ କରନ୍ତି । ଖ୍ରୀଷ୍ଟମାସ ପର୍ଯ୍ୟନ୍ତ ସେମାନେ ପ୍ରାର୍ଥନା, ଉପବାସ, ପୂଜାର୍ଚ୍ଚନା ଏବଂ ଧ୍ୟାନ ଦ୍ୱାରା ନିଜ ମନକୁ ସତ୍ ମାର୍ଗକୁ ନେଇଯା'ନ୍ତି । ସେମାନଙ୍କ ପ୍ରୟାସ ଥାଏ ପ୍ରଭୁ ଯିଶୁଙ୍କୁ ଶିଶୁ ଅବସ୍ଥାରେ ଗ୍ରହଣ କରିବା ପାଇଁ ନିଜ ଆତ୍ମାକୁ ପ୍ରସ୍ତୁତ କରିବା ।

ଈଶ୍ୱର ଚାହିଁଥିଲେ ନିଜ ପୁତ୍ର ଯିଶୁଙ୍କୁ ଜଣେ ରାଜା ବା ଯୋଧା ଭାବରେ ପୃଥିବୀକୁ ପଠାଇ ପାରିଥାନ୍ତେ । କିନ୍ତୁ ସେ ନମ୍ରତାର ଉଦାହରଣ ଦେଇ ଯିଶୁଙ୍କୁ ଶିଶୁ ଭାବରେ ଧରାପୃଷ୍ଠକୁ ପଠାଇଥିଲେ ।

ପରମ୍ପରା ଅନୁଯାୟୀ ଆଡଭେଣ୍ଟର ମାଳା ସବୁଜ ପତ୍ରରେ ତିଆରି କରାଯାଏ । ଏହା ଭିତରେ ଚାରୋଟି ମହମବତୀ ଲଗାଯାଏ । ଜ୍ୟୋତିର ପ୍ରତୀକ ଭାବରେ ଗ୍ରହଣ କରାଯାଏ ମହମବତୀକୁ । ଏହି ଜ୍ୟୋତି ହେଉଛନ୍ତି ପ୍ରଭୁ ଯିଶୁ । ଆଗମନ ପ୍ରସ୍ତୁତିରେ ବାଇଗଣି ରଙ୍ଗକୁ ପ୍ରାଧାନ୍ୟ ଦିଆଯାଏ । ଏହା ରାଜକୀୟତାର ପ୍ରତୀକ । ଏହି ସମୟରେ ଋତୁରେ ପରିବର୍ତ୍ତନ ଆସେ । ଶୀତ ପଡ଼ିବା ପରେ ଫୁଲ ଫୁଟିବା ଆରମ୍ଭ କରେ । ପ୍ରକୃତିର ସୌନ୍ଦର୍ଯ୍ୟ ସହ ଆଧ୍ୟାତ୍ମିକ ପ୍ରସ୍ତୁତି ଆରମ୍ଭ ହୁଏ । ଏହି ଅନନ୍ୟ ଅନୁଭବ ପ୍ରେମର ପ୍ରତୀକ । ତେଣୁ ପ୍ରଭୁ ଯିଶୁଙ୍କ ଜନ୍ମ ଏହି ପ୍ରେମଋତୁରେ ହୋଇଛି ।







# ଖ୍ରୀଷ୍ଟମାସ୍ ଓ ସାନ୍ତାକ୍ଲଜ

ଖ୍ରୀଷ୍ଟମାସ୍ ଆସିଲେ ସାନ୍ତାକ୍ଲଜ ଆସନ୍ତି । ସମସ୍ତଙ୍କୁ ବଡ଼ଦିନର ଉପହାର ଦେଇଯାଆନ୍ତି । ଛୋଟ ପିଲା ଓ ଗରିବମାନଙ୍କୁ ସାନ୍ତାକ୍ଲଜ ଖୁବ୍ ଭଲ ପାଆନ୍ତି । ସାନ୍ତାକ୍ଲଜକୁ ନେଇ ଏହି ଧାରଣା ଥାଏ ସବୁ ପିଲାଙ୍କ ମନରେ । ତେବେ ଆପଣ ଜାଣନ୍ତି କି ଯିଶୁଖ୍ରୀଷ୍ଟଙ୍କର ଜନ୍ମ ସହ ସାନ୍ତାକ୍ଲଜ କାହାଣୀର କୌଣସି ସମ୍ପର୍କ ନାହିଁ । ୪ର୍ଥ ଶତାବ୍ଦୀରୁ ସାନ୍ତାକ୍ଲଜ ପରମ୍ପରା ଆରମ୍ଭ ହେଲା । ପ୍ରକୃତ ପ୍ରଥମ ସାନ୍ତାକ୍ଲଜ ଥିଲେ ତୁର୍କୀର ମୀରା ସହରର ବିଶପ୍ ସେଣ୍ଟ ନିକୋଲାସ୍ । ସେ ଛୋଟ ପିଲାଙ୍କୁ ଖୁବ୍ ଭଲ ପାଉଥିଲେ । ଗରିବ, ଅନାଥ ଓ ବେସାହାରା ଶିଶୁମାନଙ୍କୁ ଉପହାର ଦେଉଥିଲେ । ଗରିବ ଝିଅମାନଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ ହେବାରୁ ରକ୍ଷାକରି ସେମାନଙ୍କର ବିବାହ କରାଉଥିଲେ । ତାଙ୍କର ମୃତ୍ୟୁ ଡିସେମ୍ବର ୬ ତାରିଖରେ ହୋଇଥିଲା । ଏହା ଖ୍ରୀଷ୍ଟମସ୍ ସମୟ ହୋଇଥିବାରୁ ଲୋକମାନେ ଖ୍ରୀଷ୍ଟମାସ୍‌କୁ ସାନ୍ତାକ୍ଲଜ ସହ ଯୋଡ଼ିଥିଲେ ।

ସେଣ୍ଟ ନିକୋଲାସଙ୍କର ପିଲାଙ୍କ ପ୍ରତି ଭଲପାଇବା ଖୁବ୍ ଲୋକପ୍ରିୟ ହୋଇଥିଲା । ଏ ସମୟରେ ୟୁରୋପରେ ତାଙ୍କ ନାମରେ ଅନେକ ଚର୍ଚ୍ଚକୁ ନାମିତ କରାଯାଇଥିଲା । ସତରେ କ'ଣ ସାନ୍ତାକ୍ଲଜ ଅଛନ୍ତି ? ୧୮୯୭ ମସିହାରେ ୧୮ ବର୍ଷିଆ କିଶୋରୀ ଭର୍ଜିନ ଓହାନଲୋନ୍ ନ୍ୟୁୟର୍କର ଖ୍ୟାତନାମା 'ସନ୍' ପତ୍ରିକାର ସମ୍ପାଦକଙ୍କୁ ପତ୍ର ଲେଖି ଏହା ପଚାରିଥିଲେ । ସେତେବେଳେ ସମ୍ପାଦକ ଫ୍ରାନ୍ସିସ୍ ଚର୍ଚ୍ଚଏ ସମ୍ପର୍କରେ ଏକ ସମ୍ପାଦକୀୟ ଲେଖି ଭର୍ଜିନର ମନରେ ବିଶ୍ୱାସ ଭରିଥିଲେ ଯେ ସତରେ ସାନ୍ତାକ୍ଲଜ ଅଛନ୍ତି । ମାତ୍ର ଆଜି ପର୍ଯ୍ୟନ୍ତ କାହାଣୀର ସେହି ସାନ୍ତାକ୍ଲଜକୁ କେହି ଦେଖିନାହାନ୍ତି । ସାନ୍ତା ନିଜର ହରିଣ ଟଣା (ରେନ୍‌ଡିୟର) ସ୍ଲେଜଗାଡ଼ିରେ କିପରି ଆକାଶରୁ ଓହ୍ଲାନ୍ତି ସେ ସମ୍ପର୍କରେ କେହି ଜାଣନ୍ତି ନାହିଁ । ତେବେ ବର୍ତ୍ତମାନ ଆମେ ଦେଖୁଥିବା ସାନ୍ତାଙ୍କର ଗହଳିଆ, ଲମ୍ବା, ଧଳା ଦାଢି, ହସଖୁସିଆ ଚେହେରା, ଧଳା ନାଲି ପୋଷାକ ଓ ଟୋପି କେଉଁଠୁ ଆସିଲା ଆସନ୍ତୁ ଜାଣିବା । ଐତିହାସିକମାନେ କୁହନ୍ତି ଆଜି ଦେଖାଯାଉଥିବା ସାନ୍ତାର ପରିକଳ୍ପନା ହୋଇଥିଲା କାର୍ଟୁନିଷ୍ଟ ଥୋମାସ୍ ନାଷ୍ଟଙ୍କ ଦ୍ୱାରା, ୧୮୦୩ ମସିହାରେ ସେ ସେହି ସମୟରେ ବିଖ୍ୟାତ ସାପ୍ତାହିକ ପତ୍ରିକା ହାର୍ପରରେ ସାନ୍ତାକ୍ଲଜଙ୍କର ଅନେକ କାର୍ଟୁନ ପ୍ରକାଶ କରିଥିଲେ । ତେବେ ବର୍ତ୍ତମାନର ସାନ୍ତାକ୍ଲଜଙ୍କ ନାଲି ଧଳା ପୋଷାକ ସେଣ୍ଟ ନିକୋଲାସଙ୍କ ଠାରୁ ଆସିଛି । ସେ ସମୟରେ ଏହା ବିଶପ୍‌ଙ୍କ ପୋଷାକ ଥିଲା ।





## ଧନୁ ମହୋତ୍ସବର ଷଷ୍ଠ ରଜନୀରେ ରଙ୍ଗସଭା



**ମୁରିବାହାଲ,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ (ମଥୁରା ନଗରୀ) ଠାରେ ଚାଲିଥିବା ସପ୍ତମ ବର୍ଷ ବ୍ଲକସ୍ତରୀୟ ବିରାଟ ଧନୁଯାତ୍ରା ମହୋତ୍ସବ ସୋମବାର ଷଷ୍ଠ ଦିବସରେ ପହଞ୍ଚିଛି । ମୁରିବାହାଲ ମଥୁରା ନଗରୀ ହୋଇଥିବା ବେଳେ ପାଖ ବନବାହାଲ ଗ୍ରାମ ଗୋପପୁର ଭାବେ ପରିଗଣିତ ହୋଇଛି । ଦୀର୍ଘ ସାତ ଦିନ ଧରି ଚାଲିଥିବା ଏହି ଧନୁଯାତ୍ରା ମହୋତ୍ସବର କଂସ ଭୂମିକାରେ ଲୋଠୋରର ବିଶିଷ୍ଟ କଳାକାର ଆର୍ତ୍ତତ୍ରାଣ ସୁନାନୀ ଅଭିନୟ କରୁଥିବା ବେଳେ ତାଙ୍କ ସାଥି କଳାକାରମାନଙ୍କ ନାଟ୍ୟାଭିନୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନମୁଗ୍ଧ କରୁଛି । ଧନୁଯାତ୍ରା ମହୋତ୍ସବ ଷଷ୍ଠ ରଜନୀରେ କମିଟି ସଭାପତି ତରୁଣ ପୋଡ଼ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ରୂପେ ବଲାଙ୍ଗୀର ଜିଲ୍ଲା ପୂର୍ବତନ ସ୍ୱତନ୍ତ୍ର ପରିଷଦ ଉପସଭାପତି ନିରୁପମା ମାଝୀ, ସମ୍ମାନିତ ଅତିଥି ସମିତି ସଭ୍ୟ ହଳଦୀ ଗ୍ରାମ ପଞ୍ଚାୟତ ଟୁନାମଣି ମହାନନ୍ଦ, ସମ୍ପାଦକ ଜନମୁକ୍ତି ଅନୁଷ୍ଠାନ ଭଜରାମ ସାହୁ, ନାରୀ ନେତ୍ରୀ ପିଙ୍କି ଖର୍ସେଲ, ବରାଜୁରା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଲମ୍ବୋଦର ଭୋଇ, ମୁରିବାହାଲ ମଧୁଶାଳାର ମ୍ୟାନେଜର ଜୟ ମାତାଦି, ବିଶିଷ୍ଟ ବ୍ୟବସାୟୀ ଅନିଲ ଶର୍ମା, କମିଟିର କାର୍ଯ୍ୟକାରୀ ସଭାପତିତଥା ପ୍ରେସ କ୍ଲବ୍‌ର ସଭାପତି ପ୍ରଫୁଲ୍ଲ କୁମାର ବଘାର, ଆୟୋଜକ କମିଟିକୋଷାଧକ୍ଷ ଭରତ ଦାସ, କମିଟିର ସାଂସ୍କୃତିକ ସମ୍ପାଦକ ନେପାଲ ସାହୁ ମଞ୍ଚାସିନ ହୋଇଥିଲେ । କମିଟିର କାର୍ଯ୍ୟକାରୀ ସଭାପତି ରାଜିବ କୁମାର ମହାନ୍ତି ସଭା ସଂଯୋଜନା କରିଥିବା ବେଳେ କମିଟିର ଉପସଭାପତି ଲକ୍ଷ୍ମୀକାନ୍ତ ଧରୁଆ ଧନ୍ୟବାଦ ପର୍ବକୁ ସମ୍ପୂର୍ଣ୍ଣ କରିଥିଲେ । କଂସ ଦରବାରରେ ରଙ୍ଗସଭା, ଅକ୍ରୁର ପ୍ରେରଣ ନାଟକ ମଞ୍ଚସ୍ଥ ହୋଇଥିଲା । ପ୍ରବଳ ଶୀତ ହେଉଥିବା ସତ୍ତ୍ୱେ ମଧ୍ୟ କଂସ ଦରବାରରେ ହଜାର ହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

## ରାଷ୍ଟ୍ରବାଦୀ କବିତା ମହୋତ୍ସବ

**କେନ୍ଦ୍ରାପଡା,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଷ୍ଟ୍ରବାଦୀ ସାହିତ୍ୟ ହିଁ ରାଷ୍ଟ୍ର ନିର୍ମାଣର ମୂଳଉତ୍ସ । ସାହିତ୍ୟର ସାଶ୍ୱତ ଛନ୍ଦ ଏକ ସମୃଦ୍ଧ ରାଷ୍ଟ୍ର ଗଠନରେ ସହାୟକ ହୋଇଥାଏ ବୋଲି ଚତୁର୍ଥ ରାଷ୍ଟ୍ରବାଦୀ କବିତା ମହୋତ୍ସବରେ ମତପ୍ରକାଶ ପାଇଛି । ରାଷ୍ଟ୍ରବାଦୀ ସାମାଜିକ ସଂଗଠନ 'ଜୟ ରାଷ୍ଟ୍ର ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ସ୍ଥାନୀୟ ମାନବ ପ୍ୟାଲେସ ଠାରେ ଅନୁଷ୍ଠିତ କବିତା ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଷ୍ଟ୍ରଦୀପର ପୂର୍ବତନ ସମ୍ପାଦକ ତଥା ବିଶିଷ୍ଟ ବାଗ୍ମୀ ଜଗବନ୍ଧୁ ମିଶ୍ର ଆଧୁନିକ ସାରସ୍ୱତ ସ୍ରଷ୍ଟା ଗଣ ମାଟି ମନସ୍କ ହୋଇ ସାହିତ୍ୟ ରଚନା କରିବା ଉଚିତ୍ ବୋଲି କହିଥିଲେ । ଏହି ଅବସରରେ ବିଶିଷ୍ଟ କବି ବିଜୟ ରାୟଙ୍କୁ 'ସରସ୍ୱତୀ ଦେବୀ ସ୍ମାରକୀ ଜୟରାଷ୍ଟ୍ର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା । ସମ୍ମାନ ସ୍ୱରୂପ ଫଳକ, ଅଙ୍ଗବସ୍ତ୍ର ଓ ନଗଦ ରାଶି ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ପରେ ପରେ ଆକାଶବାଣୀ କଟକ କେନ୍ଦ୍ରର ଉଦଘୋଷିକା ଦୀପ୍ତି ଦାଶ ଓ ଲେଖିକା ଗୀତାଶ୍ରୀ ଦାସଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ କବି ପ୍ରତିଭା ପ୍ରିୟଦର୍ଶିନୀ, ପ୍ରଜ୍ଞା ପରିମିତା ଆଚାର୍ଯ୍ୟ, ପବିତ୍ର ସାହୁ, ନିର୍ଝରିଣୀ ପଣ୍ଡା, ଶକ୍ତିପ୍ରଦା ମହାପାତ୍ର, ତନୁଜା ରାଉତ, କ୍ଷୀରାବ୍ଧି ତନୟା ରାଉଳ ଓ କବି କାକୁଳି ମଲ୍ଲିକ ଦେଶାତ୍ମବୋଧକ କବିତା ପାଠ କରିଥିଲେ । ନିମନ୍ତ୍ରିତ କବିମାନଙ୍କୁ ମମତା ସିହ୍ନା ସ୍ମାରକୀ କବିତା ସମ୍ମାନ ପ୍ରଦାନ କରାଯାଇଥିଲା । ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରିନାରାଣୀ ଦାସ, ନମିତା ଜେନା, ମଳୟ ସାହୁ, ରଶ୍ମିରଞ୍ଜନ ସ୍ୱାଇଁ, ଜ୍ଞାନରଞ୍ଜନ ଦାସ, ସୁଶାନ୍ତ ନାୟକ, ଦେବେଶ ବେହେରା, ପଙ୍କଜ ସିହ୍ନା, ବିରେନ୍ଦ୍ର ଦାସ ପ୍ରମୁଖ ସହାୟତା କରିଥିଲେ ।

## ଉତ୍କଳମଣୀ ଶିଶୁ ଶିକ୍ଷା ମନ୍ଦିରର ବାର୍ଷିକ କ୍ରୀଡା

**ରାଜନଗର,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଭିତରଗଡସ୍ଥିତ ଉତ୍କଳମଣୀ ଶିଶୁ ଶିକ୍ଷା ମନ୍ଦିରର ୧୮ତମ ବାର୍ଷିକ କ୍ରୀଡା ପ୍ରତିଯୋଗୀତା ଉଦଘାଟିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ମହେନ୍ଦ୍ରକୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା କ୍ରୀଡା ପତାକ ଉତୋଳନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସିଆରସିସି ନିରାକାର ରାଉତ, ପ୍ରଧାନ ଶିକ୍ଷୟତ୍ରୀ ପ୍ରୀତିଚନ୍ଦା ରାଉତରାୟ ଓ ସୁପ୍ରଭା ପଣ୍ଡା ଯୋଗଦେଇ କ୍ରୀଡା ଛାତ୍ରଛାତ୍ରୀଙ୍କ ଶାରିରୀକ ଓ ମାନସିକ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୋଇଥାଏ । ଏଥିସହ ସେମାନଙ୍କ ମାନସିକ ଚାପକୁ ହ୍ରାସ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ପ୍ରତିଯୋଗୀତା ଦୁଇଦିନ ଧରି ଅନୁଷ୍ଠିତ ହେବ । କ୍ରୀଡା ପ୍ରତିଯୋଗୀତାକୁ ପ୍ରୀଡା ଶିକ୍ଷକ ଅର୍ପିତା ମହାନ୍ତି ଓ ସୁବ୍ରତ ସେଠୀ ପରିଚାଳନା କରିଥିବା ବେଳେ ଶୁଶୀଳା, ଆଶା, ଲିଜା, କଳ୍ପନା ଓ ମିତାଲି ପ୍ରମୁଖ ଗୁରୁ ମା'ମାନେ ପରିଚାଳନାରେ ସହଯୋଗ କରିଥିଲେ । ଗୁରୁମା ରୋଜିସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ପ୍ରତିଯୋଗିତା

**ରାଜନଗର,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଜାନୁୟାରୀ ମାସ ୧୨ ତାରିଖରେ ରାଷ୍ଟ୍ରୀୟ ଯୁବ ଦିବସ ପାଳନ ହେବ । ଏହି ଅବସରରେ ରାଷ୍ଟ୍ରୀୟ କଳାମଞ୍ଚ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ସରସ୍ୱତୀ ଶିଶୁ ମନ୍ଦିର ରାଜନଗର ପରିସରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜନଗର ନଗର ଶାଖାର ସଭାପତି ଅଧ୍ୟାପିକା ତନୁଶ୍ରୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀତାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଲେଖ କୁମାର ବାରିକ ଯୋଗଦେଇଥିଲେ । ବ୍ଲକର ଡିଗ୍ରୀ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ହାଇସ୍କୁଲର ୧୨୫ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ନୃତ୍ୟ, ଗୀତାବୃତି ଓ ସଙ୍ଗୀତ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ବିଚାରକ ଭାବେ ମାଷ୍ଟର ରାମଚନ୍ଦ୍ର ବାରିକ, ଲିପି ମିଶ୍ର, ଅଧ୍ୟାପକ ପବିତ୍ର କଣ୍ଡ, ଅଖିଳେଶ ରାଉତ, ରୀତା ସେଠୀ, ପ୍ରଜ୍ଞା ସେଠୀ ପ୍ରମୁଖ ଯୋଗଦେଇଥିଲେ । ନଗର ସଂପାଦକ ସୁକୁମାର ମାନ୍ନା, ସୁମିତ୍ରା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶିଶୁ ମନ୍ଦିରର ସଂପାଦକ ଦୋଳଗୋବିନ୍ଦ ଜେନା, ଛାତ୍ର ନେତା ସିଦ୍ଧାନ୍ତ ସାହୁ, ସୁରେନ୍ଦ୍ର ପରିଡା, ମଳୟ ପଲାଇ, ଆକାଂକ୍ଷା ରାଉତ, ଶୁଭଶ୍ରୀ ବାଗଙ୍କ ସହ ଶିଶୁ ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାମାନେ ପରିଚାଳନାରେ ସହଯୋଗ କରିଥିଲେ ।

## ବ୍ଲକ ଏକାଦଶକୁ ହରାଇ ସାମ୍ବାଦିକ ଏକାଦଶ ଚାମ୍ପିୟନ

**କେନ୍ଦ୍ରାପଡା,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି ଆନୁକୂଲ୍ୟରେ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଆୟୋଜନ କରାଯାଇଥିଲା । ଯେଉଁଥିରେ ବ୍ଲକ ଏକାଦଶ, ସରପଞ୍ଚ ଏକାଦଶ, ପିଓ ଓ ଏଡିଓ ଏକାଦଶ ଏବଂ ସାମ୍ବାଦିକ ଏକାଦଶଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ କେନ୍ଦ୍ରାପଡା ବ୍ଲକ ଜଜାଙ୍ଗ ସ୍ଥିତ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚରେ ବ୍ଲକ ଏକାଦଶଙ୍କୁ ହରାଇ ସାମ୍ବାଦିକ ଏକାଦଶ ବିଜୟୀ ହୋଇଥିଲା । ଫାଇନାଲ ମ୍ୟାଚରେ ସାମ୍ବାଦିକ ଅଲେଖ ନାୟକ ୫୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିଭଳି ବ୍ଲକ ପ୍ରଶାସନ ପକ୍ଷରୁ ବେଷ୍ଟ ବୋଲର ଶୁଭେନ୍ଦୁ ବେହେରା ପୁରସ୍କାର ପାଇଥିବା ବେଳେ ସରପଞ୍ଚ ଟିମ ପକ୍ଷରୁ ଘାଗରା ସରପଞ୍ଚଙ୍କ ପ୍ରତିନିଧି ଅଜିତ ପରିଡା ବେଷ୍ଟ ବ୍ୟାଟ୍ସମ୍ୟାନ ପୁରସ୍କାର ପାଇଥିଲେ । ଶେଷରେ କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ ବିଜେତା ସାମ୍ବାଦିକ ଦଳ ଅଧିନାୟକ ବଳରାମ ବେହେରା ଉପ ଅଧିନାୟକ ପ୍ରଦୋଷ ବିଶ୍ୱାଳଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ରାଜନଗର ବିଡ଼ିଓ ଅନିରୁଦ୍ଧ ବେହେରା ଖେଳ ପରିଚାଳନା କରିଥିଲେ । କପାଳେଶ୍ୱର ସରପଞ୍ଚଙ୍କ ପ୍ରତିନିଧି ଲୋହିତ ମହାନ୍ତି ଖେଳ ଆୟୋଜନାରେ ସହଯୋଗ କରିଥିଲେ । ଏହି କ୍ରୀଡା ଆୟୋଜନରେ କେନ୍ଦ୍ରାପଡ଼ା ପଞ୍ଚାୟତ ସମିତି କର୍ମଚାରୀ ତଥା ସମସ୍ତ ଅଫିସିଆଲି ଷ୍ଟାଫମାନେ ଉପସ୍ଥିତ ଥିଲେ ।

## ମନରେଗା ଯୋଜନାର ବିକୃତ ନାମକରଣକୁ ବିରୋଧ

**ବ୍ରହ୍ମପୁର,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମନରେଗା ଯୋଜନାର ନୂଆ ନାମକରଣ କରି ସେଥିରୁ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେବାକୁ ବିରୋଧ କରି କଂଗ୍ରେସ ଦଳ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସର ଜିଲ୍ଲା ସଭାପତି (ପୂର୍ବ) ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ଓ ଧାରଣା କାର୍ଯ୍ୟକ୍ରମରେ ଗୋପାଳପୁର ପୂର୍ବତନ ବିଧାୟକ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଡ଼ଃ ତ୍ରିନାଥ ବେହେରା, ଦିଗପହଣ୍ଡିର କଂଗ୍ରେସ ନେତା ସାକା ସୁଜିତ, ସୋରଡାର କଂଗ୍ରେସ ନେତା ପ୍ରଶାନ୍ତ ବିଶୋଇ, କବିସୂର୍ଯ୍ୟନଗର କଂଗ୍ରେସ ନେତା ସଞ୍ଜୟ ମଣ୍ଡଳ, ଖଲ୍ଲିକୋଟର କଂଗ୍ରେସ ନେତା ଭୋକାଲି ସେଠି, ସଞ୍ଜୟ ମଣ୍ଡଳ, ଅଗସ୍ତି ବରାଡ, ରଜନୀକାନ୍ତ ପାଢ଼ୀ, ଜିଲ୍ଲା କଂଗ୍ରେସ ଉପସଭାପତି ଅଶୋକ ପଟ୍ଟନାୟକ, ମହେଶ୍ୱର ପାତ୍ର, ସୁଦାମ ପୁରୋହିତ, ରାମା ରାଓ, ଶଙ୍କର ସୁବୁଦ୍ଧି, ନାରୀ ନେତ୍ରୀ ସୁବାସିନୀ ପଟ୍ଟନାୟକ, ଇକୁ ଆମିନ ଖାନ, ଉମାକାନ୍ତ ଶାସମଲ ଓ କବିର ସାବତ ପ୍ରମୁଖ ଉଦବୋଧନ ଦେଇ କେନ୍ଦ୍ର ସରକାରଙ୍କ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ପ୍ରଥମେ ଛତ୍ରପୁରର ଅପର ବସଷ୍ଟାଣ୍ଡରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶହ ଶହ କଂଗ୍ରେସ କର୍ମୀଙ୍କ ଏକ ଶୋଭାଯାତ୍ରା ଛତ୍ରପୁର ସହର ପରିକ୍ରମା କରିବା ପରେ ପୋଲିସ ପ୍ୟାରେଡ୍ ପଡିଆ ନିକଟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯାଇ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିର ଦୃଢ ସମାଲୋଚନା କରିଥିଲେ । ଏନେଇ ଏକ ଦାବିପତ୍ର ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କୁ ପ୍ରଦାନ କରିଥିଲେ ।




## ମହାଲିଙ୍ଗ ପେକ୍ସରୁ ଉଠୁନି ଧାନ



**ଗୋଲାମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ପେକ୍ସରୁ ଧାନ ଉଠୁ ନ ଥିବା ଚାଷୀଙ୍କ ଅଭିଯୋଗ ହେଉଛି । ସୂଚନାରୁ ପ୍ରକାଶ ମଣ୍ଡି ଆରମ୍ଭ ହେଲା ଦିନ ଠୁ ୭ ଶହ କୁଇଣ୍ଟାଲ ଧାନ ଉଠି ଥିବା ବେଳେ ବର୍ତ୍ତମାନ ୭ ହଜାର ଧାନ ବସ୍ତା ପଡ଼ିରହିଥିବା ଜଣାପଡିଛି । ମିଲର୍ସମାନଙ୍କର ଅବହେଳା ଯୋଗୁଁ ଧାନ ଉଠୁ ନ ଥିବା ଚାଷୀଙ୍କ ଠାରୁ ପ୍ରକାଶ ପାଇଛି । ଏପଟେ ସରକାର ଠିକଠାକ ଚାଲିଥିବା କଥା କହୁଥିବା ବେଳେ ମଣ୍ଡିରେ ସାତ ହଜାର ବସ୍ତା ପଡିରହିଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି । ଏ ନେଇ ମହାଲିଙ୍ଗ ପେକ୍ସ ସଭାପତି ରାଜେଶ ଅଗ୍ରୱାଲ ଓ ସମ୍ପାଦକ ମୁକେଶ ତାଣ୍ଡିଙ୍କୁ ପଚାରିବା ପରେ ମଣ୍ଡି ଆରମ୍ଭ ହେଲା ଦିନ ଠୁ ସମୁଦାୟ ୭ ଶହ କୁଇଣ୍ଟାଲ ଧାନ ଉଠିଛି । ବର୍ତ୍ତମାନ ୭ ହଜାର ବସ୍ତା ଧାନ ପଡ଼ିରହିଛି । ମିଲର୍ସଙ୍କ ଅବହେଳା ଯୋଗୁଁ ଧାନ ଉଠି ପାରୁ ନାହିଁ ବୋଲି ପ୍ରକାଶ କରିଛନ୍ତି । ଏ ଉପରେ କଳାହାଣ୍ଡି ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ମଣ୍ଡିରୁ ଧାନ ଉଠାଇବାକୁ ସ୍ଥାନୀୟ ଚାଷୀ ଘାସିରାମ ରଣା, ହାକିମ ଚନ୍ଦ୍ର ସିଂହ, ରୋମାଞ୍ଚଲ ପୁଟେଲ, ପ୍ରସାଦ ପୁଟେଲ, ଲିଙ୍ଗରାଜ ଭୋଇ, ତ୍ରିଭୁବନ ପୁଟେଲ, ରୋମାଞ୍ଚଳ ସାହୁ ପ୍ରମୁଖ ଦାବି କରିଛନ୍ତି ।

## ମନ୍ଦିର ଓ ବାହ୍ୟ ପରିସର ବିକଶିତ ଉନ୍ନତି ନିମନ୍ତେ ସର୍ବେକ୍ଷଣ



**ସାକ୍ଷୀଗୋପାଳ,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସାକ୍ଷୀଗୋପାଳ ମନ୍ଦିର ଓ ଏହାର ବାହ୍ୟ ପରିସର ବିକଶିତ କରାଯିବା ନିମନ୍ତେ ସ୍ୱତନ୍ତ୍ର ସର୍ବେକ୍ଷଣ ଆରମ୍ଭ ହୋଇଛି । ସୂଚନା ଅନୁଯାୟୀ ସାକ୍ଷୀଗୋପାଳ ମନ୍ଦିର ଠାରୁ ବସଷ୍ଟାଣ୍ଡ ପଟୁ ଆସୁଥିବା ଯାନବାହାନ ଓ ଭକ୍ତଙ୍କ ସୁବିଧା ଲାଗି ସାକ୍ଷୀଗୋପାଳର ପ୍ରସିଦ୍ଧ ଠାକୁରାଣୀ ମା' ମଉଁନେଇ ମନ୍ଦିର ତଥା ହୋତାସାହି ତଥା ଗୋପାଳପୁର ପାଟଣା ଛକରୁ ଏକ ସ୍ୱତନ୍ତ୍ର କରିଡ଼ର ନିର୍ମାଣ କରାଯିବା ସହ ରନ୍ଚିରା ନଦୀ ଉପରେ ଏକ ନୂତନ ପୋଲ ନିର୍ମାଣ କରାଯିବ । ପୁରାତନ ଧର୍ମଶାଳାକୁ ଭଙ୍ଗାଯାଇ ସେଠାରେ ଏକ ନୂତନ ଭକ୍ତ ନିବାସ ସହ ଉନ୍ନତମାନର ଅତିଥି ଭବନ ନିର୍ମାଣ କରାଯିବ । ସେବାୟତଙ୍କ ଜାଗାଘର, ସେଠାରେ ଥିବା ମାର୍କେଟ କମ୍ପ୍ଲେକ୍ସ ପାର୍କିଂ ସ୍ଥାନ ହେବ । ମନ୍ଦିର ଶୌଚାଳୟକୁ ସ୍ଥାନାନ୍ତର କରାଯାଇ ସେଠାରେ ଏକ ଅତ୍ୟାଧୁନିକ ଗ୍ରନ୍ଥାଗାର ନିର୍ମାଣ କରାଯିବ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରୁ ମନ୍ଦିର ପଛପାଖ ପର୍ଯ୍ୟନ୍ତ ସରକାରୀ, ଦେବୋତ୍ତର ଓ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହୋଇଥିବା ଗୃହ, ଦୋକାନ ଉଚ୍ଛେଦ କରାଯିବ । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ଓ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ନବକଳେବର କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଏକ ଅଂଶ ବିଶେଷ ହେବ । ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ କ୍ଷତିଗ୍ରସ୍ତ ହେଉଥିବା ବ୍ୟକ୍ତିବିଶେଷ, ମନ୍ଦିର ସମ୍ମୁଖ ଓ ଏହାର ବାହ୍ୟ ପରିସର କଳେବର ବୃଦ୍ଧି ପାଇଁ ନିଯୋଗ କୋଠା, ଦୋକାନ, ଗୃହ, ଜମିର ସଠିକ ବିବରଣୀ ଜାଣିବା ନିମନ୍ତେ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ, ସର୍ଭେ କାର୍ଯ୍ୟ ଆରମ୍ଭ କରାଯାଇଛି । ଏହି ସର୍ଭେ କାର୍ଯ୍ୟରେ ସାକ୍ଷୀଗୋପାଳ ମନ୍ଦିରର ଅତିରିକ୍ତ ପ୍ରଶାସକ ଲଳିତେନ୍ଦୁ ମହାନ୍ତି, ଅମିନ ସୁବାସ ଗଜେନ୍ଦ୍ର, ସତ୍ୟବାଦୀ ରାଜସ୍ୱ ନିରୀକ୍ଷକ ପ୍ରଶାନ୍ତ ମାଝୀ, ରାଜସ୍ୱ ସୁପରଭାଇଜର ମୋନାଲିସା ବରାଳ, ଦେବସ୍ମିତା ପାଣ୍ଡେ, ସତ୍ୟବାଦୀ ତହସିଲ୍ ଦାର ସନ୍ତୋଷ କୁମାର ପାଣିଗ୍ରାହୀ ତଥା ମନ୍ଦିର ପ୍ରଶାସକ ଠାରୁ ସୂଚନା ମିଳିଛି ।

## ପ୍ରସିଦ୍ଧ ବର୍ହାଟିପୁରା ମକର ମେଳା ପାଇଁ ପସ୍ତୁତି

**ଘଟଗାଁ,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ହାଟିପୁରା ନୀଳକଣ୍ଠେଶ୍ୱର ମକର ମେଳା ପାଇଁ ଘଟଗାଁ ବ୍ଲକ ସମ୍ମିଳନୀ କକ୍ଷ ଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶାନ୍ତି ଶୃଙ୍ଖଳା ଓ ନିଶା ନିବାରଣ ଉପରେ ପ୍ରାଧାନ୍ୟ ଦେବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି । କେନ୍ଦୁଝର ଜିଲ୍ଲା ଉପ ଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ ତତ୍ୱାବଧନରେ ୨୦୨୬ ମସିହା ଜାନୁଆରୀ ୧୪ ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ଉକ୍ତ ମେଳାର ଦାୟିତ୍ୱ ବର୍ହାଟିପୁରା ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯାଇଛି । ଡେପୁଟି କଲେକ୍ଟର ରୁପାଲୀ ହାଁସଦା ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଘଟଗାଁ ବିଡିଓ ଖଗେଶ୍ୱର ବରାଳ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କନିଷ୍ଠ ରାଜ୍ୱସ ସହାୟକ ଅଭିଷେକ ଖଟୁଆ, ସହକାରୀ ଜିଲ୍ଲାପାଳ ପ୍ରକାଶ କୁମାର ସେଠୀ, ବରିଷ୍ଠ ଆକାଉଣ୍ଟାଣ୍ଟ, ଜନ୍ମେଞ୍ଜୟ ଶତପଥୀ, ସୁପରଭଇଜର ପଞ୍ଚାନନ ସାହୁ, ଘଟଗାଁ ଜିଲ୍ଲାପରିଷଦ ସଦସ୍ୟ ସୁରେନ୍ଦ୍ର କୁମାର ଜେନା, ଘଟଗାଁ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ଃ.ସମୀର ଦାସ ଓ ବିପିନ ବିହାରୀ ଷଡ଼ଙ୍ଗୀ, ଘଟଗାଁ ନେସ୍କ ସହକାରୀ ଯନ୍ତ୍ରୀ ରଣଜିତ ବେହେରା, ଅଗ୍ନିଶମ କାର୍ଯ୍ୟାଳୟ ସହକାରୀ ଅଧିକାରୀ ଦାମ ସିଂ, ଗ୍ରାମ୍ୟ ଉନ୍ନୟନ ପାନୀୟ ଜଳ ବିଭାଗୀୟ ଯନ୍ତ୍ରୀ ଜ୍ୟୋସ୍ନା ସୁରେନ ପ୍ରମୁଖ ଯୋଗଦେଇ ଆଲୋଚ଼ନାରେ ଅଂଶ ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାନ୍ତ କୁମାର ଜେନା, ବର୍ହାଟିପୁରା ସରପଞ୍ଚ ଗୋବର୍ଦ୍ଧନ ନାଏକ, ବାଲିପୋଖରୀ ସରପଞ୍ଚ ଦୌପଦି ନାଏକ, ସାନ୍ତରାପୁର ସରପଞ୍ଚ ବବିତା ସିଂ, ପଇଦା ପାଟଣା ସରପଞ୍ଚ ମୁକୁନ୍ଦ ମୁଣ୍ଡା, ତରା ସରପଞ୍ଚ ଚୂଡ଼ାମଣି ହେମ୍ବ୍ରମ, ଘଟଗାଁ ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ସରଙ୍ଗାଧର ରଣା, ସମାଜ ସେବୀ ରବୀନ୍ଦ୍ର ପଲେଇ, ନିତ୍ୟାନନ୍ଦ ପାତ୍ର, ପିଇଓ ନବଘନ ମାଝୀ, କୋଠ ତହସିଲଦାରଙ୍କ ପ୍ରତିନିଧି ସରୋଜ ପଣ୍ଡା ଓ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିଭିନ୍ନ ଗଠନ ମୂଳକ ପ୍ରସ୍ତାବ ମାନ ପ୍ରଦାନ କରିଥିଲେ । ଚଳିତ (୨୦୨୬)ମକର ମେଳା ପାଇଁ ଆଇନ ଶୃଙ୍ଖଳା ଓ ନିଶା ନିବାରଣ ଉପରେ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରାଯିବ । ଜାନୁଆରୀ ୧୪ ଓ ୧୫ ଦୁଇ ଦିନ ଧରି ମକର ମେଳା ମଞ୍ଚରେ ଭଜନ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଅପେରା ଓ ପାର୍କିଙ୍ଗ ଷ୍ଟାଣ୍ଡ ନିଲାମ ପ୍ରକ୍ରିୟା ଯଥାଶୀଘ୍ର ସମାପନ କରିବାକୁ ବର୍ହାଟିପୁରା ସରପଞ୍ଚଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ସମସ୍ତ ବିଷୟ ପୁଙ୍ଖାନୁ ପୁଙ୍ଖ ଆଲୋଚ଼ନା ପରେ ଶିକ୍ଷକ ରୋହିତ କୁମାର ବେହେରା ଧବ୍ୟବାଦ ଅର୍ପଣ କରିଥିଲେ ।



## କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ବାର୍ଷିକ ଦିବସ



**ଭୁବନେଶ୍ୱର,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ର ୧୯ତମ ବାର୍ଷିକ ଉତ୍ସବ 'ବିୟଣ୍ଡ ବାଉଣ୍ଡାରିଜ ୨୦୨୫' ସୋମବାର ଅନୁଷ୍ଠିତ ହୋଇଯାଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳାକୁ ପ୍ରଶଂସା କରି କହିଲେ, ଶିକ୍ଷାଗତ ଉତ୍କର୍ଷତା ସହିତ ଦୃଢ଼ ନୈତିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ହେଉଛି ପ୍ରକୃତ ଶିକ୍ଷା । ଶିକ୍ଷକ ଶିକ୍ଷୟିତ୍ରୀମାନେ ସର୍ବଦା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଆତ୍ମ ବିଶ୍ୱାସ ବୃଦ୍ଧି କରିବା ସହ ସର୍ଜନାତ୍ମକ ଓ ଚରିତ୍ରଗଠନକୁ ପ୍ରୋତ୍ସାହିତ କରିବା ଉଚିତ ବୋଲି ସେ କହିଥିଲେ ।

ସ୍ୱାଗତ ଭାଷଣ ଦେଇ ସ୍କୁଲର ଚେୟାରପର୍ସନ ଡ.ମୋନା ଲିସା ବଳ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ପିତାମାତାଙ୍କୁ ସେମାନଙ୍କ ପିଲାମାନଙ୍କ ବୃଦ୍ଧିରେ ସକ୍ରିୟ ସମର୍ଥନ କରିବା ଦିଗରେ ଉତ୍ସାହିତ କରିଥିଲେ ।

ସ୍କୁଲ୍‌ର ଅଧକ୍ଷ ଡ.ସଞ୍ଜୟ ସୁଆର ସ୍କୁଲର ବାର୍ଷିକ ବିବରଣୀ ଉପସ୍ଥାପନ କରି ଚଳିତବର୍ଷ ଶିକ୍ଷା, କ୍ରୀଡ଼ା ଓ ଅନ୍ୟାନ୍ୟ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କ ନାମ ଉଲ୍ଲେଖ କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍କୁଲକୁ ସୁନାମ ଆଣିଦେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'କାରାନାଇ'ର ଇ-ସଂସ୍କରଣକୁ ଶ୍ରୀ ସାମନ୍ତ ଉନ୍ମୋଚନ କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## କଳିଙ୍ଗନଗରରୁ ଆରମ୍ଭ ହେବ ଓଡିଶାର ଶିଳ୍ପ ବିପ୍ଳବ

**କଳିଙ୍ଗନଗର,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶାରେ ଆସୁଥିବା ନୂଆ ଶିଳ୍ପ ବିପ୍ଳବର ମୁଖ୍ୟ ମୁହାଁ ଭାବେ ଉଭା ହେଉଛି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ । ହାଇଦ୍ରାବାଦ ନିବେଶକ ସମ୍ମିଳନୀ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଘୋଷିତ କରିଥିବା ଶିଳ୍ପ ବ୍ଲୁପ୍ରିଣ୍ଟରେ କଳିଙ୍ଗନଗରକୁ ପ୍ରତିରକ୍ଷା, ଫାର୍ମା ଓ ମେଟାଲ୍-ଡାଉନଷ୍ଟ୍ରିମ୍ ହବ୍ କରିବା ଯୋଜନା ରହିଛି । ଏଥିରେ ହଜାର ହଜାର ଯୁବକ-ଯୁବତୀଙ୍କ ପାଇଁ ଚାକିରିର ଦ୍ୱାର ଖୋଲିବ । ଓଡିଶାର ଶିଳ୍ପ ବିପ୍ଳବର ମୁଖ୍ୟ ଇଞ୍ଜିନ୍ ଭାବେ ଆଗକୁ ଆସୁଛି ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ । ରାଜ୍ୟ ସରକାରଙ୍କ ନୂଆ ଶିଳ୍ପାୟନ ରୋଡ୍‌ମ୍ୟାପ୍ ଅନୁସାରେ ଏଠାରେ ପ୍ରତିରକ୍ଷା, ଫାର୍ମା ଓ ଷ୍ଟିଲ୍ ଡାଉନଷ୍ଟ୍ରିମ୍ କ୍ଷେତ୍ରରେ ବଡ଼ ନିବେଶରେ କାରଖାନା ସ୍ଥାପନା ହେବାକୁ ଯାଉଛି । ଏହା ମାଧ୍ୟମରେ କଳିଙ୍ଗନଗରରେ ୮,୦୦୦ରୁ ୧୨,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ପୁଞ୍ଜିନିବେଶ ଆସିବାର ଆକଳନ ହେଉଥିବା ବେଳେ, ୧୦ ହଜାରରୁ ଅଧିକ ପ୍ରତାକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବା ନିଶ୍ଚିତ ମନାଯାଉଛି । ଜାତୀୟ ରାଜପଥ, ରେଳପଥ, ବନ୍ଦର ସଂଯୋଗ ଓ ପ୍ରସ୍ତୁତ ଶିଳ୍ପ ଜମି ଥିବାରୁ କଳିଙ୍ଗନଗର ନିବେଶକଙ୍କ ପ୍ରଥମ ପସନ୍ଦ ହେଉଛି, ଯାହା ଯାଜପୁର ଜିଲ୍ଲାକୁ ଚାକିରି, ବ୍ୟବସାୟ ଓ ଆର୍ଥିକ ବିକାଶର ନୂଆ ଦିଗ ଦେବ । ବହୁ ଆଗରୁ ପ୍ରସ୍ତୁତ ଶିଳ୍ପ ଜମି, ରେଳପଥ ଓ ଜାତୀୟ ରାଜପଥ ସହ ସୁଦୃଢ଼ ସଂଯୋଗ, କଚ୍ଚାମାଲର ସହଜ ଉପଲବ୍ଧତା ଏବଂ ପୂର୍ବରୁ ଥିବା ବଡ଼ ଷ୍ଟିଲ୍ ଓ ଭାରି ଶିଳ୍ପ ଢାଞ୍ଚା କଳିଙ୍ଗନଗରକୁ ଓଡିଶାର ସବୁଠୁ ଆକର୍ଷଣୀୟ ଶିଳ୍ପ ଗନ୍ତବ୍ୟ ଭାବେ ଉଭା କରିଛି । ବନ୍ଦର, ରେଳ ଓ ସଡ଼କ ସଂଯୋଗ ଯୋଗୁଁ ଉତ୍ପାଦନ ଖର୍ଚ୍ଚ କମିବା ସହ ତୁରନ୍ତ ବଜାର ପହଞ୍ଚ ସମ୍ଭବ ହେଉଥିବା ବେଳେ, ପୂର୍ବରୁ ରହିଥିବା ଶିଳ୍ପ ପରିବେଶ ନିବେଶକଙ୍କୁ ନିଶ୍ଚିନ୍ତତା ଦେଉଛି । ଶିଳ୍ପ ସମସ୍ତ ଅଞ୍ଚଳକୁ ପହଞ୍ଚିବ ଏହି ଘୋଷଣା ମାଧ୍ୟମରେ ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି । ଶିଳ୍ପାୟନ ଆଉ କେବଳ କିଛି ଗୋଟିଏ ଶିଳ୍ପାଞ୍ଚଳରେ ସୀମିତ ରହିବନି । ଅପହଞ୍ଚ ଓ ଉପାନ୍ତ ଜିଲ୍ଲାକୁ ମଧ୍ୟ ଶିଳ୍ପର ଲାଭ ପହଞ୍ଚାଇବାକୁ ସରକାର ବିକେନ୍ଦ୍ରୀକୃତ ଶିଳ୍ପ ନୀତି ଗ୍ରହଣ କରିଛନ୍ତି, ଯାହା ମାଧ୍ୟମରେ ନିଯୁକ୍ତି ସୃଷ୍ଟି, ଅଞ୍ଚଳୀୟ ଅସମତା ହ୍ରାସ ଓ ସାମଗ୍ରିକ ଆର୍ଥିକ ବିକାଶକୁ ଗତି ମିଳିବ ବୋଲି ଆଶା କରାଯାଉଛି । ଏହି ନୀତିର ସ୍ପଷ୍ଟ ପ୍ରତିଫଳନ କଳିଙ୍ଗନଗର ଭଳି ଶିଳ୍ପାଞ୍ଚଳରେ ଦେଖାଯାଉଛି, ଯେଉଁଠାରେ ଶିଳ୍ପ ସହ ଚାକିରି ଓ ଅଞ୍ଚଳର ଉନ୍ନତିର ନୂଆ ଦିଗ ଖୋଲୁଛି ।




## ସମାଜସେବୀ ଶୁକଦେବ ଦାସଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜସେବୀ ଶୁକଦେବ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ଏହି ଅବସରରେ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମୀରପାଟଣା ଗ୍ରାମସ୍ଥିତ ବରିଷ୍ଠ ସମାଜସେବୀ ଶୁକଦେବ ଦାସଙ୍କ ବାସଭବନରେ ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଭାରେ ଯୁବନେତା ରାଜେଶ ପଣ୍ଡା, ଅଭୟା ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ଜନ୍ମେଜୟ ଶତପଥୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଶୁକଦେବ ସାହୁ, ସୌମେନ୍ଦ୍ର ପୃଷ୍ଟି, ସ୍ୱର୍ଗତ ଦାସଙ୍କ ସୁପୁତ୍ର ରଞ୍ଜନ କୁମାର ଦାସ, କ୍ଷିତିଶରଞ୍ଜନ ଦାସ, ବିଶ୍ୱନାଥ ପରିଡା, ଉତ୍ତମ ଚରଣ ଦାସ, ଜ୍ୟୋତିର୍ମୟ ଦାସ, ଚନ୍ଦ୍ରଶେଖର ପରିଡା, ଝିଅ ରଞ୍ଜି, ସରିତା, ମାନି, ପିଙ୍କି, ଗୌରାଙ୍ଗ ଦାସ, ରଘୁନାଥ ପରିଡା, ପ୍ରଦୀପ କୁମାର ଦାସଙ୍କ ସମେତ ଆତ୍ମୀୟ, ବନ୍ଧୁ ଓ ପରିବାର ପରିଜନମାନେ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ସାମ୍ବାଦିକଙ୍କ ପିତୃ ବିୟୋଗ

**କେନ୍ଦ୍ରାପଡ଼ା: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ସଦର ମହକୁମାରେ ଏକ ଘରୋଇ ବୈଦ୍ୟୁତିକ ଗଣମାଧ୍ୟମ ପାଇଁ ଜିଲା ପ୍ରତିନିଧି ଭାବେ କାମ କରୁଥିବା ସାମ୍ବାଦିକ ପ୍ରଶାନ୍ତ କୁମାର ନାୟକଙ୍କର ପିତୃ ବିୟୋଗ ହୋଇଛି । ପ୍ରଶାନ୍ତଙ୍କ ପିତା କୁନ ନାୟକ ଗତ ରବିବାର ରାତି ପ୍ରାୟ ୯ଟାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ତାଙ୍କୁ ତୁରନ୍ତ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ,ବୋହୂ ଓ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ । ଜଣେ ସରଳ, ଅମାୟିକ, ପରୋପକାରୀ, ଧର୍ମପ୍ରାଣ ବ୍ୟକ୍ତି ଭାବେ କୁନ ନାୟକଙ୍କର ବେଶ୍ ଲୋକପ୍ରିୟତା ଥିଲା । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ବର୍ଗର ବ୍ୟକ୍ତି ତାଙ୍କ କେନ୍ଦ୍ରାପଡ଼ା ସହର ଅଯୋଧ୍ୟା ନଗରସ୍ଥିତ ବାସ ଭବନରେ ପହଂଚି ଶେଷ ଦର୍ଶନ କରିଥିଲେ । ଗାଁ ଶ୍ମଶାନରେ ବିଳମ୍ବିତ ରାତିରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ବଡ଼ପୁଅ ଭାବେ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ ।

## ଆଳି ଜାଭିୟର ସ୍କୁଲର ବାର୍ଷିକୋତ୍ସବ

**ଆଳି: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଜାଭିୟର ଇଣ୍ଟରନେସନାଲ ସ୍କୁଲ ପରିସରରେ ବାର୍ଷିକ ଉତ୍ସବ ଦର୍ପଣ ମହାସମାରୋହରେ ଉଦଯାପିତ ହୋଇଯାଇଛି । ବାର୍ଷିକ ସମାରୋହ କାର୍ଯ୍ୟକର୍ମରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଡିସନାଲ ସୁପରିଟେଡେଣ୍ଟ ଅଫ ପୋଲିସ ସୁଧାକର ସାହୁ ମୁଖ୍ୟ ଅତିଥି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ମୁଖ୍ୟବକ୍ତା, ବିଦ୍ୟାଳୟର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା, ସମାଜସେବୀ ବୈଦ୍ୟନାଥ ମହାନ୍ତି ଓ ଭାଗ୍ୟବତୀ ପଣ୍ଡା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ନିର୍ଦ୍ଦେଶିକା ଜୟଶ୍ରୀ ପଣ୍ଡା, ଅଧକ୍ଷା ମାନସୀ ସାହୁ ଓ ଉପାଧକ୍ଷ ଅକ୍ଷୟ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମ ପାରମ୍ପରିକ ଶୈଳୀରେ ଦେବ ପୂଜନ ପରେ ଆରମ୍ଭ ହୋଇଥିଲା । ପ୍ରଦୀପ ପ୍ରଜ୍ୱଳନ ଓ ଅତିଥିମାନଙ୍କ ଅଭ୍ୟର୍ଥନାରେ ସ୍ୱପ୍ନା ଶୁଭଦର୍ଶନି ବନ୍ଦନା ଗାନ କରିଥିଲେ, ଶିକ୍ଷୟତ୍ରୀ ଅର୍ପିତା ରାୟ ଓ ମଞ୍ଚ ପରିଚାଳନା କରିଥିଲେ ଯଶୋବନ୍ତି ଦାସ । ବିଦ୍ୟାଳୟର ଅଧକ୍ଷା ମାନସୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଆମ ପିଲାମାନଙ୍କ ଭିତରେ ଭରିରହିଛି ଅସୀମ ଲୁକ୍କାୟିତ ପ୍ରତିଭା, ସେହି ପ୍ରତିଭାର ବିକାଶ ହେଲେ ଆମ ଦେଶର ମାନବ ସମ୍ବଳର ପ୍ରକୃତ ବିକାଶ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିବା ବେଳେ ଗ୍ରାମାଞ୍ଚଳର ଉପଯୁକ୍ତ ଶିକ୍ଷା ସବୁବର୍ଗର ପିଲାମାନେ ପାଆନ୍ତୁ ଏବଂ ଆଗକୁ ବଢନ୍ତୁ ଏହା ଆମର ଲକ୍ଷ୍ୟ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ କହିଛନ୍ତି । ଏହି ଅବସରରେ ସମାଜର ସୁପ୍ରତିଷ୍ଠିତ ପ୍ରତିଭା ସମ୍ପନ୍ନ ପଣ୍ଡିତ ମହେଶ୍ୱର ନନ୍ଦ, ଇଞ୍ଜିନିୟର ନୀଳାଦ୍ରି ଭୂଷଣ ମହାପାତ୍ର, ଉର୍ବଶୀ ଦାସ, ପ୍ରମୋଦ ମଲ୍ଲିକ ଓ ବନମାଳୀ ସେନାପତି ପ୍ରମୁଖ ପାଞ୍ଚ ଜଣ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିବା ସଙ୍ଗେ ଭୂୟସୀ ପ୍ରଶଂସା କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ରାଜ୍ୟର ନୃତ୍ୟ, ଗୀତ, ସଙ୍ଗୀତକୁ ସୁନ୍ଦର ଭାବେ ପରିବେଷଣ କରି ଉପସ୍ଥିତି ଜନସାଧାରଣ ବିମୁଗ୍ଧ କରିଥିଲେ । ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ ଜନ ସମାବେଶ ହୋଇଥିଲା । ବିଦ୍ୟାଳୟର ପ୍ରଶାସକ ସ୍ୱାଧୀନ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରିଶେଷରେ ଅକ୍ଷୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଦିବସ

**କେନ୍ଦ୍ରାପଡା,୨୩।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଗରାପୁରସ୍ଥିତ ଶ୍ରୀ ସିରିଡି ସାଇ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ପବିତ୍ର ଦିବସ ଅବସରରେ ପ୍ରାତଃ ସାତଘଟିକାରେ କଳସାଧିବାସ, ତତ୍ ପରେ ଶାନ୍ତି ହୋମ ଆରମ୍ଭ ହୋଇ ମହାଅଭିଷେକ ଓ ମଧ୍ୟାହ୍ନ ଆରତୀ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱରରୁ ଆସିଥିବା ବିଶିଷ୍ଟ ପଣ୍ଡିତ ଚିରଞ୍ଜିବୀ ମିଶ୍ରଙ୍କ ସହ ସ୍ଥାନୀୟ ପୂଜକ ଗୌରୀ ଶଙ୍କର ଦୀକ୍ଷିତ, ସଦାଶିବ ପଢିଆରୀ ଓ ସଂଗ୍ରାମ ପାଢୀ ଯଜ୍ଞ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିଥିଲେ । ଓଡିଶାର ସୁନାମ ଧନ୍ୟ କଣ୍ଠ ଶିଳ୍ପୀ ମହାପାତ୍ର ମିନତୀ ଭଞ୍ଜ, ବନ୍ଦିତା ରାୟ, ନିମକାନ୍ତ ରାଉତରାୟ, ବୈଷ୍ଣବ କୈଳାସ, ରବିନ୍ଦ୍ର ମିଶ୍ର, ଜଗନ୍ନାଥ କୁଅଁର, ସୁଶୀଲ କୁମାର, ସରୋଜିନୀ ମହାପାତ୍ର, ଜୟଶ୍ରୀ ପତି ଓ ବାଦ୍ୟଯନ୍ତ୍ରରେ ଜଗନ୍ନାଥ ଦାସ ପ୍ରମୁଖ ଭକ୍ତି ସଙ୍ଗୀତ ପରିବେଷଣ କରି ପରିବେଶକୁ ଭକ୍ତିମୟ କରିଥିଲେ । କେନ୍ଦ୍ରାପଡାର ବିଭିନ୍ନ ଅଞ୍ଚଳ ସମେତ ଓଡିଶାର ବିବିନ୍ନ ଅଞ୍ଚଳରୁ ସାଇ ଭକ୍ତମାନେ ଏହି ଉତ୍ସବରେ ଉପସ୍ଥିତ ରହି ଦିବ୍ୟ ଅନୁଭବର ଅନୁଭୂତି ନେଇଥିଲେ । ବିଶିଷ୍ଟ ଅତିଥି ଭାବରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ, ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର ଆୟର, ଭାରତୀୟ ଜନତା ପାର୍ଟିର ସଭାପତି ଶଶାଙ୍କ ସେଠୀ, ପୂର୍ବତନ ବିଜେପି ସଭାପତି କିଶୋର ପଣ୍ଡା, ଅମିତାଭ ସୁଆର, ରାମଚନ୍ଦ୍ର ବେହେରା, ବିଶ୍ୱପ୍ରକାଶ କାନୁନଗୋ, ସୁନାକର ବେହେରା, ଝିଲି ଦାସ, ମନିଷା ପଣ୍ଡା, ପଣ୍ଡିତ ହୃଷିକେଶ ରଥ, ରାଜ କିଶୋର ରାଉତ ରାୟ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀ ସାଇ ଜନକଲ୍ୟାଣ ଟ୍ରଷ୍ଟ ତରଫରୁ ମୁଖ୍ୟ ଟ୍ରଷ୍ଟି ପ୍ରାକ୍ତନ ସାଂସଦ ଅର୍ଚ୍ଚନା ନାୟକ, ବିକ୍ରମାଆଦିତ୍ୟ ସାହୁ, ଅଭୟ ରାଉତ, ମୃଣାଳକାନ୍ତ ନାୟକ, ମାନସ ଧଳ, ଚିଦାନନ୍ଦ ଚୌଧୁରୀ, ପତିତପାବନ ବାରିକ, ଦୀପକ ବେହେରା, ନିରଞ୍ଜନ ସାହୁ ସ୍ୱରୂପ ରାଉତରାୟ, ତନ୍ମୟ ପଲେଇ, ଚିନ୍ମୟ ମହାନ୍ତି, ସନାତନ ଚୌଧୁରୀ, ଅଂଶୁମାନ କର, ଅମିତ ପାଇକରାୟ, କାଳିପ୍ରସାଦ ମହାରଣା, ସରିତା ଦାସ, ଚିନ୍ମୟୀ ମହାନ୍ତି, ଦୀପକ ଦାସ, ଚିତ୍ତରଞ୍ଜନ ଧଳ, ପ୍ରଦୀପ ସାହୁ, ବିଶ୍ୱ ରଞ୍ଜନ ଧଳ ପ୍ରମୁଖ ଉତ୍ସବ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨୪ ଡିସେମ୍ବର ୨୦୨୫ ● ବୁଧବାର


## ସ୍ୱଚ୍ଛ ଭାରତ ଅଭିଯାନ ଏବେ କୋମାରେ !



**କୋଣାର୍କ:ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନର ମଜାକ ଉଡ଼ାଉଛି କେନ୍ଦ୍ରୀୟ ସଂସ୍ଥା। ନିଜ ଅଭିଯାନକୁ ନିଜେ ଅଳିଆ କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାରୁ ଜଣାପଡେକି ପରିବେଶକୁ ସୁରକ୍ଷିତ ରଖିବା ସହ ନିଜ ଅଞ୍ଚଳକୁ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରଥମେ ପ୍ରଥମେ ସରକାର ଓ ବିଭିନ୍ନ ସଂସ୍ଥା ଏହାକୁ ଗୁରୁତ୍ୱ ଦେଇ ପ୍ରତ୍ୟେକ କାର୍ଯ୍ୟକ୍ରମ ଆରମ୍ଭରୁ ସ୍ୱଚ୍ଛତା ପାଇଁ ସମୟ ଦିଆଯାଉଥିବା ଦେଖିବାକୁ ମିଳୁଥିଲା। ବିଶେଷ କରି କେନ୍ଦ୍ରୀୟ ସଂସ୍ଥାମାନେ ଏହି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଉଥିଲେ। ହେଲେ ଏବେ ଏଥିରେ ଶୀତଳତା ପଡ଼ିଯାଇଥିବା ଦେଖିବାକୁ ମିଳିଛି। କହିବାକୁ ଗଲେ ଏହା ଏବେ କୋମାରେ ଥିବା ସାଧାରଣରେ ଅଭିଯୋଗ ହେଉଛି। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକ ବୁଲି ଆସୁଥିବା ବେଳେ ମନ୍ଦିର ଦାୟିତ୍ୱରେ ଥିବା ଏଏସଆଇ ସଂସ୍ଥା ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନଥିବା ଜଣାପଡ଼ିଛି। ସୂର୍ଯ୍ୟ ମନ୍ଦିର ପ୍ରସ୍ଥାନ ଗେଟ୍ ନବଗ୍ରହ ପୀଠଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ରାସ୍ତା ଅପରିଷ୍କାର ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଏହି ଅଞ୍ଚଳ ଏଏସଆଇ ଅଧୀନରେ ଯାଉଥିବା ବେଳେ ସଂସ୍ଥା ପକ୍ଷରୁ ଝାଡୁ ମାରିବା ପାଇଁ ସମୟ ନଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଅଳିଆ ଆବର୍ଜନା ପଡ଼ି ରହିବା ଯୋଗୁଁ ପର୍ଯ୍ୟଟକ ମହଲରେ ଅସନ୍ତୋଷ ବୃଦ୍ଧି ପାଇବା ସହ ନରାତ୍ମକ ଭାବନା ନେଇ ଯାଉଥିବା ଜଣାପଡିଛି। ସ୍ୱଚ୍ଛ ଭାରତ ଅଭିଯାନରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ବେଳେ କେନ୍ଦ୍ର ସରକାରଙ୍କ ଅଧିନରେ ଥିବା ସଂସ୍ଥା ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦେଉନଥିବା ଅଞ୍ଚଳରେ ଆଲୋଚ୍ୟ ବିଷୟ ହୋଇଛି।

## ହ୍ୟୁମାନଙ୍କ ମୃତ୍ୟୁ ମାମଲାରେ ୯ ଜଣଙ୍କୁ ନୋଟିସ୍ ହେବ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁ ମାମଲାକୁ ନେଇ ମା' ସେଫଳା ସୁନାଙ୍କ ଏତଲା ପ୍ରସଙ୍ଗ ଉପରେ କଟକ ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ହ୍ୟୁମାନଙ୍କ ମା ସେଫାଳି ସୁନା ୯ ଜଣଙ୍କ ନାଁରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ତଦନ୍ତ ହେବ। ବିଭିନ୍ନ ଦଫାରେ ମାମଲା ରୁଜୁ ହୋଇଛି। ଯେଉଁମାନଙ୍କ ନାଁ ଏତଲାରେ ରହିଛି, ସେମାନଙ୍କୁ ନୋଟିସ କରାଯିବ। ମାମଲାର ବ୍ୟାପକ ତଦନ୍ତ କରାଯିବ ବୋଲି କଟକ ଅତିରିକ୍ତ ଡିସିପି ଶ୍ରୀ ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମୃତ୍ୟୁ ମାମଲାରେ ଥାନାରେ ଏତଲା ହୋଇଥିଲା। ସ୍ଥାନୀୟ ମର୍କତନଗର ଥାନାରେ ହ୍ୟୁମାନଙ୍କ ମା ଏତଲା ଦେଇଥିଲେ। ନିଜ ପୁଅକୁ ନିର୍ଯାତନା ଦିଆଯାଇଥିବା ହ୍ୟୁମାନଙ୍କ ମା ଅଭିଯୋଗ କରିଥିଲେ। ସନ୍ଦେହଜନକ ଭାବେ ହ୍ୟୁମାନଙ୍କ ମୃତ୍ୟୁର ସେ ତଦନ୍ତ ଦାବି କରି ଥାନାରେ ଏତଲା ଦେଇଥିଲେ। ଅବହେଳା, ଦୁର୍ବ୍ୟବହାର, ଚାପ, ବିଷକ୍ରିୟା, ନିଶାଦ୍ରବ୍ୟ ପ୍ରୟୋଗର ଷଡଯନ୍ତ୍ର, ଆର୍ଥିକ ହେରଫେର ଓ ଡିଜିଟାଲ ପ୍ରମାଣ ନଷ୍ଟ ସଂପର୍କିତ ତଦନ୍ତ ଦାବି କରାଯାଇଛି। ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି ଓ ଜଗଦିଶ ମହାନ୍ତିଙ୍କ ଭୂମିକା ସନ୍ଦେହଜନକ ବୋଲି ଉଲ୍ଲେଖ ରହିଛି। ଏଥିସହ ଆଉକିଛି ନିକଟ ସଂପର୍କୀୟ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର ନାଁରେ ମଧ୍ୟ ଏତଲାରେ ସେ ଉଲ୍ଲେଖ କରିଛନ୍ତି। ଏପରିକି ଅର୍ପିତାଙ୍କ ସଂପତ୍ତିକୁ ନେଇ ହ୍ୟୁମାନଙ୍କ ମାଁ ସେଫାଳି ସୁନା ପ୍ରଶ୍ନ ଉଠାଇଛନ୍ତି।

## ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ କରିବା ନେଇ ଏମ୍‌ସିଏଲ୍‌ର କର୍ମଶାଳା




**ସମ୍ବଲପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ମହାନଦୀ କୋଲଫିଲ୍ଡ୍ସ ଲିମିଟେଡ୍ (ଏମ୍.ସି.ଏଲ୍.) ପକ୍ଷରୁ ମଙ୍ଗଳବାର ଦିନ 'କୋଲ୍ ଇଣ୍ଡିଆରେ ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀ କରିବା ପାଇଁ ରୋଡମ୍ୟାପ୍ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନବ୍ୟାପୀ କର୍ମଶାଳାର ଆୟୋଜନ କରାଯାଇଛି, ଯେଉଁଥିରେ କୋଇଲା କ୍ଷେତ୍ରର ଶୀର୍ଷ ମାନବ ସମ୍ବଳ ନେତୃତ୍ୱଗଣ ଯୋଗ ଦେଇଥିଲେ।

ଭୁବନେଶ୍ୱରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋଲ୍ ଇଣ୍ଡିଆ ଲିମିଟେଡ୍ ଏବଂ ଏହାର ସହାୟକ ସଂସ୍ଥାଗୁଡ଼ିକରେ ନୂତନ ଶ୍ରମ ସଂହିତାର ଅନୁପାଳନ ଏବଂ କାର୍ଯ୍ୟକାରିତା ପାଇଁ ରଣନୀତି ଉପରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଏମ୍.ସି.ଏଲ୍.ର ନିର୍ଦ୍ଦେଶକ (କାର୍ମିକ) କେଶବ ରାଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

ଡଃ ବିନୟ ରଞ୍ଜନ, ନିର୍ଦ୍ଦେଶକ (କାର୍ମିକ), କୋଲ ଇଣ୍ଡିଆ ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରି ଶ୍ରମ ସଂହିତା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏଚ.ଏନ. ମିଶ୍ରଙ୍କ ସମେତ କୋଲ ଇଣ୍ଡିଆ ସହାୟକ ସଂସ୍ଥାର ସମସ୍ତ ନିର୍ଦ୍ଦେଶକ (କାର୍ମିକ) ତଥା ସିସିଏଲର ଶ୍ରୀ ମିଶ୍ର, ଏନସିଏଲର ମନୀଷ କୁମାର, ଏସଇସିଏଲର ବିରଞ୍ଚି ଦାସ, ଇସିଏଲର ଗୁଞ୍ଜନ କୁମାର ସିହ୍ନା ଏବଂ ଡବ୍ଲୁସିଏଲର ହେମନ୍ତ ଶରଦ ପାଣ୍ଡେ ଅଂଶଗ୍ରହଣ କରିଥିଲେ। ଗୌତମ ବାନାର୍ଜୀ, ଇଡି (ଏଚଆର) କୋଲ ଇଣ୍ଡିଆ ମଧ୍ୟ ପ୍ରମୁଖ ଭାବେ ଉପସ୍ଥିତ ଥିଲେ। ଡଃ ଟି. କେ. ପଣ୍ଡା, ପୂର୍ବତନ ଉପ ମୁଖ୍ୟ ଶ୍ରମ କମିଶନର (ଅବସରପ୍ରାପ୍ତ) ଶିଳ୍ପ ନୀତି ଏବଂ ଅନୁପାଳନ ଉପରେ ନୂତନ ଶ୍ରମ ସଂହିତାର ପ୍ରଭାବ ଉପରେ ସେ ନିଜର ବିଶେଷଜ୍ଞ ମତାମତ ରଖିଥିଲେ। ସି.ଏମ୍.ପି.ଡି.ଆଇ.ର ନିର୍ଦ୍ଦେଶକ (ପ୍ରଯୁକ୍ତି/ସି. ଆର୍.ଡି.) ଶଙ୍କର ନାଗାଚାରୀ ଏବଂ ଇଣ୍ଡିଆନ୍ ଅଏଲ୍ (ଆଇ.ଓ.ସି.ଏଲ୍.)ର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ରଞ୍ଜନ କୁମାର ମହାପାତ୍ରଙ୍କ ବକ୍ତବ୍ୟ ଦ୍ୱାରା ମଧ୍ୟ ଏହି ଅଧିବେଶନ ସମୃଦ୍ଧ ହୋଇଥିଲା। ସମସ୍ତ ଅଂଶଗ୍ରହଣକାରୀମାନେ ସେମାନଙ୍କ ଚିନ୍ତାଧାରା ଏବଂ ଅନୁଭୂତି ବାଣ୍ଟିଥିଲେ। ଶ୍ରୀ ବାନାର୍ଜୀ କୋଲ୍ ଇଣ୍ଡିଆର ରୋଲଆଉଟ୍ ଯୋଜନା ଉପସ୍ଥାପନ କରିଥିଲେ, ଯାହା ପରେ ପ୍ରତ୍ୟେକ ସହାୟକ କମ୍ପାନୀ ନିଜ ନିଜ କାର୍ଯ୍ୟକାରିତାର ଅଗ୍ରଗତି ପ୍ରଦାନ କରିଥିଲେ।

## ନଦୀପଠା ଉପରେ ମାଫିଆଙ୍କ ଲୋଲୁପଦୃଷ୍ଟି

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

କଣ୍ଟାପଡା ତହସିଲ୍ ଅଧୀନ କୁସୁନପୁର ବରଗଛ ନଦୀପଠା ଉପରେ ମାଟି ମାଫିଆଙ୍କ ଲୋଲୁପଦୃଷ୍ଟି ପଡିଛି। ପ୍ରତ୍ୟେକ ରାତିରେ ନଦୀପଠାକୁ ମେସିନ ସହାୟତାରେ ତାଡି ମାଟି ଚୋରାଚାଲାଣ ହେଉଛି। ଏହି ମାଟି ଗୋବିନ୍ଦପୁର, ଓଲଟପୁର, ବାଲିଅନ୍ତା ଓ ବାଲିପାଟଣାଥାନା ଦେଇ ଜୟଦେବ ପାର୍କ ଓ ଏହାର ଆଖପାଖରେ ଥିବା ଚିମିନି ଇଟାଭାଟିକୁ ଯାଉଛି। ଚାରିଗୋଟି ଥାନା, କଟକ ଓ ଖୋର୍ଦ୍ଧା ଜିଲ୍ଲାର ତିନିଗୋଟି ତହସିଲର ରାଜସ୍ୱ ବିଭାଗ, ଦୁଇଗୋଟି ଜିଲ୍ଲାର ଖଣି ବିଭାଗ, ଜିଲା ପୋଲିସ୍ ବିଭାଗର ଜଣାନ୍ତରେ ଏଭଳି ମାଟି ଚୋରା ଚାଲାଣ ହେଉଛି। ନଦୀପଠାରୁ ମାଟି ତଡା ଯାଉଥିବା ଓ ବନ୍ଧ କାଟିବା ସତ୍ତ୍ୱେ କଣ୍ଟାପଡ଼ା ଜଳସମ୍ପଦ ବିଭାଗ ଚୁପବସିଛି କାହା ଚାପରେ ? ନଦୀ ପାଖରେ ଥିବା ଗ୍ରାମବାସୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଏମିତି କି ନଦୀବନ୍ଦ ନୂତନ ପିଚୁ ନଷ୍ଟ ହେବା ସହ ବନ୍ଧ ଦୁର୍ବଳ ହେଉଛ। ମାଟି ଚୋରୀକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ମାଟି ଚୋରୀ କରୁଥିବା ବ୍ୟକ୍ତି ପ୍ରଭାବଶାଳୀ ହୋଇଥିବାରୁ ଭୟରେ କେହି ମୁହଁ ଖୋଲୁ ନାହାନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ କଟକ ଜିଲ୍ଲପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଜମି ଅଧିଗ୍ରହଣର ମୂଲ୍ୟାଙ୍କନ ବୃଦ୍ଧି ଲାଗି ଧାରଣା

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଅଞ୍ଚଳ ଦେଇ ଯାଉଥିବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଜମି ଅଧିଗ୍ରହଣର ଉଚିତ୍ ମୂଲ୍ୟାଙ୍କନ କରି ପ୍ରଦାନ କରିବା ସକାଶେ ଏକ ଧାରଣା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିଆଯିବା ସହିତ ଦାବିପତ୍ର ବାଙ୍କୀ ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଚାଷୀ ଆନ୍ଦୋଳନରେ ଶିମିଳିପୁର, ମୁକୁନ୍ଦପୁର, ଚାରିଘରିଆ, ବରପଦନପୁର, ବିଳିପଡା ଓ ଶରଧାପୁର ମୌଜାର ବହୁ ଚାଷୀ ଯୋଗଦାନ କରି ଏକ ଶୋଭାଯାତ୍ରାରେ ମା'ବ୍ରହ୍ମେଈଙ୍କ ପୀଠ ଠାରୁ ସ୍ଲୋଗାନ ଓ ପ୍ଲାକ୍ କାର୍ଡ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଧାରଣା ଦେବା ସହ ଦାବିପତ୍ର ପ୍ରଦାନ କରିଥିଲେ। ଉପଜିଲ୍ଲାପାଳଙ୍କ ପକ୍ଷରୁ ଅତିରିକ୍ତ ଉପଜିଲ୍ଲାପାଳ ଜେ.କଜ୍ଜନା ଓ ସହକାରୀ ଜିଲ୍ଲାପାଳ ପ୍ରିୟଙ୍କା ଜୁହାର ସିଂହ ଗ୍ରହଣ କରି ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରତିଶ୍ରୁତି ଦେବା ସହ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିବେ ବୋଲି କହିଥିଲେ। ଏହି ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ ଶରତ ଚନ୍ଦ୍ର ମନ୍ତ୍ରୀ, ରବିମନ୍ତ୍ରୀ, ଅମର ସ୍ୱାଇଁ, ଗଣେଶ୍ୱର ପ୍ରଧାନ, ତ୍ରିନାଥ ପରିଡା, ସର୍ବେଶ୍ୱର ମନ୍ତ୍ରୀ, ମଦନମୋହନ ବେହେରା, ଯିତେନ୍ ନାୟକ, ସୂର୍ଯ୍ୟକାନ୍ତ ଭୂୟାଁ, ଶିମିଳିପୁର ସରପଂଚ ସୁକାନ୍ତ ବେହେରା, ଅନ୍ତର୍ଯ୍ୟାମୀ ନାୟକ, ସନ୍ତୋଷ ସାହୁ, ବସନ୍ତ ସାହୁ, ଶରତଚନ୍ଦ୍ର ନାୟକ, ରମେଶ ନାୟକ ପ୍ରମୁଖ ଶତାଧିକ ପୁରୁଷ ଓ ମହିଳା ଚାଷୀ ଭାଗନେଇଥିଲେ। ଆଗାମୀ ଦିନରେ ଚାଷୀମାନଙ୍କର ଦାବି ପୂରଣ ନହେଲା ପର୍ଯ୍ୟନ୍ତ ସେମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।



## ଯଶସ୍ୱିନୀ ଜିନ୍ଦଲ ବାଳିକା ଛାତ୍ରାବାସର ଭୂମି ପୂଜନ

**ଅନୁଗୁଳ:ଏକ୍ସପ୍ରେସ୍ ନ୍ୟୁଜ୍**




ସାମାଜିକ ଉନ୍ନତି ଏବଂ ଜନଜାତି ବାଳିକାମାନଙ୍କ ଶିକ୍ଷାକୁ ସମର୍ଥନ ଦେବା ଉଦ୍ଦେଶ୍ୟରେ ଜିନ୍ଦଲ୍ ଷ୍ଟିଲ୍‌ର ସାମାଜିକ ଶାଖା ଜିନ୍ଦଲ୍ ଫାଉଣ୍ଡେସନ୍ ପକ୍ଷରୁ ଅନୁଗୁଳ ଜିଲ୍ଲାର କିଶୋରନଗର ବ୍ଲକ୍ ଅନ୍ତର୍ଗତ ବଡରୋହିଲା ଗାଁରେ ଅବସ୍ଥିତ ଶ୍ରୀ ରାମକୃଷ୍ଣ ଆଶ୍ରମ ଏସ୍.ଟି. ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ଯଶସ୍ୱିନୀ ଜିନ୍ଦଲ' ବାଳିକା ଛାତ୍ରାବାସ ନିର୍ମାଣ ପାଇଁ ଭୂମି ପୂଜନ ଆଧାରଶିଳା ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ୍ ଫାଉଣ୍ଡେସନ୍ ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଜୀ ଭୂମିପୂଜନ କରି ଆଧାରଶିଳା ରଖିଥିଲେ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଜନଜାତି ଓ ଦୂରଦୂରାନ୍ତ ଅଞ୍ଚଳର ବାଳିକାମାନଙ୍କ ପାଇଁ ସୁରକ୍ଷିତ, ସହଯୋଗୀ ଓ ପୋଷକ ଆବାସିକ ସୁବିଧା ଯୋଗାଇ ଉତ୍ତମ ଶିକ୍ଷାର ସୁଯୋଗ ବୃଦ୍ଧି କରିବା। ଛାତ୍ରୀମାନଙ୍କୁ ଓ ସ୍ଥାନୀୟ ସମୁଦାୟକୁ ଲକ୍ଷ୍ୟ କରି ଦିଆଯାଇଥିବା ପ୍ରେରଣାଦାୟୀ ଉଦବୋଧନରେ ଶ୍ରୀମତୀ ଶାଲୁ ଜିନ୍ଦଲ୍ କହିଥିଲେ, "ଝିଅମାନଙ୍କ ଶିକ୍ଷା ଓ ସଶକ୍ତିକରଣ ଆମ ଦୃଷ୍ଟିକୋଣର କେନ୍ଦ୍ରବିନ୍ଦୁ। ଏହି ହଷ୍ଟେଲ କେବଳ ସୁରକ୍ଷିତ ଆବାସ ଓ ଶିକ୍ଷାଗତ ସମର୍ଥନ ଦେବ ତାହା ନୁହେଁ, ବରଂ ଛାତ୍ରୀମାନଙ୍କୁ ନିଜ ସମ୍ପୂର୍ଣ୍ଣ ସମ୍ଭାବନା ପ୍ରକାଶ କରି ସମାଜ ପାଇଁ ଅର୍ଥପୂର୍ଣ୍ଣ ଅବଦାନ ଦେବାରେ ସାହାଯ୍ୟ କରିବ।" ସେ, ଦୂରଦୂରାନ୍ତ ଅଞ୍ଚଳରେ ଝିଅମାନଙ୍କ ଶିକ୍ଷା ପାଇଁ ଶ୍ରୀ ରାମକୃଷ୍ଣ ଆଶ୍ରମ ପରିଚାଳନାର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ।

ଛଅ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବାକୁ ଥିବା ଏହି ନୂଆ ହଷ୍ଟେଲରେ ୩୩୦ ଜଣ ଛାତ୍ରୀ ରହିପାରିବେ, ଯାହା ସ୍କୁଲର ଆବାସିକ ସୁବିଧାକୁ ବୃଦ୍ଧି କରିବ। ଏହି ପ୍ରୟାସ ମାଧ୍ୟମରେ ବର୍ତ୍ତମାନ ଥିବା ଆବାସ ସଂକଟ ଦୂର ହେବା ସହିତ ଛାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁନିର୍ଶ୍ଚିତ ଓ ପୋଷକ ପରିବେଶ ସୃଷ୍ଟି ହେବ, ଯାହା ଉତ୍ତମ ଶିକ୍ଷାର ପହଞ୍ଚକୁ ଆହୁରି ମଜବୁତ କରିବ। ଶ୍ରୀ ରାମକୃଷ୍ଣ ଆଶ୍ରମର ସଂସ୍ଥାପକା ଅନନ୍ତ ଶାସିନୀଙ୍କ ସ୍ୱାଗତ ଭାଷଣ ରହି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ ଜିନ୍ଦଲ୍ ଷ୍ଟିଲର ସଭାପତି ପ୍ରଶାନ୍ତ ହୋତା ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ଜିନ୍ଦଲ୍ ଷ୍ଟିଲର ଚେୟାରମ୍ୟାନ୍ ନବୀନ ଜିନ୍ଦଲଙ୍କ ନେତୃତ୍ୱ ଓ ଜିନ୍ଦଲ୍ ଫାଉଣ୍ଡେସନ୍‌ର ଅଧ୍ୟକ୍ଷା ଶ୍ରୀମତୀ ଶଲୁ ଜିନ୍ଦଲଙ୍କ ଭୂମିକାକୁ ଉଲ୍ଲେଖ କରି ସେ କହିଥିଲେ, "ଜିନ୍ଦଲ୍ ଫାଉଣ୍ଡେସନ୍‌ରେ ଆମେ ସଦା ବିଶ୍ୱାସ କରୁଛୁ ଯେ ସମାନ ଶିକ୍ଷା ଅଧିକାରରୁ ହିଁ ସ୍ଥାୟୀ ଉନ୍ନତିର ଆରମ୍ଭ, ବିଶେଷକରି ଝିଅମାନଙ୍କ ପାଇଁ। ଏହି ହଷ୍ଟେଲ ଆମ ଶିକ୍ଷାକେନ୍ଦ୍ରିକ ପଦକ୍ଷେପର ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ସମାବେଶମୂଳକ ଓ ସମୁଦାୟ ଉନ୍ନତି ପ୍ରତି ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।"

ଏହି ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା, ଆଧାରଶିଳା ସ୍ଥାପନ ଓ ପୂର୍ଣ୍ଣାହୁତି ଆଦି ରିତିନୀତି ଅନୁଷ୍ଠିତ ହୋଇଥିଲା। ସମାରୋହରେ ସ୍ଥାନୀୟ ସମୁଦାୟ ନେତା, ସ୍ଥାନୀୟ ଅଂଶୀଦାର, ଗୁରୁଜୀ ଶ୍ରୀମଦ୍ ବଂଶୀଧର ବଳରାମ ଦାସ, ଜିନ୍ଦଲ୍ ଷ୍ଟିଲର ସିଏସଆର ମୁଖ୍ୟ ରିଶି ପଠାନିଆ, ଏଚଓଡି-ସିଏସଆର(ଅନୁଗୁଳ) ଜୟନ୍ତ କୁମାର ମହାନ୍ତି, ସ୍କୁଲର ସଂସ୍ଥାପକ ଶେଷଦେବ ଶାସିନୀ, ସହ-ସଂସ୍ଥାପକ ଅନନ୍ତ ଶାସିନୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

ଯଶସ୍ୱିନୀ ଜିନ୍ଦଲ୍ ବାଳିକା ଛାତ୍ରାବାସ ଓଡ଼ିଶାର ଜନଜାତି ସମୁଦାୟଙ୍କ ଶିକ୍ଷା, ସଶକ୍ତିକରଣ ଓ ସାମଗ୍ରିକ ବିକାଶ ପ୍ରତି ଜିନ୍ଦଲ୍ ଫାଉଣ୍ଡେସନ୍‌ର ଅବିରତ ପ୍ରତିବଦ୍ଧତାର ଏକ ସ୍ପଷ୍ଟ ଉଦାହରଣ। ଏହା ସହିତ, ଫାଉଣ୍ଡେସନ୍ ଆଫ୍ଟର-ସ୍କୁଲ୍ ଲର୍ଣ୍ଣିଂ, ମହିଳା ଓ ଝିଅମାନଙ୍କ ପାଇଁ ଯଶସ୍ୱୀ ଛାତ୍ରବୃତ୍ତି, ଓ.ପି. ଜିନ୍ଦଲ୍ ଷ୍ଟାର୍ ଏବଂ ଜୁଏଲ୍ ଛାତ୍ରବୃତ୍ତି, ଜିନ୍ଦଲ୍ ଆଶା, ସାବିତ୍ରୀ ଜିନ୍ଦଲ୍ ଡିଏଭି ହାଇସ୍କୁଲ୍ ଓ ଅନ୍ୟାନ୍ୟ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେ ଶିକ୍ଷା ପରିବେଶକୁ ନିରନ୍ତର ମଜବୁତ କରି ଚାଲିଛି।

## ସଂସ୍କାର ଜୀବନର ଅମୂଲ୍ୟ ସମ୍ପଦ ଓ ଶିଶୁ ମନ୍ଦିର ଏକ ବ୍ରାଣ୍ଡ: ମନ୍ତ୍ରୀ

**କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍**

କୋରାପୁଟ ଶିଶୁ ବିଦ୍ୟା ମନ୍ଦିରର ୩୧ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇ ଭାରତ ହେଉଛି ଋଷି ମୁନିଙ୍କର ଦେଶ, ସର୍ବଦା ମାତୃଭାଷାକୁ ଗୁରୁତ୍ୱ ଦେବା ସହ ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ପିତା ଓ ମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସଂସ୍କାର ଜୀବନର ଅମୂଲ୍ୟ ସମ୍ପଦ, ଶିଶୁ ମନ୍ଦିରରେ ସଂସ୍କାରର ମୂଳମନ୍ତ୍ର ଅଟେ ଏଥିପାଇଁ ଶିଶୁ ମନ୍ଦିର ଏକ ବ୍ରାଣ୍ଡ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଥିଲେ। ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ରହି ଗୁରୁଙ୍କର ଆଜ୍ଞାଧୀନ ହୋଇ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଶିଶୁ ମନ୍ଦିରର ଶିକ୍ଷା ବ୍ୟବସ୍ଥା ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ପ୍ରଯୁଜ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି, ଗାଳ୍ପିକ ଓ ସ୍ତମ୍ଭକାର ଚନ୍ଦ୍ର ବିଜୟୀ ମିଶ୍ର ଉପସ୍ଥିତ ରହି ବିଦ୍ୟାଭାରତୀ ଯୋଜନାରେ ଗଢ଼ି ଉଠିଥିବା ଶିଶୁ ମନ୍ଦିର ଏକ ମଣିଷ ତିଆରି କାରଖାନା ବୋଲି ମତବ୍ୟକ୍ତ କରିଥିଲେ। ଏହି ଅନୁଷ୍ଠାନ ଦ୍ୱାରା ଶିଶୁଟିର ଶିକ୍ଷା ସହିତ ଆଧ୍ୟାତ୍ମିକତାର ମଧ୍ୟ ବିକାଶ ଘଟିଥାଏ ବୋଲି କହିଥିଲେ। ପରେ ମ୍ୟାଟ୍ରିକ ଟପ୍ପରଙ୍କୁ ମାନପତ୍ର ଏବଂ କ୍ରୀଡାରେ ଚାମ୍ପିଅନ ହୋଇଥିବା କ୍ରୀଡାବିତ୍‌ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅଲେଖ ଚନ୍ଦ୍ର ଦୋରା ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ବିଭୁଦତ୍ତ ମହାପାତ୍ର, ଉପସଭାପତି ପ୍ରଭାକର ଦାସ, କୋଷାଧକ୍ଷ ଏନ. ରମେଶ, ଯୁଗ୍ମ ସମ୍ପାଦିକା ସସ୍ମିତାରାଣୀ ବେହେରା, ସଦସ୍ୟ ପ୍ରହଲ୍ଲାଦ ସାହୁ ଓ ସଦସ୍ୟା ସୁମଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଶିଶୁମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଦେଇଥିଲା।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଯାପିତ

**ଜଗତସିଂହପୁର:ଏକ୍ସପ୍ରେସ୍ ନ୍ୟୁଜ୍**



ଆଜି ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ପଡିଆ ଠାରେ ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ର ଦ୍ୱିତୀୟ ବା ଉଦଯାପନୀ ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ-ଜିଲ୍ଲାପରିଷଦ-ଜଗତସିଂହପୁର ରବି ନାରାୟଣ ଜେଠୀ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିବା ବେଳେ, ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ଡା. ବୀରକିଶୋର ପରିଡା ମୁଖ୍ୟ ବକ୍ତା, ଡା. ବିଭୁ ରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ କଟକ, ଜିତେନ୍ଦ୍ର କୁମାର ବେହେରା, ଉପ- ମତ୍ସ୍ୟ ନିର୍ଦ୍ଦେଶକ କଟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଜଗତସିଂହପୁର ଡ଼ା ଅଜୟ କୁମାର ସାହୁ ସମସ୍ତ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସଭା ଶେଷରେ ମୁଖ୍ୟ ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବବ୍ରତ ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଜି ଦ୍ୱିତୀୟ ଦିବସର ସଭାରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଦ୍ୱାରା ପ୍ରେରିତ ଭିଡିଓ ଶୁଭେଚ୍ଛା ବାର୍ତ୍ତା ଓ ଅଭିଭାଷଣକୁ ଜନସାଧାରଣ ଅବଗତି ନିମନ୍ତେ ଏଲ.ଇ.ଡି ସ୍କ୍ରିନ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଏହି ମେଳାରେ ମୁଖ୍ୟ ବକ୍ତା ଓ ଅତିଥିମାନେ ଜଗତସିଂହପୁର ଜିଲ୍ଲାର ମତ୍ସ୍ୟ ଚାଷୀ ଓ ପ୍ରାଣିଧନ ଚାଷୀ ଯେପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକାରି ଯୋଜନାର ଲାଭ ପାଇପାରିବେ ଏବଂ ଆର୍ଥିକ କ୍ଷେତ୍ରରେ ଉନ୍ନତି କରି ପାରିବେ ସେଥିପାଇଁ ସେମାନଙ୍କର ଅଭିଭାଷଣ ସଚେତନ କରାଇଥିଲେ। ଏହି ଅବସରରେ ସଭାପତି ଓ ଅତିଥିମାନଙ୍କ ଦ୍ୱାରା ସଫଳ ଚାଷୀମାନଙ୍କୁ ସମ୍ମାନିତ କରାଯାଇଥିଲା। ମତ୍ସ୍ୟସମ୍ପଦ ଓ ପ୍ରାଣୀସମ୍ପଦ ବିଭାଗର ୪ଜଣ ସଫଳ ଚାଷୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ଏବଂ ତିନି ଜଣ ଚାଷୀଙ୍କୁ ଚେକ୍ ଜରିଆରେ ସରକାରୀ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୃଷକମାନେ ସେମାନଙ୍କର ସମସ୍ୟା ଓ ସନ୍ଦେହ ବୈଜ୍ଞାନିକମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ସଭାକାର୍ଯ୍ୟ ଶେଷ ହେବାପରେ ଜିଲ୍ଲା କଳା ଓ ସଂସ୍କୃତି ସଂଘ ଦ୍ୱାରା ଅନୁବନ୍ଧିତ ବିଭିନ୍ନ (ଗୋଷ୍ଠୀ) ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳାରେ ଜିଲ୍ଲାର ୮ଟି ବ୍ଲକରୁ ବହୁ ସଂଖ୍ୟାରେ ମତ୍ସ୍ୟ ଚାଷୀ ଓ ପ୍ରାଣୀସମ୍ପଦ ଚାଷୀମାନଙ୍କ ସହିତ ଜନସାଧାରଣ ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପଦ୍ମାଳୟା ସାମଲଙ୍କ 'ଭଲଲୋକ' ଲୋକାର୍ପିତ

**କେନ୍ଦ୍ରାପଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଗାଳ୍ପିକା ପଦ୍ମାଳୟା ସାମଲଙ୍କର ଦ୍ୱିତୀୟ ଗଳ୍ପ ସଂକଳନ "ଭଲଲୋକ"ଲୋକାର୍ପିତ ହୋଇଯାଇଅଛି। ପ୍ରଗତିବାଦୀ ପରିସରରେ ଅନୁଷ୍ଠିତ ପଲ୍ଲୀକବି ନନ୍ଦକିଶୋର ବଳଙ୍କର ୧୫୦ତମ ଜୟନ୍ତୀ ଉତ୍ସବ ଅବସରରେ ଅନୁଷ୍ଠିତ ସମାବେଶରେ ବିଶିଷ୍ଟ କବି ଫନୀ ମହାନ୍ତି, ଡ଼ ମଣୀନ୍ଦ୍ର କୁମାର ମେହେର, ଡ଼ ଭାଗବତ ଶୁକ୍ଳ ଏବଂ ଡ଼ ବିଜୟାନନ୍ଦ ସିଂହ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ। 'ପଶ୍ଚିମା ପବ୍ଲିକେସନ୍' ଦ୍ୱାରା ପ୍ରକାଶିତ 'ଭଲଲୋକ' ସଂକଳନରେ ସନ୍ନିବେଶିତ ଗଳ୍ପଗୁଡିକର ବିଭିନ୍ନ ଦିଗ ପ୍ରତି ଆଲୋଚକମାନେ ଆଲୋକପାତ କରି ଗଳ୍ପ ସଂକଳନଟି ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହେବବୋଲି ମତ ପ୍ରକାଶ କରିଥିଲେ। ଗଳ୍ପ ସଂକଳନର ମୁଖବନ୍ଧ ଲେଖିଥିବା ସୁସମାଲୋଚକ ପ୍ରଫେସର ଡ଼ ରଞ୍ଜିତ କୁମାର ପରିଡା ଉପସ୍ଥିତ ରହି ଗାଳ୍ପିକାଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ,ଶ୍ରୀମତୀ ସାମଲ ଡ଼େରାବିଶ ବ୍ଲକ୍ ମଲ୍ଲିକେଶ୍ୱରପୁରର ବିଶିଷ୍ଟ ସାହିତ୍ୟିକ ଯଶୋବନ୍ତ ସାମଲଙ୍କର ସହଧର୍ମିଣୀ। ବିଭିନ୍ନ ସମ୍ବାଦପତ୍ରରେ ପ୍ରକାଶିତ ତାଙ୍କର ଲେଖା ମଧ୍ୟ ବେଶ୍ ପାଠକୀୟ ସ୍ୱୀକୃତି ଲାଭ କରିଛି।

## ଚାରିଛକ ସିଏଚ୍‌ସି ସଂପ୍ରସାରଣରେ ଜମି ସାଜିଛି ବାଧକ !

**ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲାର ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ବହୁ ପୁରାତନ ଅଟେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୪ଟି ବ୍ଲକର ହଜାର ହଜାର ଜନସାଧାରଣ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ଆବଶ୍ୟକ ଜମି ନଥିବା ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରଟି ସଂପ୍ରସାରଣ ହୋଇପାରୁନାହିଁ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଓପିଡି ଗୃହ ନିର୍ମାଣ ପାଇଁ ୩ କୋଟି ଟଙ୍କା ଅର୍ଥ ମଂଜୁର ହୋଇଛି। ଏଥିପାଇଁ ୨ଏକର ଜମି ଆବଶ୍ୟକ ଥିବାରୁ ଦୀର୍ଘ ଦେଢବର୍ଷ ତଳୁ ମେଡିକାଲ କର୍ତ୍ତୃପକ୍ଷ ସ୍ଥାନୀୟ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଧା ଆଜିପର୍ଯ୍ୟନ୍ତ ଜମି ନିର୍ଦ୍ଧାରଣ ହୋଇପାରୁନାହିଁ। ଆସନ୍ତା ଆର୍ଥିକ ବର୍ଷ ପୂର୍ବରୁ ଯଦି ଜମି ନମିଳେ ତେବେ ଅର୍ଥ ଫେରିଯିବାର ସମ୍ଭାବନା ରହିଛି। ଏ ସଂପର୍କରେ ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନଙ୍କୁ ଯୋଗାଯୋଗ କରିବାରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରିରହିଛି। ଖୁବଶୀଘ୍ର ଜମି ଯୋଗାଇଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଆଗାମୀ ଆର୍ଥିକବର୍ଷ ପୂର୍ବରୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜମି ଯୋଗାଇଦେବାକୁ ଚାରିଛକ ବରିଷ୍ଠ ନାଗରୀକ ମଂଚ ସମେତ ବିଭିନ୍ନ ଅନୁଷ୍ଠାନ ତରଫରୁ ଦାବୀ କରାଯାଇଛି।

## ରୟାଲ୍ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ




**ଢେଙ୍କାନାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ସହର ନିକଟ ରଂଜାସ୍ଥିତ ରୟାଲ୍ ଇଣ୍ଟରନ୍ୟାସନାଲ୍ ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷା ରଶ୍ମିତା ବିଶୋଇଙ୍କ ତତ୍ତ୍ୱାବଧାନରେ ରଙ୍ଗାରଙ୍ଗ ବାର୍ଷିକ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶିକ୍ଷାର ମହତ୍ତ୍ୱ ବିଷୟରେ ବୁଝାଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ବିଜେପିର ବରିଷ୍ଠ ନେତା ହର୍ଷ ବର୍ଦ୍ଧନ ସିଂଦେଓ ନିଜ ଉଦବୋଧନୀ ଭାଷଣରେ ଶିକ୍ଷା, ଶିଷ୍ଟାଚାର ଓ ସଂସ୍କୃତିର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥି ଭାବରେ ଓଡ଼ିଶା ପ୍ରଶାସନିକ ଅଧିକାରୀ ତଥା ଢେଙ୍କାନାଳ ତହସିଲଦାର ସ୍ୱାଧୀନ କୁମାର ବେହେରା ଛାତ୍ରଛାତ୍ରୀଙ୍କ ନୃତ୍ୟ ପ୍ରଦର୍ଶନକୁ ପ୍ରଶଂସା କରିଥିଲେ। ପରେଶ୍ ଚନ୍ଦ୍ର ପାତ୍ର ଜିଲ୍ଲା ଶିକ୍ଷା ଅଧିକାରୀ ବାର୍ଷିକ ଉତ୍ସବରେ ଯୋଗଦେଇ ମାନ ବୃଦ୍ଧି କରିଥିଲେ। ତତ୍ ସହିତ ବିଦ୍ୟାଳୟର ପ୍ରତିଷ୍ଠାତା ଡ଼ ଅକ୍ଷୟ କୁମାର ମହାନ୍ତି, ନିର୍ଦ୍ଦେଶକ ଶିକ୍ଷାବିତ ସରୋଜକାନ୍ତ ଦାଶ, ପ୍ରଶାସକ ନେତ୍ରଜ୍ୟୋତି ମହାନ୍ତି, ସଂପାଦକ ମନୋରଂଜନ ଦାସ ଏବଂ ବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମିତା ବିଶୋଇ ବାର୍ଷିକ ଉତ୍ସବରେ ସହଯୋଗ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଏହି ରଙ୍ଗାରଙ୍ଗ ଉତ୍ସବରେ ୫୦ଟି ସାଂସ୍କୃତିକ ନାଟକ, ଯୋଗ, ସମ୍ବଲପୁରୀ, ଓଡ଼ିଶୀ, ଟାଇକୋଣ୍ଡ, ବିଭିନ୍ନ ପ୍ରକାର ଆକର୍ଷଣୀୟ ନୃତ୍ୟ ରହିଥିଲା। ମଞ୍ଚ ପରିଚାଳନା ଓ ସଂପାଦନା ଶୁଭଶଙ୍କର ପାଣିଗ୍ରାହୀ ଓ ସବିହା ବେଗମ୍ ସରସ, ସୁନ୍ଦର ଭାବରେ କରିଥିଲେ। ପୁରସ୍କାର ବିତରଣ ଦାୟିତ୍ୱରେ, ସୋନାଲି ବେହେରା ଏବଂ ଲକ୍ଷ୍ମୀ ପ୍ରିୟଦର୍ଶନୀ ସାହୁ ସୂଚାରୁ ରୂପେ କାର୍ଯ୍ୟ ନିବାହ କରିଥିଲେ। ଏହି ଉତ୍ସବର ସଂପୂର୍ଣ୍ଣ ଶୃଙ୍ଖଳା ଦାୟିତ୍ୱରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ପିତାମ୍ବର ଦାଶ ଓ ତାଙ୍କୁ ସହାୟକ କରିଥିଲେ ବିଦ୍ୟାଳୟର ସ୍ୱେଚ୍ଛାସେବକ ଛାତ୍ରମାନେ। ଉତ୍ସବର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପିତାମ୍ବର ଦାଶ। ଏହି ଉତ୍ସବକୁ ସଫଳତାର ଶୀର୍ଷରେ ପହଞ୍ଚାଇଛନ୍ତି ଆମ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ବୃନ୍ଦ।

## ସାଂସଦ ଖେଳ ମହୋତ୍ସବ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାଲିଥିବା ସାଂସଦ ଖେଳମହୋତ୍ସବର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ମ୍ୟାଚଗୁଡ଼ିକୁ ସାଂସଦ ଭର୍ତ୍ତୃହରି ମହତାବ ବୁଲି ଦେଖିବା ସହ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶନୀ ମିଶ୍ର ସାଂସଦଙ୍କ ସହ ଉପସ୍ଥିତ ଥିଲେ। ଆଜି ନିମପୁର ସ୍ପୋର୍ଟସ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ କମ ବାଳକ ଫାଇନାଲ କ୍ରିକେଟ ମ୍ୟାଚରେ କଟକ ସଦର ଦଳ ବଡ଼ମ୍ବା ଦଳକୁ ୧୦ ୱିକେଟରେ ହରାଇ ବିଜୟୀ ହୋଇଛି। ସେହିପରି ୧୭ ବର୍ଷରୁ କମ ବାଳକ କ୍ରିକେଟ ବର୍ଗରେ ବଡ଼ମ୍ବା ଦଳ ଆଠଗଡ଼ ଦଳକୁ ୪୮ ରନରେ ହରାଇ ଚମ୍ପିଆନ ହୋଇଛି। ସତ୍ୟବ୍ରତ ଷ୍ଟାଡ଼ିୟମରେ ଚାଲିଥିବା ଖୋଖୋ ଫାଇନାଲରେ ଆଠଗଡ଼ ଦଳ ବଡ଼ମ୍ବା ଦଳକୁ ହରାଇ ଚମ୍ପିଆନ ହୋଇଛି। ସେହିପରି ବାରବାଟୀ ଷ୍ଟାଡ଼ିୟମ କବାଡ଼ି ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ ଉର୍ଦ୍ଧ୍ୱ ବାଳକ ଫାଇନାଲରେ ବାରବାଟୀ କଟକ ନରସିଂହପୁରକୁ ୩୧-୨୩ ପଏଣ୍ଟରେ ପରାସ୍ତ କରି ଚାମ୍ପିଆନ ହୋଇଛି। ଏହାଛଡ଼ା ୨୫ ବର୍ଷରୁ କମ ବାଳକ କବାଡ଼ି ଫାଇନାଲରେ ବାରବାଟୀ କଟକ ଦଳ ବଡ଼ମ୍ବାକୁ ୪୨-୨୬ରେ ପରାସ୍ତ କରିଛି। ୨୫ ବର୍ଷରୁ କମ ବାଳିକା ଫାଇନାଲରେ ବାରବାଟୀ କଟକ ଚୌଦ୍ୱାରକୁ ୪୩-୯ ପଏଣ୍ଟରେ ପରାସ୍ତ କରି ଚମ୍ପିଆନ ହୋଇଛି।

### ଭ୍ରମ ସଂଶୋଧନ

'ଓଡ଼ିଶା ଏକ୍ସପ୍ରେସ୍'ରେ ୨୩, ଡିସେମ୍ବର, ୨୦୨୫ ମଙ୍ଗଳବାର ସମ୍ପାଦକୀୟ ପୃଷ୍ଠାରେ ପ୍ରକାଶିତ ପ୍ରଥମ ନିବନ୍ଧ **'ମନ୍ତ୍ରୀ, ବିଧାୟକଙ୍କ ବେତନ ବୃଦ୍ଧି: ରାଜ୍ୟ ସ୍ୱାର୍ଥରେ ନା ବ୍ୟକ୍ତି ସ୍ୱାର୍ଥରେ ?'** ନିବନ୍ଧଟି **ପ୍ରହଲାଦ କୁମାର ସିଂହଙ୍କର** ଲିଖିତ। ଭୁଲବଶତଃ ଏହା ନିର୍ମଳ ଚନ୍ଦ୍ର ସାମଲଙ୍କ ନାମରେ ପ୍ରକାଶ ପାଇଛି। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।


### AFFIDAVIT

I, **ROJALIN MALLIK (New Name)** formerly called Rojalin Mallick, Wife of- Dillip Kumar Behera, permanent resident at Vill-Raitikar, PO- Pingal, PS-Kalinganagar, Block-Sukinda, Dist- Jajpur, Odisha, PIN-755026, currently residing at same address, do hereby solemnly affirm and declare by this Affidavit No. 3162, Dated: 23.12.2025, I am the deponent of this affidavit and permanent resident of above noted address. That, for the purpose of evidencing such my determination I hereby declare that I shall at all times hereafter in all records, deeds and writings and in all proceeding, dealing and transactions private as well as public and upon all occasions whatsoever use and sign the name of **ROJALIN MALLIK (New Name)** as my name in place of and in substitution of my former name of Rojalin Mallick (Old Name). I do hereby declare that **ROJALIN MALLIK (New Name)** and Rojalin Mallick (Old Name) one and same person who is myself. That, all the facts stated above are true to the best of my knowledge and belief.

### AFFIDAVIT

I, **KOKIL BEHERA (New Name)** Wife of- Gagan Behera, permanent resident at Vill-Anantapur, Kamakhyanagar, PO/PS-Kamakhyanagar, Dist- Dhenkanal, Odisha, PIN-759018, currently residing at Vill- Pichu Basti, Surya Nagar, PO-Bhubaneswar G.P.O, PS-Capital, Unit-7, Dist-Khordha, Odisha, PIN-751001, do hereby solemnly affirm and declare by this Affidavit Regd. No. 3729, Dated: 25.11.2025, I am the deponent of this affidavit and permanent resident of above noted address. That, for the purpose of evidencing such my determination I hereby declare that I shall at all times hereafter in all records, deeds and writings and in all proceeding, dealing and transactions private as well as public and upon all occasions whatsoever use and sign the name of **KOKIL BEHERA (New Name)** as my name in place of and in substitution of my former name of Kalpana Behera (Old Name). That the purpose of name change is Aadhaar Correction (Purpose of name change & date of Birth). I do hereby declare that **KOKIL BEHERA (New Name)** and Kalpana Behera (Old Name) one and same person who is myself. That, all the facts stated above are true to the best of my knowledge and belief.


## ସ୍ୱନକ୍ଷତ୍ର ପାଳନ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ପରମ୍ପରା: ସ୍ୱାମୀ ବ୍ରହ୍ମାନନ୍ଦ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ସଦ୍‌ଗୁରୁ ଠାକୁର ସ୍ୱାମୀ ନିଗମାନନ୍ଦଙ୍କ ପ୍ରତି ସମର୍ପିତ ସନ୍ଥ, ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଭୁବନେଶ୍ୱର ଉପକଣ୍ଠ ରୁଦ୍ର ବିହାରଠାରେ ପ୍ରତିଷ୍ଠିତ ନିଗମ କଳ୍ପତରୁ ଆଶ୍ରମର ବାର୍ଷିକ ଉତ୍ସବ ଓ ପୂଜ୍ୟ ସ୍ୱାମିଜୀଙ୍କ ସ୍ୱନକ୍ଷତ୍ର ଉତ୍ସବ ଆଶ୍ରମ ପରିସରରେ ମଙ୍ଗଳବାର ମଧାହ୍ନରେ ମହାସମାରୋହରେ ପାଳିତ ହୋଇଯାଇଛି।

ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱାମୀ ବ୍ରହ୍ମାନନ୍ଦ କହିଲେ ଯେ ସ୍ୱନକ୍ଷତ୍ର ପାଳନ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ପରମ୍ପରା। ଆମ ସଂସ୍କୃତିରେ ଆମେ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କ ଜନ୍ମଦିନକୁ ରାମ ନବମୀ ଭାବେ ପାଳନ କରୁଥିବା ବେଳେ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କ ଜନ୍ମଦିନ ବା ସ୍ୱନକ୍ଷତ୍ର ଦିବସକୁ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀକୁ ଅତ୍ୟନ୍ତ ଶୁଦ୍ଧପୂତ ଭାବେ ପାଳନ କରିଥାଉ।



ସ୍ୱନକ୍ଷତ୍ରରେ ଆମେ ଘିଅଦୀପ ଜାଳି ଅଗ୍ନିଙ୍କୁ ଆବାହନ ପୂର୍ବକ ଜଗତର କଲ୍ୟାଣ ପାଇଁ ପ୍ରାର୍ଥନା କରିବା ସମୟରେ ସ୍ୱନକ୍ଷତ୍ର ପାଳନ କରି ବ୍ୟକ୍ତିଙ୍କୁ ଏକ ସକରାତ୍ମକ ମାନସିକତାରେ ବଞ୍ଚିବା ପାଇଁ ଉତ୍ସାହିତ କରିଥାଉ।

ମୁଖ୍ୟ ଅତିଥି ଦୈନିକ ପ୍ରଗତିବାଦୀର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ କହିଲେ ଯେ, ସ୍ୱାମିଜୀଙ୍କ ସ୍ୱନକ୍ଷତ୍ର ପାଳନ କରି ଆମେ ନିଜେ ନିଜକୁ ଗୌରବାନ୍ୱିତ ମନେ କରୁଛୁ। ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପାଇଁ ଜୀବନବ୍ୟାପୀ କାର୍ଯ୍ୟ କରିଥିବା ଡଃ ନଟବର ଶତପଥୀ, ଐତିହାସିକ ତଥା ଆର୍ଯ୍ୟ ଜୟଦେବଙ୍କ ପ୍ରତି ସମର୍ପିତ ପ୍ରାଣ ଡଃ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ସ୍ମାରକୀ ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଶିଷ୍ଟ ଅତିଥି ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ ଧାର୍ମିକ ଜଗତରେ ସ୍ୱାମୀ ବ୍ରହ୍ମାନନ୍ଦ ଏକ ଅନନ୍ୟ ପ୍ରତିଭା ବୋଲି କହିବା ସହ ସ୍ୱାମିଜୀ ଆମର ଇଷ୍ଟଦେବ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଜଣେ ସମର୍ପିତ ପ୍ରାଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାର୍ତ୍ତାର ସମ୍ପାଦକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଜଣେ ସିଦ୍ଧ ପୁରୁଷ ଭାବେ ବର୍ଣ୍ଣନା କରିବା ସହ ସ୍ୱାମିଜୀଙ୍କ ସ୍ପଷ୍ଟବାଦୀତା ତାଙ୍କୁ ଆଜି ଜଣେ ଶ୍ରେଷ୍ଠ ସନ୍ଥ ଭାବେ ପ୍ରମାଣିତ କରିଛି।

ସ୍ୱାଗତ କମିଟିର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ମହୋତ୍ସବରେ ବୈଷ୍ଣବ ଜଗତର ଅନନ୍ୟ ସାଧୁ ବିପିନ ବାବା କହିଲେ ଯେ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କେବଳ ଜଣେ ସାଧକ ନୁହଁନ୍ତି, ସେ ଜଣେ ଯୋଗୀ ଗୁରୁଷ ଓ ଆମ ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ପ୍ରତି ସମର୍ପିତ ପ୍ରାଣ। ସେ ଜ୍ଞାନର ଭଣ୍ଡାର ହୋଇ ମଧ୍ୟ ନିଜକୁ ଅତି ନ୍ୟୁନ ମନେ କରନ୍ତି ଯାହା ସାଧୁର ପ୍ରକୃତ ଲକ୍ଷଣ। ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆଙ୍କ ପ୍ରତି ସମର୍ପିତ ପ୍ରାଣ ବାବା ପ୍ରଣବାନନ୍ଦ ଦାସ ମନୁଭାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବିଶ୍ୱରଞ୍ଜନ, ବାସ୍ତୁବିତ ଡଃ ମନୋଜ ଲେଙ୍କା, ଡଃ ଅସିତ ମହାନ୍ତି ସ୍ୱାମିଜୀଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଡା ଆଲୋକ କୁମାର ସାହୁ, ଡଃ ପ୍ରଭାତ କୁମାର ମହାପାତ୍ର, ଗାୟକ ସୌରଭ ରବିନାରାୟଣ ତ୍ରିପାଠୀ, କୈଳାସଚନ୍ଦ୍ର ସାହୁ, ଫୋକସର ପ୍ରତିଷ୍ଠାତା ସୁଧାଂଶୁ ଶେଖର ରାଉତ, ଶ୍ରୀମତୀ କୃଷ୍ଣପ୍ରିୟା ମିଶ୍ର, ବିଷ୍ଣୁ ଚରଣ ସାହୁ, ପ୍ରଫେସର ଡଃ ଶକୁନ୍ତଳା ବଳିୟାରସିଂ, ଅମରେନ୍ଦ୍ର ମହାପାତ୍ର, ଡଃ କୁମାର ଚନ୍ଦ୍ର ମିଶ୍ର, ସୁଶ୍ରୀ ରଞ୍ଜିତା ପ୍ରିୟଭାସିନୀ, ଡଃ ରଜନୀ ରଣସିଂ, ଡଃ ଦେବଦତ୍ତ ସାମନ୍ତରାୟ, ପ୍ରକାଶକ ବିଜୟ କୁମାର ମହାପାତ୍ର, ନାରାୟଣ ଓଝା, ମାନସ ରଞ୍ଜନ ବେହେରା, ଅନିଲ ଧୀର, ଶମ୍ଭୁନାଥ ପାଣିଗ୍ରାହୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଜଗନ୍ନାଥଙ୍କ ସେବାୟତ ସାମନ୍ତ ସିଦ୍ଧେଶ୍ୱର ମହାପାତ୍ର, ମହନ୍ତ ରାମକୃଷ୍ଣ ଦାସ ମହାରାଜ, ପ୍ରଫୁଲ୍ଲ ରଥ, ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ସ୍ତମ୍ଭକାର ଶ୍ରୀ ସନ୍ନ୍ୟାସୀ, ପ୍ରଭୁ କଲ୍ୟାଣ ମହାପାତ୍ର, ବିନୋଦ ବିହାରୀ ନାୟକ, ବିନାୟକ ରଥ, ପ୍ରଶାନ୍ତ କର, ମହେନ୍ଦ୍ର ପଟ୍ଟନାୟକ, ଡାକ୍ତର ଦୀନବନ୍ଧୁ ମହାରଣା, ଗାୟକ ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ସମାଜର ମଙ୍ଗଳ ପାଇଁ ସ୍ୱାମିଜୀଙ୍କ ନିରଳସ ସାଧନା ଓ ଅନ୍ୟ ଭକ୍ତଶିଷ୍ୟମାନଙ୍କୁ ନୈତିକତା ଓ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ଏକ ଜ୍ୱଳନ୍ତ ଉଦାହରଣ ବୋଲ କହିଥିଲେ। ପ୍ରାରମ୍ଭରେ ଆଶ୍ରମର ପରିଚାଳକ ବାବା ଆନନ୍ଦ ଚୈତନ୍ୟ ବ୍ରହ୍ମଚାରୀ ସ୍ୱାଗତ ଭାଷଣ ଦେବା ସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଡଃ ମହେନ୍ଦ୍ର ପଟ୍ଟନାୟକ, ଶ୍ରୀ ବରୁଣ ରାଜ, ଅରବିନ୍ଦ ତ୍ରିପାଠୀ, ଇଂ ସନ୍ତୋଷ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 24th December, 2025 Wednesday | RNI Regd. No. ODIODI/2009/28880

## ଶାଶୁ-ବୋହୂ ଓ ପୁଅ

ହେଲ୍‌ଥ



ଟନିକ୍

ସେଦିନ ଶାଶୁ ଚିହିଁଙ୍କି ଉଠିଲେ ବୋହୂ ଉପରେ । କଡ଼ା କରି ଶୁଣେଇଦେଲେ– ଶୁଣ୍ ବୋହୂ, ତୋ ପୁଅକୁ ମୋ ପାଖରେ ଛାଡ଼ିଦେଇ ତୁ ବେଶ୍ ଏପଟ ସେପଟ ବୁଲୁଛୁ । ତୁ ତାକୁ ନିଜେ ସମ୍ଭାଳୁନୁ ! ମୁଁ କେତେ ସମ୍ଭାଳିବି ?

ବୋହୂ ଛାଡ଼ିବାର ଜନ୍ତୁ ନୁହଁ । ତତ୍‌କ୍ଷଣାତ୍ ପାଲଟା ଆକ୍ରମଣ ଆରମ୍ଭ ହୋଇଗଲା– ବୋଉ, ଟିକେ ଭାବିଚିନ୍ତି କୁହନ୍ତୁ । ଆପଣ ମୋ ପୁଅକୁ ଟିକେ ପାଖରେ ରଖୁଛନ୍ତି ବୋଲି ମୋତେ ଏତେକରି କହୁଛନ୍ତି ! ମୁଁ ପରା ୭ ବର୍ଷ ହେଲା ଆପଣଙ୍କ ପୁଅକୁ ସମ୍ଭାଳିଛି !

ଆଉଦିନେ ସେମିତି ଶାଶୁ ବୋହୂକୁ ଡାକି କହିହଲେ– ବୋହୂ, ତୋ କାମରେ କିଛି ବାଗ ସାଗ ନାହିଁ । ତୁ ଯୋଉ ଢଙ୍ଗରେ ପିଲାଙ୍କୁ ମଣିଷ କରିଛୁ ସେମିତି କେହି କରନ୍ତିନି । କିଛି ଶିଖିନୁ ତୁ ।

ବୋହୂ କହିଲା– ବୋଉ, ମୋତେ ବେଶୀ ଶିଖାନ୍ତୁନି । ଆପଣଙ୍କ ପୁଅକୁ ଆପଣ କେମିତି ମଣିଷ କରିଛନ୍ତି ମୁଁ କ'ଣ ଜାଣିନି ? ମୁଁ ପରା ସବୁଦିନ ଭୋଗୁଚି !!

# ବିରୋଧ ଯୋଗୁ ଚଉଷଠୀ ଯୋଗିନୀ ମହୋତ୍ସବ ବନ୍ଦ



**ବାଲିଅନ୍ତା, ୨୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱାରା ଆୟୋଜିତ '୧୯ତମ ଅନ୍ତର୍ଜାତୀୟ ୬୪ ଯୋଗିନୀ ମହୋତ୍ସବ'ର ଆରମ୍ଭ ଦିବସରେ ପୂର୍ବାହ୍ନ ୧୦ଟା ଠାରୁ ହରତାଳ ଆରମ୍ଭ ହୋଇଛି । ସ୍ଥାନୀୟ ଗ୍ରାମ୍ୟ କମିଟି ଓ ଆଖପାଖ ଲୋକଙ୍କ ଘୋର ବିରୋଧ ସ୍ୱରୂପ ଶତାଧିକ ମହିଳା ଓ ପୁରୁଷମାନେ ଆଜି ମହୋତ୍ସବ ପାଇଁ ସଜ୍ଜିତ ହୋଇଥିବା ମଣ୍ଡପ ଉପରେ ବସି ବିରୋଧ ପ୍ରଦର୍ଶନ କରିଛନ୍ତି । ବିରୋଧ ପ୍ରଦର୍ଶନକାରୀମାନଙ୍କ କହିବା କଥା ୨୦୦୭ ମସିହାରୁ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବର କଳେବର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କିଛି ବର୍ଷ ହେଲା ନୃତ୍ୟ ପ୍ରତିଭା ଅନୁଷ୍ଠାନ ତରଫରୁ ସ୍ଥାନୀୟ ଲୋକମାନଙ୍କୁ ଉପେକ୍ଷା କରାଗଲା । ସ୍ଥାନୀୟ ଲୋକେ ଆୟ ବ୍ୟୟର ହିସାବ ଚାହିଁବାରେ ସେମାନଙ୍କୁ ବାଦଦେଇ ନୃତ୍ୟପ୍ରତିଭା ଅନୁଷ୍ଠାନ ଦ୍ୱାରା ଏକାକି ମହୋତ୍ସବ କିଛିବର୍ଷ ଅନୁଷ୍ଠିତ ହେଉଥିଲା । ୨୦୨୩ ମସିହାରେ ସ୍ଥାନୀୟ ଜନସାଧାରଣଙ୍କ ଘୋର ବିରୋଧ ଯୋଗୁଁ ଶେଷ ମୁହୂର୍ତ୍ତରେ ଭୁବନେଶ୍ୱର ଠାରେ ଏହି ଅନ୍ତର୍ଜାତୀୟ ମହୋତ୍ସବ ୨୦୨୩ ଓ ୨୦୨୪ ଦୁଇବର୍ଷ ଧରି ଏହି ଅନୁଷ୍ଠାନ ପାଳନ କରିଥିଲା । ସମାନ୍ତରାଳ ଭାବେ ଗ୍ରାମ୍ୟ କମିଟି ମଧ୍ୟ ପୀଠଠାରେ ପାରୁ ପର୍ଯ୍ୟନ୍ତ ମହୋତ୍ସବ ପାଳନ କରି ଆସୁଥିଲେ । କିନ୍ତୁ ଚଳିତ ବର୍ଷ ପୁନଶ୍ଚ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ପୀଠଠାରେ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଘୋଷଣା ହେବା ପରେ ଏହାର ପୁନରାବୃତ୍ତିକୁ ସହଜରେ ହଜମ କରି ପାରିନଥିଲେ ସ୍ଥାନୀୟ ଲୋକେ । ମହୋତ୍ସବକୁ ବନ୍ଦ କରିବାପାଇଁ ଗ୍ରାମ୍ୟ କମିଟିର ମୁରବୀ ଆଇନ୍‌ର ଆଶ୍ରୟ ନେଇଥିଲେ । ଫଳରେ ୧୯ ତମ ମହୋତ୍ସବ କାର୍ଯ୍ୟକ୍ରମ ସଂପୂର୍ଣ୍ଣ ଭାବେ ବନ୍ଦ ହୋଇଗଲା ।

## ପ୍ରଥମ ପୃଷ୍ଠାରୁ...

### ଡିଇଓଙ୍କ ବେଖାତିର...

ଭାବେ ବୈଠକକୁ ଆସିଲେ ନାହିଁ । ତାଙ୍କୁ ଜିଲାପାଳ ଫୋନ କରି ଡାକିଲେ ମଧ୍ୟ ତାହାକୁ ସେ ଖାତିର କରିଲେ ନାହିଁ । ଯଦି ଜିଲାପାଳ ଓ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଫୋନ ଜିଲା ଶିକ୍ଷାଧିକାରୀ ନ ଧରିଲେ ତେବେ ତାଙ୍କ ବିରୋଧରେ ଜିଲାପାଳ କେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା କେବଳ ଦେଖିବାକୁ ବାକି ରହିଲା ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କର କାହାକୁ ଖାତିର ନାହିଁ । ଏମାନଙ୍କ ଉପରେ ସତେ ଯେମିତି କାହାର କିଛି ନିୟନ୍ତ୍ରଣ ନାହିଁ । ଏଥିନେଇ କିଛି ଦିନ ହେଲା ବିଭିନ୍ନ ମହଲରେ ଅଭିଯୋଗ ହୋଇ ଆସୁଥିଲା । ତେବେ ଆଜି ଅନୁଷ୍ଠିତ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ବୈଠକ ରେ ଏହା ପଦାରେ ପଡ଼ିଯାଇଛି ବହୁ ସଭ୍ୟ ନିଜର ପ୍ରତିକ୍ରିୟା ରଖିଛନ୍ତି ।

### କୋଇଲା ଧୂଆଁରେ...

ସାମ୍ନାକୁ ଆସିଛି । ଏଠାରେ ଏକ ହୋଟେଲ ରୁମ୍‌ରୁ ୫ ଜଣଙ୍କ ଶବ ଜବତ କରାଯାଇଛି, ଯେଉଁମାନଙ୍କ କି କୋଇଲା ଧୂଆଁ ପାଇଁ ପ୍ରାଣହାନୀ ଘଟିଥିବା କୁହାଯାଉଛି । ସମସ୍ତେ ଉତ୍ତର ପ୍ରଦେଶର ବୋଲି ଜଣାପଡିଛି । ସେମାନଙ୍କ ମଧ୍ୟରୁ ଚାରି ଜଣ ଶ୍ରମିକ ଏବଂ ଜଣେ ଠିକାଦାର ଭାବରେ ଚିହ୍ନଟ ହୋଇଛନ୍ତି । ସନ୍ଦେହ କରାଯାଉଛି ଯେ, ସେମାନଙ୍କର ମୃତ୍ୟୁ ଶ୍ୱାସରୁଦ୍ଧ ହୋଇ ହୋଇଛି । ପୋଲିସ ବର୍ତ୍ତମାନ ଘଟଣାର ତଦନ୍ତ କରୁଛି । ସମସ୍ତେ ହୋଟେଲ ରୁମରେ ମୃତ ଅବସ୍ଥାରେ ଥିଲେ । ପୋଲିସ ଅନୁଯାୟୀ, ମୃତକମାନେ ଉତ୍ତର ପ୍ରଦେଶର ସହାରନପୁରର ବାସିନ୍ଦା । ସେମାନେ ଜିଲ୍ଲା ଜେଲ ନିକଟରେ ଥିବା ଏକ ହୋଟେଲରେ ରଙ୍ଗ କାମ କରିବାକୁ କୁରୁକ୍ଷେତ୍ର ଆସିଥିଲେ । ମଙ୍ଗଳବାର ସକାଳେ କୋଠରୀ ବନ୍ଦ ରହିବା ପରେ, ହୋଟେଲ କର୍ମଚାରୀ ମାନେ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ । ହେଲେ ଯେତେବେଳେ ଭିତରୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ, ହୋଟେଲ ପରିଚାଳକ ଏବଂ ପୋଲିସକୁ ସୂଚନା ଦିଆଯାଇଥିଲା । କୋଠରୀ ଖୋଲିବା ପରେ, ସମସ୍ତ ପାଞ୍ଚ ଜଣଙ୍କୁ ଅଚେତ ଅବସ୍ଥାରେ ପାଇଥିଲେ ଏବଂ ପରେ ମୃତ ଘୋଷଣା କରାଯାଇଥିଲା । ବନ୍ଦ କୋଠରୀ ଭିତରୁ ଏକ କୋଇଲା ଚୁଲି ମିଳିଛି ଏବଂ ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ମୃତ୍ୟୁ ବିଷାକ୍ତ ଗ୍ୟାସ ଯୋଗୁଁ ହୋଇଛି, ଯାହାକି ଶ୍ୱାସକ୍ରିୟାରେ ଅସୁବିଧା ସୃଷ୍ଟି କରିଥିଲା । ମୃତଦେହ ଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ହସ୍ପିଟାଲକୁ ପଠାଯାଇଛି । ପୋଲିସ କହିଛି ଯେ, ପୋଷ୍ଟମର୍ଟମ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ । କୋଠରୀ ଭିତରେ ଜଳୁଥିବା ଚୁଲିରୁ ବାହାରୁଥିବା ଧୂଆଁ ଯୋଗୁଁ ଶ୍ୱାସରୁଦ୍ଧ ହୋଇ ସେମାନଙ୍କର ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି ।

### ପଞ୍ଚାୟତସ୍ତରରେ...

ଡିସ୍‌ଚାର୍ଜ ହୋଇ ଭାଗ୍ୟକୁ ଆଦରି ଗାଁକୁ ଫେରିଥିଲେ । ଲାଡୁଙ୍କ ବୟସ ଏବେ ପ୍ରାୟ ୬୦ ବର୍ଷ । ଗାଁରେ ସେ ଯେଉଁ ଝାଟିମାଟି ଘରେ ରହୁଛନ୍ତି ତା'ର କବାଟ ବି ନାହିଁ । ଖରା, ବର୍ଷା, ଶୀତ–କାକର ମାଡ଼ରେ ପଡ଼ି ରହିଛନ୍ତି ଲାଡୁ ମୁଣ୍ଡାରୀ । ତାଙ୍କ ପତ୍ନୀ ଓ ଝିଅ ରୋଜଗାର କଲେ ଖାଇବାକୁ ଦାନା ମିଳେ । ଘରୁ ଠାକୁରମୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପାଇଁ ତାଙ୍କ ପାଖରେ ସମ୍ବଳ ନଥିବାବେଳେ ସେ କିପରି ପ୍ରାୟ ୧୦୦ କିଲୋମିଟର ଦୂରରେ ଥିବା ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଭିନ୍ନକ୍ଷମ ସାର୍ଟିଫିକେଟ୍ ପାଇଁ କେତେଥର ବା ଦୌଡ଼ିପାରିବେ ? ଇତିମଧ୍ୟରେ ଶଯ୍ୟାଶାୟୀ ଲାଡୁଙ୍କର ବେଡ୍ ଶୋର୍ ହୋଇଯାଇଥିଲା । ବହୁ କଷ୍ଟରେ ତାହା ଭଲ ହୋଇଛି । ଏ ପରିପ୍ରେକ୍ଷୀରେ ଲାଡୁଙ୍କ ଭଳି ବ୍ୟକ୍ତିଙ୍କୁ କିନ୍ତୁ ଶାରୀରିକ ଭିନ୍ନକ୍ଷମ ପେନ୍‌ସନ୍ ଦେବା ପାଇଁ ପ୍ରଶାସନିକ ବ୍ୟବସ୍ଥା ତତ୍ପରତା ପ୍ରକାଶ କରୁନାହିଁ । ଏଭଳି ଉଦାହରଣ ଅନେକ । ସାମାଜିକ ନିରାପତ୍ତା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଉପ ଶାସନ ସଚିବ ଥିବା ସନ୍ନ୍ୟାସୀ ବେହେରାଙ୍କ ଭଳି ଦୃଷ୍ଟିବାଧିତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଓଏଏସ୍ ଚାକିରି ପାଇଁ ଲମ୍ବା ଲଢ଼େଇ ଲଢ଼ିବା ପ୍ରଶାସନିକ ଇତିହାସର କଥାବସ୍ତୁ ହୋଇ ରହିଯାଇଛି ।

### ଦିଲ୍ଲୀ ନିର୍ବାଚନ...

କୋଟି ଟଙ୍କା, ସିପିଏମ ୪ କୋଟି ଟଙ୍କା, ସିପିଆଇ ୪୧ ଲକ୍ଷ ଟଙ୍କା ଏବଂ ବିଏସପି ପାଖରେ ୫୮୦ କୋଟି ଟଙ୍କା ବ୍ୟାଙ୍କ ବାଲାନ୍ସ ରହିଛି । ତେବେ ବିହାର ବିଧାନସଭା ନିର୍ବାଚନ ପରେ କୌଣସି ଦଳ ଚାନ୍ଦା ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଏଯାଏଁ ତଥ୍ୟ ଦେଇନାହାଁନ୍ତି ।

# ପୁରସ୍କାର ରାଶି ବୃଦ୍ଧି ପରେ ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ମାଓବାଦୀଙ୍କ ଉପରେ ପୁରସ୍କାର ବୃଦ୍ଧି କରିଛନ୍ତି । ଏହାପରେ ଡିଜିପି ୱାଇବି ଖୁରାନିଆଙ୍କ ଉପସ୍ଥିତିରେ ମଙ୍ଗଳବାର ଦିନ ମାଲକାନଗିରି ଜିଲ୍ଲାରେ ୨୨ ଜଣ ମାଓବାଦୀ ପୁଲିସ ସମ୍ମୁଖରେ ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି । ସେମାନେ ୧୪ଟି ଲ୍ୟାଣ୍ଡମାଇନ୍ ସହିତ ଗୋଟିଏ ଏକେ-୪୭, ଏସଏଲଆର ଏବଂ ଇନସାସ୍ ରାଇଫଲ୍ ସମେତ ଅସ୍ତ୍ରଶସ୍ତ୍ର ପୁଲିସକୁ ହସ୍ତାନ୍ତର କରିଛନ୍ତି ।

ଓଡ଼ିଶା ସରକାର ମାଓ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତିକୁ ସଂଶୋଧନ କରିବା ପରେ ମାଓବାଦୀମାନଙ୍କର ଆତ୍ମସମର୍ପଣ ଘଟଣା ବୃଦ୍ଧି ପାଉଛି । ଓଡିଶା ମାଓବାଦୀଙ୍କୁ ଅଧିକ ପ୍ରୋତ୍ସାହନ ଦିଆଯାଇଛି ଏବଂ ପଡ଼ୋଶୀ ଛତିଶଗଡ଼ ତୁଳନାରେ ୧୦% ଅଧିକ ପୁରସ୍କାର ପ୍ରଦାନ କରାଯାଇଛି । ଆତ୍ମସମର୍ପଣ କରିଥିବା କ୍ୟାଡରମାନଙ୍କ ମଧ୍ୟରେ ଏସିଏମ୍ ଏବଂ ଡିସିଏମ୍ ଭଳି ବରିଷ୍ଠ ପଦବୀ ଅନ୍ତର୍ଭୁକ୍ତ, ପ୍ରତ୍ୟେକଙ୍କ ଉପରେ ୫.୫ ଲକ୍ଷ ଟଙ୍କାରୁ ୨୭.୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ରହିଛି ।

ଏମାନଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ମେମ୍ବର ରହିଥିବା ବେଳେ ୬ ଜଣ ଏରିଆ କମିଟି ମେମ୍ବର ଏବଂ ବଳକା ୧୫ ଜଣ ପାର୍ଟି ମେମ୍ବର ବୋଲି କୁହାଯାଇଛି । ଏମାନେ ହେଲେ ଡିଭିସିଏମ ସଦସ୍ୟ ମୁୟେ ମାଡକମ ଓରଫ ଲିଙ୍ଗେ(୪୫), ଏସିଏମ କମାଣ୍ଡର ବାମନ ମାଡକାମ(୨୭), ଏସିଏମ ମୁକ୍କା ମୁଚାକି(୨୨), ଏସିଏମ ଆଇତୁ ଆଭଲାମି(୨୬), ଏସିଏମ କୋସା କାବାସି(୨୫), ଏସିଏମ ବାଟି ମାଡକାମ(୨୨), ଏସିଏମ ଯୋଗୀ ମୁଚାକି(୧୯), ପାର୍ଟି ମେମ୍ବର ରିତା ପଡିଆମି(୨୨), ପାର୍ଟି ମେମ୍ବର ଯୋଗୀ ସୋଡି(୧୮), ଭୀମେ କାଲମୁ(୨୦), ମଙ୍ଗଳି ବାଞ୍ଜାମି(୨୪), ଜଗା ମୁଚାକି(୨୩), ଆଡମେ ମୁଚାକି(୧୮), ମାଡଲି କୋସା(୨୨), କୁଞ୍ଜାମ କରା(୨୫), ମାଡା ମାଡଲି(୩୦), ମୁଚାକି ଆଡମା(୧୯), ଦେବା ମାଡଲି(୩୫), ଅର୍ଜୁନ ମାଡଲି(୩୫), ସାନ୍ନା ପୁନେମ(୨୫), ସୋମେୟ ମିଡିଆମ(୧୯) ଏବଂ ବୁଦ୍ରି ମିଡିଆମ(୨୫) ।

ମାଓବାଦୀମାନେ ପୁଲିସ ନିକଟରେ ଗୋଟିଏ ଏକେ-୪୭ ବନ୍ଧୁକ,



ଏସଏଲଆର ବନ୍ଧୁକ ଗୋଟିଏ, ୨ଟି ଇନସାସ, ୩୦୩ ରାଇଫଲ ୩ଟି, ଦୁଇଟି ସିଙ୍ଗଲ ସଟ୍ ରାଇଫଲ ହସ୍ତାନ୍ତର କରିଥିବା ବେଳେ ୯ଟି ମେଗାଜିନ, ୧୫୦ଟି ଜୀବନ୍ତ ଗୁଳି, ୨୦ କିଲୋ ବିସ୍ଫୋରକ, ୧୩ଟି ଉନ୍ନତ ବିସ୍ଫୋରକ, ଜିଲେଟିନ ଷ୍ଟିକ, କୋଡେକ୍ସ ତାର, ମାଓବାଦୀ ପୁସ୍ତକ ମଧ୍ୟ ହସ୍ତାନ୍ତର କରିଛନ୍ତି ।

ଲଗାତାର ପୁଲିସର ଚଢାଉ, ରାଜ୍ୟ ସରକାରଙ୍କର ନୂଆ ଆତ୍ମନିର୍ଭରଶୀଳ ନୀତି ଓ ପୁନର୍ବାସ ନୀତି, ମାଓ ସଂଗଠନରେ ହେଉଥିବା ଭେଦଭାବ ଯୋଗୁଁ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି । ତେବେ ଛତିଶଗଡର ସମସ୍ତ ନକ୍ସଲ ଓଡିଶାରେ ଆତ୍ମସମର୍ପଣ କରିବାକୁ ପସନ୍ଦ କରିଥିଲେ । ୨୨ ଜଣ ମାଓବାଦୀଙ୍କ ନାମରେ ୧ କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କାର ପୁରସ୍କାର ରହିଥିଲା । ଏଥିସହ ଏକେ-୪୭ ଧରୁଥିବା ମାଓବାଦୀଙ୍କୁ ଅଧିକା ୩ ଲକ୍ଷ ୩୦ ହଜାର ଟଙ୍କା, ଇନସାସ ଧରୁଥିବା ନକ୍ସଲଙ୍କୁ ୧ ଲକ୍ଷ ୬୫ ହଜାର ଟଙ୍କା, ଏସଏଲଆର ବନ୍ଧୁକ ଧରୁଥିବା ନକ୍ସଲଙ୍କୁ ୧ ଲକ୍ଷ ୬୫ ହଜାର ଟଙ୍କା, ୩୦୩ ରାଇଫଲ ଧରୁଥିବା ନକ୍ସଲଙ୍କୁ ୮୨,୫୦୦ ଟଙ୍କା, ୧୨ ବୋର ବନ୍ଧୁକ ଧରୁଥିବା ନକ୍ସଲଙ୍କୁ ୩୩ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଥିସହ ସେମାନଙ୍କ ନାମରେ ଥିବା ଟଙ୍କା ମଧ୍ୟ ହସ୍ତାନ୍ତର କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ତରଫରୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

କେବଳ ଏତିକି ନୁହେଁ ସେମାନଙ୍କୁ ସ୍ୱାସ୍ଥ୍ୟ ବୀମା,୩୬ ମାସ ଧରି ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି,ବିବାହ ସହାୟତା ରାଶି ୨୫ ହଜାର ଟଙ୍କା, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ, ଆତ୍ମନିର୍ଭରଶୀଳ ପାଇଁ ତାଲିମ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜିପି ଖୁରାନା ଅନ୍ୟ ନକ୍ସଲମାନଙ୍କୁ ମଧ୍ୟ ହିଂସା ଛାଡି ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଜି ସଂଜୀବ ପଣ୍ଡା,ଡିଆଇଜି ଏସଆଇଡବ୍ଲୁ ଅଖିଲେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ବି.କେ ସିଂ,ବିଏସଏଫ ଡିଆଇଜି ବିଜୟ ସିଂ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସପି ବିନୋଦ ପାଟିଲ ଏଚ,ଅତିରିକ୍ତ ଏସପି ଆର.କେ ଦାସ ଓ ପ୍ରମୋଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ରାଜ୍ୟର ନଅ ଜିଲ୍ଲା କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡା, ରାୟାଗଡା, ଏବଂ ବୌଦ୍ଧ ମାଓବାଦୀ ପ୍ରବଣ । ସେଥିମଧ୍ୟରୁ କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା, ଏବଂ ବଲାଙ୍ଗୀର ଛତିଶଗଡ ସହିତ ସୀମା ବାଣ୍ଟିଛନ୍ତି, ଯାହାକି ମାଓବାଦୀ ଗଡ଼ ହୋଇ ରହିଛି । କନ୍ଧମାଳରେ ୩୩ ଜଣ ମାଓବାଦୀଙ୍କ ବିଷୟରେ ସୂଚନା ପ୍ରଦାନ କଲେ ନଗଦ ପୁରସ୍କାର ଘୋଷଣା କରାଯାଇଛି । ଏନେଇ କନ୍ଧମାଳ ପୁଲିସ ଏକ 'ପୋଷ୍ଟର ଅଭିଯାନ' ଆରମ୍ଭ କରି ସେଥିରେ ୩୩ ଜଣ ମାଓ ନେତାଙ୍କ ମୋଷ୍ଟ ୱାଣ୍ଟେଡ୍ ତାଲିକା ପ୍ରକାଶ କରାଯାଇଛି । କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ପାଇଁ ୧.୨ କୋଟି ଟଙ୍କା ପୁରସ୍କାର ରାଶି ରହିଛି, ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ସୁଦର୍ଶନ, ନିଖିଲ, ଅଙ୍କିତା (ଇନ୍ଦୁ ନାମରେ ମଧ୍ୟ ଜଣାଶୁଣା), ରଶ୍ମିତା ଲେଙ୍କା, ଶୁକ୍ରୁ (କୃଷ୍ଣ ନାମରେ ମଧ୍ୟ ଜଣାଶୁଣା), ଏବଂ ନିତୁଙ୍କ ପାଇଁ ପ୍ରତ୍ୟେକଙ୍କ ପାଇଁ ୬୫ ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଛି । ପ୍ଲାଟୁନ କମାଣ୍ଡର ଶିଳା ଏବଂ ରେଣୁଙ୍କୁ ୩୭.୫ ଲକ୍ଷ ଟଙ୍କା ଏବଂ ଡିଭିଜନାଲ କମିଟିର ପ୍ରତ୍ୟେକ ୧୦ ସଦସ୍ୟଙ୍କ ପାଇଁ ୩୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି ।

# କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ୨୦୨୫

**ଭୁବନେଶ୍ୱର, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କର୍ଣ୍ଣାଟକର ସମୃଦ୍ଧି ତ୍ରିପାଠୀ କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ ୨୦୨୫ ଟାଇଟଲ୍ ହାସଲ୍ କରିଛନ୍ତି । କିଟ୍ ଫିଲ୍ମ ଆଣ୍ଡ ଫେସନ ସ୍କୁଲ୍ ପକ୍ଷରୁ ଆୟୋଜିତ 'କିଟ୍ ନହ୍ନିପରୀ ଲିଟିଲ୍ ମିସ୍ ଇଣ୍ଡିଆ' ୨୦୨୫ର ଫାଇନାଲ୍ ତଥା ମେଗା ରାଉଣ୍ଡ ମଙ୍ଗଳବାର ଶେଷ ହୋଇଛି । ଫାଇନାଲ୍ ରାଉଣ୍ଡରେ ସମଗ୍ର ଦେଶରୁ ୯ ଜଣ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ସମୃଦ୍ଧି ନହ୍ନିପରୀ ମୁକୁଟ ସହ ୧୦ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ଲାଭ କରିଛନ୍ତି । ସେମିଫାଇନାଲ୍‌କୁ ୩୫ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦ଜଣ ଫାଇନାଲ୍ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହୋଇଥିଲେ । ମଧ୍ୟପ୍ରଦେଶର ପ୍ରାଞ୍ଜଳ ଶର୍ମା ପ୍ରଥମ ଉପବିଜେତା ହୋଇଥିବା ବେଳେ ତେଲେଙ୍ଗାନାର ପି ପ୍ରାରାର୍ଥନୀ ଦ୍ୱିତୀୟ ଉପବିଜେତା ହୋଇଥିଲେ । ଏହି ଦୁଇ ଉପବିଜେତାଙ୍କୁ ଯଥାକ୍ରମେ ୫ ଲକ୍ଷ ଓ ୩ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା । ଫାଇନାଲ୍ ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିଥିଲା । ଏହି ଅବସରରେ କିଟ୍ ନହ୍ନିପରୀ ମୁଖ୍ୟ ପୃଷ୍ଠପୋଷକ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଫାଇନାଲ୍ ରାଉଣ୍ଡରେ ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୪ ବିଜେତା ନିକିତା ପରୱାଲ୍, ଫେମିନା ମିସ୍ ଇଣ୍ଡିଆ ୱାର୍ଲ୍ଡ ୨୦୨୩ ବିଜେତା ନନ୍ଦିନୀ ଗୁପ୍ତା, ଫେମିନା ମିସ୍ ଇଣ୍ଡିଆ ୨୦୨୪ ପ୍ରଥମ ଉପବିଜେତା ରେଖା ପାଣ୍ଡେ, ଅଲିମ୍ପିଆନ୍ ଅମିତ ରୋହିଦାସ, ଅଲିମ୍ପିଆନ୍ ଦୂତୀ ଚାନ୍ଦ, ଡା. ଜୟନ୍ତ କୁମାର ଦାସ ପ୍ରମୁଖ ଜୁରୀ ଭାବେ ଯୋଗ ଦେଇଥିଲେ ।

ଏହି ପ୍ରତିଯୋଗିତାର ୧୦ଟି ବିଭିନ୍ନ ବିଭାଗ ଯଥା ମିସ୍ ରାପୁଞ୍ଜେଲ୍ (ସୁନ୍ଦର କେଶ) ପାଇଁ ତ୍ରିଶା ଜୈନ (ରାଜସ୍ଥାନ), ଲିଟିଲ୍ ମିସ୍ ଫଟୋଜେନିକ ପାଇଁ ପ୍ରାଞ୍ଜଳ ଶର୍ମା (ମଧ୍ୟପ୍ରଦେଶ), ଲିଟିଲ୍ ମିସ୍ ସେଲ୍‌ଫି ପାଇଁ (ଫେସ୍‌ବୁକ୍‌ରେ ସର୍ବାଧିକ ଲାଇକ୍) ସୁଦେଷ୍ଣା ଗୁରୁଙ୍ଗ (ସିକିମ), ଲିଟିଲ୍ ମିସ୍ ମୋନାଲିସା ଖୁସାଲୀ ଗୁର୍ଜର (ରାଜସ୍ଥାନ), ଲିଟିଲ୍ ମିସ୍ ଉଇଜ୍‌କିଡ୍ (କୁଇଜ୍‌ରେ ସର୍ବାଧିକ ନମ୍ବର) ଆହାନା ସିଂହ ଚୌହାନ (ଦିଲ୍ଲୀ), ମିସ୍ ସିଣ୍ଡ୍ରେଲା (ଶ୍ରେଷ୍ଠ ବ୍ୟକ୍ତିତ୍ୱ) ଶର୍ମିଷ୍ଠା ସାଇକିଆ (ଆସାମ), ମିସ୍ ଉର୍ବଶୀ (ଶ୍ରେଷ୍ଠ ଜ୍ଞାନର ଅଧିକାରିଣୀ) ସମୃଦ୍ଧି ତ୍ରିପାଠି (କର୍ଣ୍ଣାଟକ), ମିସ୍ ପର୍ସନାଲିଟି ଜିୟା ନେଭାନୀ (ରାଜସ୍ଥାନ), ମିସ୍ ଫେସନ ସ୍ୱର୍ଣ୍ଣିକା ଖୋଲିୟା (ଓଡ଼ିଶା) ଏବଂ ମିସ୍ ଫିଟ୍ ପାଇଁ ଯଶଶ୍ରୀ ସାଗରିକା (ଓଡ଼ିଶା) ପୁରସ୍କୃତ ହୋଇଥିଲେ । ପୁରସ୍କାର ବାବଦକୁ ପ୍ରତ୍ୟେକଙ୍କୁ ନଗଦ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି, ମୁକୁଟ ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା ।

ଏଥର ମୋଟ ୫୬ଲକ୍ଷ ଟଙ୍କାର ପୁରସ୍କାର ରଖାଯାଇଥିଲା । ସେଥିରୁ ଟାଇଟଲ୍ ବିଜୟିନୀଙ୍କୁ କିଟ୍



ବିଶ୍ୱବିଦ୍ୟାଳୟରେ ଯେ କୌଣସି ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶତ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୧୮ ଲକ୍ଷ ଟଙ୍କା, ୧୦ ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ ମୋଟ ୨୮ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ପ୍ରଥମ ରନର୍ସ ଅପ୍‌ଙ୍କୁ ସମୁଦାୟ ପୁରସ୍କାର ରାଶି ୧୪ ଲକ୍ଷ ଥିବା ବେଳେ ୫ଲକ୍ଷ ଟଙ୍କା ନଗଦ ଅର୍ଥ ରାଶି ଏବଂ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ କରାଯିବ । ଦ୍ୱିତୀୟ ରନର୍ସଅପ୍‌ଙ୍କୁ ମୋଟ ପୁରସ୍କାର ରାଶି ୧୨ଲକ୍ଷ ଟଙ୍କା ଥିବା ବେଳେ ୩ଲକ୍ଷ ଟଙ୍କା ନଗଦ ଅର୍ଥରାଶି ସହ କିଟ୍‌ରେ ନାମ ଲେଖାଇଲେ ୫୦ ପ୍ରତିଶତ ଫି ଛାଡ଼ ଅର୍ଥାତ ସର୍ବାଧିକ ୯ ଲକ୍ଷ ଟଙ୍କା ଫି ଛାଡ଼ର ବ୍ୟବସ୍ଥା ରହିଛି । ଅନ୍ୟାନ୍ୟ ବର୍ଗରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏସ୍ ଏନ୍ ମହାନ୍ତି ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଡ ପ୍ରବୋଧ ମହାନ୍ତି, ଇଭୋସର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ, ଏମ୍‌ଜିଏମ୍ ମିନେରାଲ୍‌ସର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଙ୍କଜ ଲୋଚନ ମହାନ୍ତି, ନହ୍ନିପରୀ ପ୍ରତିଷ୍ଠାତା ମଳୟ ମହାପାତ୍ର, ନହ୍ନିପରୀ କୋର କମିଟି ସଦସ୍ୟା ଡ. ଶ୍ରଦ୍ଧାଞ୍ଜଳି ନାୟକ ଓ ସୋମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ନିମ୍ନମାନର କାମ

# ରାସ୍ତା ମରାମତି ୧୫ଦିନ ନପୂରୁଣୁ ଉଠୁଛି ଫଡାଫଡା ପିଚୁ

**ରାଜନଗର, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସବଡିଭିଜନ ଅଧିନରେ କରାଯାଇଥିବା ରାସ୍ତାଗୁଡିକର ନିର୍ମାଣ ଓ ମରାମତି କାମ ସରିବାର ମାତ୍ର ୧୫ଦିନ ନପୁରୁଣୁ ହାତ ମାରିଲେ ଫଡାଫଡା ପିଚୁ ଉଠି ଯାଉଛି । ଯାହାକି ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ କାମର ମାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି, ଏହି ବ୍ଲକ ତିଅରଛକଠାରୁ ବେଣ୍ଢଧରପୁର ଭାୟା ଢାଗୁଆ ରାସ୍ତାରେ । ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ରାସ୍ତା ପୂର୍ବରୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଇଥିଲା । ଏହି ରାସ୍ତା ବିପର୍ଯ୍ୟସ୍ତ ହେବା ପରେ ବିଭାଗ ପକ୍ଷରୁ ପ୍ରାୟ ୧୫ଦିନ ପୂର୍ବରୁ ମରାମତି କରାଯାଇଥିଲା । ରାସ୍ତା ନିର୍ମାଣ ସମୟରେ କାର୍ପେଟ(ଚିପ୍ସ) କରାନଯାଇ ସିଲିକୋଟ(ବଜୁରୀ)ରେ ୫/୬ ଏମଏମର ପିଚୁ କାମ କରାଯାଇଥିବା ଅଭିଯୋଗ ହୋଇଛି । ଯାହାଫଳରେ ରାସ୍ତା ମରାମତି କାମ ସରିବାର ମାସଟିଏ ନହେଉଣୁ ପିଚୁ ଉଠିଯାଉଥିବା ଦେଖିବାକୁ ମିଳିଛି । ଏହି ରାସ୍ତାର ପିଚୁ ଉପରେ ଘାସ ଉଠିଲାଣି । ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବାଷଚନ୍ଦ୍ର ସାହୁଙ୍କୁ ପଚାରିବାରୁ ରାସ୍ତାମ ସଂପର୍କରେ ମୁଁ ତଥ୍ୟ ନିଶ୍ଚୟ ଦେବି । ଏସବୁ ତଥ୍ୟ କନିଷ୍ଠ ଯନ୍ତ୍ରୀ ଦେବା କଥା । ତାଙ୍କୁ ପଚାରିବା ସହିତ ରାସ୍ତାକାମକୁ ତନଖି କରିବି ବୋଲି କହି କଥାକୁ ଏଡାଇ ଯାଇଛନ୍ତି । କନିଷ୍ଠ ଯନ୍ତ୍ରୀ ସମୀର ରଂଜନ ବେହେରାଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ । ସବୁଠାରୁ ବଡକଥା ହେଉଛି, ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ସବଡିଭିଜନ କାର୍ଯ୍ୟାଳୟକୁ ମାସରେ ଥରେ କିମ୍ବା ଦୁଇଥର କେତେ ବେଳେ ଆସି ଚାଲି ଯାଆନ୍ତି, ତାଙ୍କୁ ଦେଖିବାକୁ ପାଆନ୍ତି ନାହିଁ । ଏପରି ସ୍ଥିତିରେ ରାସ୍ତା କାମ ନିମ୍ନମାନର ହେଉଥିବା ଅନୁଭବ କରି ଲୋକମାନେ କାହା ପାଖରେ ଅଭିଯୋଗ କରିବେ ଜାଣି ପାରୁନାହାଁନ୍ତି । ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ କନିଷ୍ଠ ଯନ୍ତ୍ରୀଙ୍କୁ ଫୋନ ଯୋଗେ ପ୍ରତିକ୍ରିୟା ଜାଣିବାକୁ ଯୋଗାଯୋଗ କରୁଥିଲେ ପ୍ରତିକ୍ରିୟା ଦେବାତ ଦୂରର କଥା, ଫୋନ ମଧ୍ୟ ଉଠାନ୍ତି ନାହିଁ । ଏସଂପର୍କରେ ଅଧିକ୍ଷଣ ଯନ୍ତ୍ରୀ ସୁରଜ ବିଶ୍ୱାଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କାମକୁ ଅନୁଧ୍ୟାନ କରିବେ ବୋଲି କହିଛନ୍ତି । ସୂଚନା ଥାଉକି, କେବଳ ତିଅର ଛକଠାରୁ ବେଣ୍ଢଧରପୁର ଭାୟା ଢାଗୁଆ ରାସ୍ତା ନୁହେଁ, ରାଜନଗର ବ୍ଲକ ତରପଦାମଠ ଠାରୁ କହ୍ନୁଆ ଭାୟା ଗୁଲୁଦିଆ ଚଣ୍ଡିଆପଲୀ ରାସ୍ତା ମରାମତି କାମ ଠିକାଦାର ନିଜ ଇଚ୍ଛାରେ ନିମ୍ନମାନର କାମ କରାଯାଉଥିବା ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ, ଯେଉଁ ରାସ୍ତାରେ ମରାମତି କିମ୍ବା ପୁନଃନିର୍ମାଣ କରାଯିବ, ସେ ରାସ୍ତାର କାମ ପୂର୍ବରୁ ସୂଚନା ଫଳକ ଲାଗିବାର ନିୟମ ରହିଛି । ମାତ୍ର କୌଣସି ସ୍ଥାନରେ ସୂଚନା ଫଳକଟିଏ ଲାଗୁନାହିଁ । ଯାହାଫଳରେ ବୁଦ୍ଧିଜିବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ମନରେଗାକୁ ନେଇ କଂଗ୍ରେସର ବିକ୍ଷୋଭ

**କେନ୍ଦ୍ରାପଡ଼ା, ୨୩।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ବେକାର ଯୁବକଯୁବତୀ ଓ ସାଧାରଣ ଲୋକଙ୍କର ଆତ୍ମ ନିଯୁକ୍ତି ପାଇଁ ସରକାରୀ ସ୍ତରରେ ପ୍ରଣୟନ ହୋଇଥିବା "ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ" (ଏମଜିଏନଆରଜିଏସ)ରେ ଲୋକଙ୍କୁ ବର୍ଷରେ ଏକଶହ ଦିନ କର୍ମ ଯୋଗାଇ ଦେବାର ବ୍ୟବସ୍ଥା ଥିବା ବେଳେ ସରକାର ଅଦ୍ୟାବଧି ବର୍ଷକରେ ଏକଶହ ଦିନ କର୍ମ ଯୋଗାଇବାରେ ବିଫଳ ହୋଇଛନ୍ତି । ଏଥିସହିତ କାମ ଯୋଗାଇ ନପାରିଲେ ବେକାରୀ ଭତ୍ତା ଦେବା ପାଇଁ ସରକାର ଦେଇଥିବା ପ୍ରତିଶୃତି ପ୍ରତାରଣାରେ ପୂର୍ଣ୍ଣ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି । ଆଜି ବିଜେପି ସରକାର ଅତ୍ୟନ୍ତ ନିର୍ଲ୍ଲଜ ଭାବରେ ବର୍ଷକୁ ୧୨୫ଦିନ କାମ ଯୋଗାଇ ଦେବାର ମିଥ୍ୟା ପ୍ରଲୋଭନ ଦେଖାଇ ବିଶ୍ୱ ପୂଜିତ ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେଇ ବିକୃତ ମାନସିକତାର ପରିଚୟ ଦେଇଛି ବୋଲି କଂଗ୍ରେସ କହିଛି । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନାମକୁ ବାଦ ଦେଇ ଅସମ୍ମାନିତ କରିଥିବାରୁ ଦେଶର ଜନସାଧାରଣଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି । ବିଜେପି ସରକାରର ଏହିଭଳି ହୀନ ଚକ୍ରାନ୍ତର ପ୍ରତିବାଦ କରି କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ଡାକ୍ତର ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ବିଜେପି ସରକାରର ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଇଥିଲା । ଏହି ପ୍ରତିବାଦ ବିକ୍ଷୋଭରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଫୁଲ୍ଲ କୁମାର ଦାସ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ,ଅଶୋକ କୁମାର ପ୍ରତିହାରୀ, ବିଭ୍ରାଂଶୁ ଲେଙ୍କା,ବିଭୁଭୂଷଣ ମହାପାତ୍ର, ରବିନାରାୟଣ ବେହେରା, ମଙ୍ଗୁଳି ଚରଣ ବେହେରା, ବାବୁରାମ ଜେନା, ଭାଗିରଥୀ ଜେନା, ଅଶୋକ ମୋହନ ଜେନା, ବିଧାନ ଚନ୍ଦ୍ର ସାମଲ, ନିରଞ୍ଜନ ରାଉତ, ସସ୍ମିତା ପଣ୍ଡା, ପ୍ରମିଳା ସାହୁ, ମାନଗୋବିନ୍ଦ ଦାସ, ନିଳମଣୀ ସେଠୀ, ଜଗନ୍ନାଥ ସେଠୀ, ଦର୍ପନାରାୟଣ ସାହୁ, ରଙ୍ଗଲାଲ ମଲ୍ଲିକ, ପ୍ରଦୀପ କୁମାର ରାଉତ, ପ୍ରମିଳା ମଲ୍ଲିକ, ପ୍ରଭାକର ସାହୁ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ଓ ନେତା ଉପସ୍ଥିତ ଥିଲେ ।

# ମଦ୍ୟପଙ୍କୁ ତାରାତାରିଣୀ ମନ୍ଦିର ମନା

**ପୁରୁଷୋତ୍ତମପୁର, ୨୩।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ତ୍ତମାନ ପର୍ଯ୍ୟଟନର ଋତୁ ଚାଲିଥିବାବେଳେ ଆଉ କିଛି ଦିନ ପରେ ଆସୁଛି ନୂଆବର୍ଷ । ଏହି ଅବସରରେ ଗଞ୍ଜାମ ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ମା'ଙ୍କ ଦର୍ଶନ ନମନ୍ତେ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଲାଗି ରହିବ । ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏଥିନେଇ ମନ୍ଦିର ନିର୍ବାହୀ ଅଧିକାରୀ ତଥା ତହସିଲଦାର ବିନୋଦ କୁମାର ବେହେରାଙ୍କ ସଂଯୋଜନାରେ ଛତ୍ରପୁର ଉପଜିଲାପାଳ ଶୁବାଷିଶ ବରାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ମଙ୍ଗଳବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ତାରାତାରଣୀ ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ପୁରୁଷୋତ୍ତମପୁର ତହସିଦାର ବିନୋଦ ବେହେରା ଦାୟିତ୍ୱ ନେବା ପରେ ଏହା ହେଉଛି ପ୍ରଥମ ବୈଠକ । ଏଥିରେ ପୁରୁଷୋତ୍ତମପୁର ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି ରାଜେଶ କୁମାର ନାୟକ, ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ସେବାୟତ ସଂଘ ସଭାପତି ତପନ ରଣା, ବାପୁଜି ରଣାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଏବଂ ମନ୍ଦିରର ସେବାୟତମାନେ ଯୋଗ ଦେଇଥିଲେ । ବୈଠକରେ ମନ୍ଦିରର ଉନ୍ନତି ଓ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ଅନେକ ନିଷ୍ପତ୍ତି ନିଆଯାଇଛି । ବିଷେଷକରି ମଦ୍ୟପଙ୍କ ଯୋଗୁ ବହୁ ସମୟରେ ଅପ୍ରିତିକର ଘଟଣାମାନ ଘଟୁଥିବାକୁ ଦୃଷ୍ଟିରେ ରଖି କଡା ପଦକ୍ଷେପ ନିଆଯାଇଛି । ସେ ଭକ୍ତ ହୁଅନ୍ତୁ କି ସେବାୟତ, ଯିଏବି ମଦ୍ୟପାନ କରି ଆସିଲେ ମନ୍ଦିର ମଧ୍ୟକୁ ପ୍ରବେଶ ସହ ଦର୍ଶନ ଉପରେ ସମ୍ପୂର୍ଣ୍ଣ ରୂପେ ରୋକ ଲାଗାଯାଇଛି । ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଦୀପ ଲଗାଇବାକୁ କରିବାକୁ ବାରଣ କରାଯାଇଛି, ମନ୍ଦିର ପରିସରର ସିସି କ୍ୟାମେରା ସୁଚାରୁ ରୂପେ ଚାଲିବା ନେଇ ନିଷ୍ପତ୍ତି ନିଆଯାଇଛି । ସେବାୟତମାନେ ଭକ୍ତଙ୍କୁ ଉତ୍ତମ ବ୍ୟବହାର କରିବା ସହ ଭକ୍ତମାନଙ୍କଠାରୁ ଦର୍ଶନ ଓ ନଡିଆ ଭାଙ୍ଗିବାରେ ଦକ୍ଷିଣା ସଂଗ୍ରହକୁ ବାରଣ କରାଯାଇଛି । ପିକନିକ ଲାଗି ଆସୁଥିବା ପର୍ଯ୍ୟଟକଙ୍କ ପାନୀୟ ଜଳର ସୁବିଧା ଲାଗି ନିରୁପମା ହୋଟେଲଠାରୁ ପାହାଡ ଉପର ରାସ୍ତା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପାଣି ଟ୍ୟାପମାନ ତୁରନ୍ତ ଲଗାଇବା, ମନ୍ଦିରର ସୁରକ୍ଷା ଦୃଷ୍ଟିରୁ ମନ୍ଦିର ପରିସର ମଧ୍ୟକୁ ମୋବାଇଲ ନେବା ଓ ଫଟୋ ଉଠାଇବାକୁ ବାରଣ କରାଯାଇଛି । ଏହାକୁ ଉଲଘଂନ କଲେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ମନ୍ଦିର ଗର୍ଭଗୃହରେ ସର୍ବସାଧାରଣଙ୍କ ପ୍ରବେଶ ଉପରେ ରୋକ ଲଗାଯାଇଛି । ପାହାଡ ଉପରକୁ ଯାଉଥିବା ବସରେ ଛାତ୍ରଛାତ୍ରୀଙ୍କୁ ରିହାତି ଦେବା, ପାହାଡ ଉପର ମନ୍ଦିରକୁ ଯିବାଲାଗି ରହିଥିବା ଜଙ୍ଗଲପୂର୍ଣ୍ଣ ରାସ୍ତାଟି ଅନ୍ଧକାର ରହୁଥିବାରୁ ଆଲୋକିକରଣ କରିବା ଲାଗି ପଦକ୍ଷେପ ନିଆଯିବା ସହ ମନ୍ଦିରର ତଳ ଭାଗରେ ଏକ ସ୍ଥାୟୀ ହେଲିପ୍ୟାଡ ନିର୍ମାଣ କରିବା ଭଳି ଅନେକ ପଦକ୍ଷେପମାନ ପ୍ରଶାସନ ପକ୍ଷରୁ ନିଆଯାଇଛି । ଏଥିରେ ବିଦ୍ୟୁତ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବିଶ୍ୱରଞ୍ଜନ ମହାପାତ୍ର, ଅଗ୍ନିଶମ ଅଧିକାରୀ ଆଲୋକ କୁମାର ଦଳାଇ, ପୂର୍ତ୍ତ ବିଭାଗୀୟ ଯନ୍ତ୍ରୀ ସୁରେଶ କୁମାର ମିଶ୍ରଙ୍କ ସମେତ ବହୁ ଅଧିକାରୀମାନେ ଯୋଗଦେଇଥିଲେ ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ